୬ ଶ୍ରୀଲଙ୍କା 'ଏ'କୁ ୮ ରନ୍‌ରେ ହରାଇଲା ଭାରତ 'ଏ'



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୧୩୦ ● ୧୦ ଜୁନ ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-130 ● 10th June 2026, Wednesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ୧୨ ବର୍ଷ : ବିଶ୍ୱାସର, ବିକାଶର, ଜନକଲ୍ୟାଣର

# ମୋଦୀଜୀଙ୍କ ଦୃଢ଼ ସଂକଳ୍ପବଦ୍ଧ ନେତୃତ୍ୱ ଯୋଗୁଁ ଭାରତର ବିକାଶ ରଥ ଅଟକି ନାହିଁ

ଭୁବନେଶ୍ୱର, ୯ ।୬
ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରରେ ମୋଦୀ ସରକାରଙ୍କ ୧୨ ବର୍ଷ ଏବଂ ତୃତୀୟ ପାଳିର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ କନଭେନସନ ସେଣ୍ଟରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ଉପଲବ୍ଧି ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଜୁନ୍ ୯ ତାରିଖ ହେଉଛି ଆମ ଦେଶର ଗଣତାନ୍ତ୍ରିକ ଇତିହାସରେ ଏକ ସ୍ୱର୍ଣ୍ଣିମ, ଯୁଗାନ୍ତକାରୀ ତଥା ଅଭୂତପୂର୍ବ ଦିବସ। ୨୦୨୪ ମସିହା ଆଜିର ଦିନରେ ହିଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ରମାଗତ ଭାବେ ତୃତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରି ଶାସନ ଭାର ସମ୍ଭାଳିଥିଲେ। ଆଜି କେନ୍ଦ୍ର ସରକାରଙ୍କ ନିରନ୍ତର, ସ୍ୱଚ୍ଛ ସେବା, ସୁଦୃଢ଼ ସୁଶାସନ ଓ ବ୍ୟାପକ ଗରିବ କଲ୍ୟାଣ ଅଭିଯାତ୍ରାର ୧୨ ବର୍ଷ ଏବଂ ତୃତୀୟ ପାଳିର ଦୁଇଟି ଅସାଧାରଣ, ସଫଳ ବର୍ଷ ପୂର୍ଣ୍ଣ ହୋଇଛି। ସବୁଠାରୁ ଗୌରବମୟ କଥା ହେଉଛି, ଆସନ୍ତାକାଲି ମୋଦୀଜୀ ଗଣତାନ୍ତ୍ରିକ ଭାବେ ନିର୍ବାଚିତ ଶାସନମୁଖ୍ୟ ଭାବେ ସର୍ବାଧିକ ସମୟ (୪,୩୯୯ ଦିନ) ସେବା କରିବାର ଏକ ଅଭୁତପୂର୍ବ, ନୂତନ ଜାତୀୟ କୀର୍ତ୍ତିମାନ ସ୍ଥାପନ କରିବାକୁ ଯାଉଛନ୍ତି।




ବିଗତ ଦୁଇ ବର୍ଷ ମଧ୍ୟରେ ସମଗ୍ର ବିଶ୍ୱ ଅନେକ ଭୂ-ରାଜନୈତିକ ଅସ୍ଥିରତା ଓ ଆହ୍ୱାନର ସମ୍ମୁଖୀନ ହୋଇଛି। କିନ୍ତୁ ମୋଦୀଜୀଙ୍କ ସଂକଳ୍ପବଦ୍ଧ ନେତୃତ୍ୱ ଯୋଗୁଁ ଭାରତର ବିକାଶ ରଥ ଅଟକି ନାହିଁ। ୨୦୨୦ର କୋଭିଡ୍ ମହାମାରୀ ସମୟରେ, ଯେତେବେଳେ ସାରା ବିଶ୍ୱର ଅର୍ଥନୀତି ଭାଙ୍ଗି ପଡ଼ିଥିଲା, ସେତେବେଳେ ଭାରତ ସ୍ୱଦେଶୀ ଭ୍ୟାକ୍ସିନ୍ ପ୍ରସ୍ତୁତ କରି ଜୁଲାଇ ୨୦୨୨ ସୁଦ୍ଧା ୨୦୦ କୋଟିରୁ ଅଧିକ ଡୋଜ୍ ର ମାଗଣା ଟୀକାକରଣ କରି ବିଶ୍ୱ ରେକର୍ଡ କରିଥିଲା। ମୋଦୀଜୀଙ୍କ ଦୂରଦୃଷ୍ଟି ଯୋଗୁଁ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତ ୭.୭ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରିଛି। ମୋଦୀ ସରକାରଙ୍କ ଏହି ସ୍ପଷ୍ଟ ନୀତି ଯୋଗୁଁ ଆଜି ଶତ୍ରୁ ଦେଶ ଭାରତ ବିରୋଧରେ କୌଣସି ଦୁଃସାହସ କରିବା ପୂର୍ବରୁ ୧୦ ଥର ଭାବୁଛି। 'ଅପରେସନ ସିନ୍ଦୂର' ଏହାର ସବୁଠାରୁ ବଡ଼ ଉଦାହରଣ।

ଭାରତ ଆଜି ଉଭୟ ଉର୍ଜା ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେଉଛି। ଯେଉଁ ଲକ୍ଷ୍ୟ ୨୦୩୦ ସୁଦ୍ଧା ହାସଲ ହେବାର ଥିଲା, ତାହାକୁ ଆମେ ୫ ବର୍ଷ ପୂର୍ବରୁ ଅର୍ଥାତ୍ ୨୦୨୫ ସୁଦ୍ଧା ହାସଲ କରିଛୁ।

ଦେଶର ସମୁଦାୟ ବିଦ୍ୟୁତ୍ ଉତ୍ପାଦନ କ୍ଷମତାର ୫୦ ପ୍ରତିଶତରୁ ଅଧିକ (ପ୍ରାୟ ୨୬୭ ଗିଗା-ୱାଟ୍) ଏବେ ସୌର ଓ ବାୟୁ ଶକ୍ତି ଭଳି ଅକ୍ଷୟ ଶକ୍ତିରୁ ଆସୁଛି। ପେଟ୍ରୋଲିୟମ୍ ଆମଦାନୀ ପାଇଁ ପୂର୍ବରୁ ଆମେ ୨୭ଟି ଦେଶ ଉପରେ ନିର୍ଭର କରୁଥିବା ବେଳେ ଏବେ ୪୦ଟି ରାଷ୍ଟ୍ରରୁ ଆମଦାନୀ କରି ଆମର ରିସ୍କ କମ୍ କରିଛୁ। ନିକଟରେ ୟୁଏଇ (ପୃଷ୍ଠା ୭ରେ)

## ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ବଡ ନିଷ୍ପତ୍ତି

# ଦୀଘା ଜଗନ୍ନାଥ ମନ୍ଦିରରୁ ହଟିବ 'ଧାମ' ଶବ୍ଦ

ଭୁବନେଶ୍ୱର, ୯ ।୬
ନ୍ୟୁଜ୍ ବ୍ୟୁରୋ

ପଶ୍ଚିମବଙ୍ଗର ଦୀଘା ଜଗନ୍ନାଥ ମନ୍ଦିରରୁ 'ଧାମ' ଶବ୍ଦ ହଟାଯିବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସୂଚନା ଦେଇଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଚିଠି ପରେ ମଙ୍ଗଳବାର ଦିନ ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ପୁରୀ ସାଂସଦ ସମ୍ବିତ ପାତ୍ର ଏହି ଅବସରରେ ଉପସ୍ଥିତ ଥିଲେ । ସେ ମୁଖ୍ୟମନ୍ତ୍ରୀଙ୍କ ଚିଠି ନେଇ ଶୁଭେନ୍ଦୁ ଅଧିକାରୀଙ୍କୁ ଦେଇଥିଲେ ।

ସୂଚନାଯୋଗ୍ୟ ଯେ ପଶ୍ଚିମ ବଙ୍ଗରେ ମମତା ବାନାର୍ଜୀଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଦୀଘା ଠାରେ ନିର୍ମାଣ କରାଯାଇଥିବା ଜଗନ୍ନାଥ ମନ୍ଦିରକୁ 'ଧାମ' ବୋଲି ଆଖ୍ୟା ଦିଆଯାଇଥିଲା। ଏସମ୍ପର୍କରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଚିଠି ଲେଖି 'ଦୀଘା ଜଗନ୍ନାଥ ଧାମ' ନାମକରଣ ପରିବର୍ତ୍ତନ କରି 'ଶ୍ରୀଜଗନ୍ନାଥ ମନ୍ଦିର, ଦୀଘା' ନାମ ବ୍ୟବହାର କରିବାକୁ ପ୍ରସ୍ତାବ ଦେଇଥିଲେ।

ଚିଠିରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, 'ଜଗନ୍ନାଥ ଧାମ' ନାମଟି ଐତିହାସିକ,




ଧାର୍ମିକ ଓ ସାଂସ୍କୃତିକ ଭାବରେ କେବଳ ଶ୍ରୀଜଗନ୍ନାଥ ମନ୍ଦିର ସହ ଜଡିତ। ହିନ୍ଦୁ ଧର୍ମର ଚାରି ପବିତ୍ର ଧାମ ମଧ୍ୟରୁ ପୁରୀ ଶ୍ରୀକ୍ଷେତ୍ର ଅନ୍ୟତମ। ତେଣୁ ଅନ୍ୟ କୌଣସି ମନ୍ଦିର ପାଇଁ 'ଧାମ' ଶବ୍ଦର ବ୍ୟବହାର ଶ୍ରଦ୍ଧାଳୁଙ୍କ ଧାର୍ମିକ ଭାବାବେଗକୁ ଆଘାତ ଦେଉଛି । ତେଣୁ ଏହି ମାମଲାରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ଅନୁରୋଧ କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଚିଠିରେ ଅନୁରୋଧ କରିଥିଲେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ।

ଅନ୍ୟପକ୍ଷରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗର ଦୀଘା ଠାରେ ଥିବା ଜଗନ୍ନାଥ ମନ୍ଦିର ନାମରୁ 'ଧାମ' ଶବ୍ଦକୁ ପ୍ରତ୍ୟାହାର କରିବା ପାଇଁ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସୂଚନା ଦେଇଥିବାରୁ ଆନନ୍ଦ ପ୍ରକାଶ କରିବା ସହ ଏହି ନିଷ୍ପତ୍ତି ପାଇଁ ପଶ୍ଚିମବଙ୍ଗର ନୂତନ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି। ଏହି ନିଷ୍ପତ୍ତି ମହାପ୍ରଭୁଙ୍କ ସଂସ୍କୃତିର ଶାସ୍ତ୍ରୀୟ ମାନ୍ୟତାକୁ ସୁରକ୍ଷିତ ରଖିବା ସହ ଦୁଇ ପଡ଼ୋଶୀ ରାଜ୍ୟ ମଧ୍ୟରେ ଥିବା ଭାତୃଭାବ ଏବଂ ସାଂସ୍କୃତିକ ସୌହାର୍ଦ୍ଦ୍ୟକୁ ଆହୁରି ମଜଭୁତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ମହାପ୍ରଭୁ ଶ୍ରୀ ଜଗନ୍ନାଥ ହେଉଛନ୍ତି (ପୃଷ୍ଠା ୭ରେ)

# ଦୀର୍ଘକାଳୀନ ନିର୍ବାଚିତ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରମୁଖ ବିଶ୍ୱ ନେତା

ନୂଆଦିଲ୍ଲୀ, ୯ ।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ସବୁଠାରୁ ଦୀର୍ଘ ସମୟ ଧରି ନିର୍ବାଚିତ ପ୍ରଧାନମନ୍ତ୍ରୀ ହେବା ଦିନର ପୂର୍ବ ସନ୍ଧ୍ୟାରେ ବିଶ୍ୱ ନେତାମାନଙ୍କଠାରୁ ତାଙ୍କୁ ଅଭିନନ୍ଦନର ବାର୍ତ୍ତା ମିଳିଛି। ବିଶ୍ୱର ବିଭିନ୍ନ ସ୍ଥାନରୁ ପ୍ରମୁଖ ନେତାମାନେ ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତନକାରୀ ପ୍ରଶାସନ, ଗ୍ଲୋବାଲ୍ ସାଉଥ ପାଇଁ ତାଙ୍କର ସମର୍ଥନ ଏବଂ ଏକ ସମାବେଶୀ ତଥା ଆର୍ଥିକ ଭାବରେ ପ୍ରଗତିଶୀଳ ଭାରତ ପାଇଁ ତାଙ୍କ ଦୃଷ୍ଟିକୋଣ ପ୍ରତି ସମ୍ମାନ ଜଣାଇଛନ୍ତି।

ଶ୍ରୀଲଙ୍କାର ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକ ୮ ଜୁନ୍ ୨୦୨୬ରେ ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ଏକ ଚିଠିରେ ଶ୍ରୀଲଙ୍କା ସରକାର ଏବଂ ଲୋକଙ୍କ ପକ୍ଷରୁ



ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଚିଠିରେ ସେ ଲେଖିଛନ୍ତି, ଏହି ମାଇଲଖୁଣ୍ଟ କେବଳ ଆପଣଙ୍କ କାର୍ଯ୍ୟକାଳର ବର୍ଷଗୁଡ଼ିକ ପାଇଁ ନୁହେଁ, ବରଂ ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ଲୋକମାନେ ଆପଣଙ୍କ ନେତୃତ୍ୱ ପ୍ରତି ବାରମ୍ବାର ଯେଉଁ ବିଶ୍ୱାସ ଓ ଭରସା ରଖିଛନ୍ତି ତାହାର ମଧ୍ୟ ଏକ ପ୍ରମାଣ। ଶ୍ରୀଲଙ୍କା ରାଷ୍ଟ୍ରପତି ଭାରତର ଉଲ୍ଲେଖନୀୟ ଆର୍ଥିକ ଓ ସାମାଜିକ ପରିବର୍ତ୍ତନ ଉପରେ ମଧ୍ୟ ଆଲୋକପାତ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଷ୍ଟିକୋଣ ଶ୍ରୀଲଙ୍କା ସମେତ ଭାରତର ସୀମା ବାହାରେ ଅନେକଙ୍କୁ ପ୍ରେରଣା ଦେଇଛି। ପ୍ରଧାନମନ୍ତ୍ରୀ ମୋଦୀ ୪ରୁ ୬ ଏପ୍ରିଲ ୨୦୨୫ରେ ଶ୍ରୀଲଙ୍କା ଗସ୍ତ କରିଥିଲେ। ଏହି ରାଷ୍ଟ୍ରକୁ ଏହା ତାଙ୍କର ଚତୁର୍ଥ ଗସ୍ତ ଥିଲା। ଏହି ସମୟରେ ତାଙ୍କୁ ଜଣେ ପ୍ରତିଷ୍ଠିତ ନେତୃତ୍ୱ ଭାବେ ଶ୍ରୀଲଙ୍କାର ସର୍ବୋଚ୍ଚ ନାଗରିକ ସମ୍ମାନ ମିତ୍ର ବିଭୂଷଣ ପ୍ରଦାନ କରାଯାଇଥିଲା। ଏହି ଗସ୍ତ ଭାରତର ପଡ଼ୋଶୀ ପ୍ରଥମ ନୀତିକୁ ସୁଦୃଢ଼ କରିଥିଲା। ଶ୍ରୀଲଙ୍କା ଭାରତର ଦୃଢ଼ ସହଭାଗିତାରେ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ରାଜସ୍ଥାନର ଜୟପୁରରେ ବିସ୍ଫୋରଣ ପରେ ଜଳିଲା ବାଣ ଗୋଦାମ, ୭ ଜୀବନ୍ତ ଦଗ୍ଧ
- ଓଡ଼ିଶା-ଛତିଶଗଡ଼ ସୀମାରୁ ବିପୁଳ ପରିମାଣର ମାଓ ଅସ୍ତ୍ରଶସ୍ତ୍ର ଜବତ।
- ଫ୍ରାନ୍ସ ଏବଂ ସ୍ଲୋଭାକିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ, ଇଭିଆନରେ ଜି-୭ ଶିଖର ସମ୍ମିଳନୀରେ ଯୋଗଦେବେ।
- କେନ୍ଦ୍ରାପଡାରେ ବୃକ୍ଷରୋପଣ ଓ ସ୍ୱଚ୍ଛତା ଅଭିଯାନ ଜୋରଦାର।
- ରଥଯାତ୍ରା ପାର୍କିଂ ପରିଚାଳନା ପାଇଁ ବେସରକାରୀ ସୁରକ୍ଷାକର୍ମୀ ନିଯୁକ୍ତି ହେବେ।
- ବିହାରରେ ନଦୀ ଉପରେ ଥିବା ସେତୁ ଭୁଶୁଡି ପଡି ଯାତାୟାତ ବାଧାପ୍ରାପ୍ତ।
- ସକ୍ରିୟ ହେଲା ଘୂର୍ଣ୍ଣିବଳୟ ୧୧ରୁ ପ୍ରବଳ ବର୍ଷା ସମ୍ଭାବନା।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୩୧୭ (+୧୪୭)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୦୪୦(+୧୩୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୮୭ (+୧୧୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୬୦ (+୦)

# ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ୭୫୫ଟି ନୂତନ ପଦବୀ ମଞ୍ଜୁର

ଭୁବନେଶ୍ୱର, ୯ ।୬
ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜ ଓ ଚିକିତ୍ସା ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷାଦାନ ଓ ରୋଗୀସେବାକୁ ସୁଦୃଢ଼ କରିବା ପାଇଁ ମୋଟ ୭୫୫ଟି ନୂତନ ପଦବୀ ମଞ୍ଜୁର କରାଯାଇଛି। ଏହି ନିଷ୍ପତ୍ତି କେବଳ ନୂତନ ପଦବୀ ସୃଷ୍ଟିରେ ସୀମିତ ନୁହେଁ ବରଂ ରାଜ୍ୟରେ ଚିକିତ୍ସା ଶିକ୍ଷାର ଗୁଣବତ୍ତା ବୃଦ୍ଧି, ଦକ୍ଷ ଡାକ୍ତର ସୃଷ୍ଟି ଏବଂ ରୋଗୀଙ୍କୁ ଅଧିକ ଉନ୍ନତ ଓ ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ଏକ ଦୂରଦର୍ଶୀ ପଦକ୍ଷେପ ।



ମଞ୍ଜୁର ହୋଇଥିବା ପଦବୀଗୁଡ଼ିକ ମଧ୍ୟରେ ୭ଟି ପ୍ରଫେସର, ୩୫ଟି ଆସୋସିଏଟ ପ୍ରଫେସର, ୫୦ଟି ଆସିଷ୍ଟାଣ୍ଟ ପ୍ରଫେସର, ୨୯ଟି ଟ୍ୟୁଟର, ୨୪୮ଟି ସିନିୟର ରେସିଡେଣ୍ଟ, ୧୯୦ଟି ଜୁନିୟର ରେସିଡେଣ୍ଟ (ଏମ୍‌ବିବିଏସ୍), ୧୧୨ଟି କାଜୁଆଲଟି ମେଡିକାଲ ଅଫିସର (ସିଏମ୍‌ଓ) ଏବଂ ୮୪ଟି ବ୍ଲଡ୍ ବ୍ୟାଙ୍କ ଅଫିସର (ବିବିଓ) ପଦବୀ ରହିଛି। ଏହି ପଦବୀଗୁଡ଼ିକ ପୂରଣ ହେବା ପରେ ମେଡିକାଲ କଲେଜଗୁଡ଼ିକରେ ଶିକ୍ଷକ ଏବଂ ଚିକିତ୍ସକଙ୍କ ଉପଲବ୍ଧତା ବୃଦ୍ଧି ପାଇବ, ଯାହା ଚିକିତ୍ସା ଶିକ୍ଷା ଓ ରୋଗୀସେବା ଉଭୟ କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ପକାଇବ।

ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର (ପୃଷ୍ଠା ୭ରେ)

# ଗୃହରକ୍ଷୀଙ୍କ ଦୈନିକ ଭତ୍ତା ୬୫୦ ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର, ୯ ।୬
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଗୃହରକ୍ଷୀମାନଙ୍କ ଦୈନିକ ଭତ୍ତା (ଡିସିଏ) ୬୩୯ ଟଙ୍କାରୁ ୬୫୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ଏହି ବର୍ଦ୍ଧିତ ଭତ୍ତା ୨୦୨୬ ଜାନୁଆରୀ ୧ ତାରିଖରୁ ଲାଗୁ ହେବ।

ସୂଚନାଯୋଗ୍ୟ ଯେ, ୨୦୨୫ ଜୁଲାଇ ପହିଲାରେ ଗୃହରକ୍ଷୀଙ୍କ ଦୈନିକ ଭତ୍ତା ୬୨୩ରୁ ୬୩୯ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ନିୟମିତ (ପୃଷ୍ଠା ୭ରେ)

# ଟିକସ ମୁକ୍ତ ହେଲା ଓଡିଆ ଚଳଚ୍ଚିତ୍ର 'ମେହେର ମୁଣ୍ଡା'

ଭୁବନେଶ୍ୱର, ୯ ।୬
ନ୍ୟୁଜ୍ ବ୍ୟୁରୋ

ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ନିକୁଞ୍ଜ ହୋତାଙ୍କ ଦ୍ୱାରା ନିର୍ଦ୍ଦେଶିତ ଓଡିଆ ଚଳଚ୍ଚିତ୍ର 'ମେହେର ମୁଣ୍ଡା'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରମୁକ୍ତ ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ଅନୁମୋଦନ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଓଡିଶାର ହସ୍ତତନ୍ତ ବୁଣାକାର ସଂପ୍ରଦାୟଙ୍କ ଜୀବନ, ସଂଘର୍ଷ, ସହନଶୀଳତା ଓ ସଫଳତା ଉପରେ ଆଧାରିତ ଏହି ଚଳଚ୍ଚିତ୍ର ୨୦୨୬ ମେ ୧୫ ତାରିଖରେ




ମୁକ୍ତିଲାଭ କରିଛି। ଓଡିଶାର ମହାନ ପାରମ୍ପରିକ ଐତିହ୍ୟ ଓ କାରିଗରୀ କୌଶଳକୁ ଏହି ଚଳଚ୍ଚିତ୍ର ମାଧ୍ୟମରେ ନିଚ୍ଛକ ଭାବେ ପ୍ରଦର୍ଶିତ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଏହାକୁ କରମୁକ୍ତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

# ଦେବାଶିଷ ସାମନ୍ତରାୟଙ୍କ ପ୍ରାର୍ଥୀପତ୍ର କାଏମ୍

ଭୁବନେଶ୍ୱର, ୯ ।୬ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟସଭା ଉପନିର୍ବାଚନ ପାଇଁ ବିଜେପି ରାଜ୍ୟସଭା ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କ ପ୍ରାର୍ଥୀପତ୍ର କାଏମ୍ ରହିଛି। ଯାଞ୍ଚ ପରେ ଦେବାଶିଷ ସାମନ୍ତରାୟଙ୍କ ୪ ସେଟ୍ ପ୍ରାର୍ଥୀପତ୍ର କାଏମ୍ ରହିଥିବା ସୂଚନା ମିଳିଛି।

ଆସନ୍ତା ୧୮ ତାରିଖରେ ରାଜ୍ୟସଭା ଉପ ନିର୍ବାଚନ ହେବାକୁ ଯାଉଛି। ରାଜ୍ୟସଭା ଉପନିର୍ବାଚନ ପାଇଁ ଗତ ୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେପି ପ୍ରାର୍ଥୀ ଭାବେ ଦେବାଶିଷ ସାମନ୍ତରାୟ ନାମାଙ୍କନ ଭରିଥିଲେ ।




## ଏକାଳ ପଖାଳ




ଦିଦି ଭାବିଥିଲେ ତିଆରି କଲେ ସେ
ଦୀଘାରେ ନୂତନ ଧାମ
ମହାପ୍ରଭୁଙ୍କ ସହ ଖେଳିଥିଲେ
ବୁଦ୍ଧି ହେଇଥିଲା ବାମ
ସେ ପାଇଁ ପାଇଲେ ନାମ
ଅଧିକାରୀ ଅଧିକାର କରି
'ଧାମ' କାଟିକଲେ କାମ।

# ଭାରତର ୧୨ ପରମାଣୁ ଅସ୍ତ୍ର ମୁତୟନ



ନୂଆଦିଲ୍ଲୀ, ୯ ।୬

ଭାରତର ପ୍ରତିରକ୍ଷା ଓ ସାମରିକ ରଣନୀତି କ୍ଷେତ୍ରରେ ଏକ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି। ସୁରକ୍ଷା ସମ୍ବନ୍ଧୀୟ ବିଶ୍ୱସ୍ତରୀୟ ସଂସ୍ଥା 'ଷ୍ଟକହୋମ୍ ଅନ୍ତର୍ଜାତୀୟ ଶାନ୍ତି ଅନୁସନ୍ଧାନ ପ୍ରତିଷ୍ଠାନ' ପକ୍ଷରୁ ପ୍ରକାଶିତ ନୂତନ ରିପୋର୍ଟ ଅନୁଯାୟୀ, ଭାରତ ପ୍ରଥମ ଥର ପାଇଁ ନିଜର ୧୨ଟି ପରମାଣୁ ଯୁଦ୍ଧାସ୍ତ୍ରକୁ ସମ୍ପୂର୍ଣ୍ଣ ସକ୍ରିୟ କରି କାର୍ଯ୍ୟକ୍ଷମ ଭାବେ ମୁତୟନ କରିଛି। ଏହା ପୂର୍ବରୁ ଭାରତୀୟ ସାମରିକ ଇତିହାସରେ କେବେ ହେଲେ ଶାନ୍ତି ସମୟରେ ପରମାଣୁ ବୋମାକୁ କ୍ଷେପଣାସ୍ତ୍ର ସହ ଯୋଡ଼ି ପ୍ରସ୍ତୁତ ଅବସ୍ଥାରେ ରଖାଯାଉ ନଥିଲା। ଏହି ପଦକ୍ଷେପ ଦେଶର ପ୍ରତିରକ୍ଷା ପ୍ରସ୍ତୁତିକୁ ଏକ ନୂତନ ସ୍ତରକୁ ନେଇଯାଇଛି। ଭାରତର ପୁରୁଣା ନୀତିରେ ବଡ଼ ବଦଳ ଏସିଆରେ ହଇଚଇ ସୃଷ୍ଟି କରିଛି।

ବିଗତ ଦଶନ୍ଧି ଗୁଡ଼ିକରେ ଭାରତର ପରମାଣୁ ରଣନୀତି ଥିଲା ଯେ, ପରମାଣୁ ଯୁଦ୍ଧାସ୍ତ୍ର ଏବଂ ସେଗୁଡ଼ିକୁ ଶତ୍ରୁପକ୍ଷ ଉପରକୁ ନିକ୍ଷେପ କରୁଥିବା କ୍ଷେପଣାସ୍ତ୍ର ଓ ଅନ୍ୟ ପରିବହନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅଲଗା ଏବଂ ସୁରକ୍ଷିତ ସ୍ଥାନରେ ସଂରକ୍ଷିତ କରି ରଖାଯାଉଥିଲା। ଜରୁରୀକାଳୀନ ପରିସ୍ଥିତିରେ ହିଁ ସେଗୁଡ଼ିକୁ ଏକାଠି କରାଯାଉଥିଲା। ମାତ୍ର 'ସିପ୍ରି'ର ସାମ୍ପ୍ରତିକ ଆକଳନ ଅନୁଯାୟୀ, (ପୃଷ୍ଠା ୭ରେ)

# ପିଓକେରେ ପାକିସ୍ତାନ ସେନାର ନରସଂହାର

ଇସଲମାବାଦ, ୯ ।୬

ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ରେ ପାକ୍ ସେନାର ନରସଂହାର। ବିକ୍ଷୋଭକାରୀଙ୍କ ଉପରକୁ ଆଖିବୁଜା ଗୁଳି ମାଡ଼ କରିଛି ପାକିସ୍ତାନ ସେନା। ଏଥିରେ ୩୦ ଜଣ ବିକ୍ଷୋଭକାରୀ ପ୍ରାଣ ହରାଇଥିବା ବେଳେ ୨୦୦ରୁ ଅଧିକ ଗୁଳି ମାଡ଼ରେ ଆହତ ହୋଇଛନ୍ତି।

ଯୁଗ୍ମ ଆବାମୀ ଆକ୍ସନ କମିଟି(ଜେଏଏସି) ନାମକ ସଂଗଠନର ଆନ୍ଦୋଳନ ବେଳେ ପାକିସ୍ତାନ ସେନା ଏପରି ନରସଂହାର କରିଛନ୍ତି। ପିଓକେର ଆର୍ଥିକ ସ୍ଥିତି ଓ ରାଜନୈତିକ ପାତରଅନ୍ତର ବିରୋଧରେ ଜେଏଏସି ଆନ୍ଦୋଳନ ଡାକରା ଦେଇଥିଲା।

ପ୍ରଥମେ ସରକାର ଏଥିପାଇଁ ଅନୁମତି ଦେଇ ନଥିଲେ। ତଥାପି ହଜାର ହଜାର ଲୋକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିନା ଅନୁମତିରେ ବିକ୍ଷୋଭ ହେଉଥିବାରୁ ପାକିସ୍ତାନ ସେନା ଲୋକଙ୍କୁ ଉପରକୁ ଗୁଳି ମାଡ଼ କରିଛି।

ମିଳିଥିବା ସୂଚନା ଅନୁସାରେ, ଜେଏଏସିକୁ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବିକ୍ଷୋଭ ପାଇଁ ଅନୁମତି ମିଳି ନଥିଲା। ତେବେ ଶୁକ୍ରବାର ରାୱାଲାକୋଟରେ ଜଣେ ବ୍ୟବସାୟୀଙ୍କୁ ସୁରକ୍ଷାକର୍ମୀ ଗୁଳି ମାରିବା ପରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ରବିବାର ରାୱାଲାକୋଟରେ ସୁରକ୍ଷାକର୍ମୀ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଦେଖାଯାଇଥିଲା। ରାୱାଲାକୋଟର କମିଶନର ସରଦାର ୱାହିଦ ଖାନଙ୍କ କହିବା କଥା ଯେ ଜେଏଏସି ସମର୍ଥକମାନେ ଗୋଟିଏ ହସ୍ପିଟାଲର ଶବ (ପୃଷ୍ଠା ୭ରେ)

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୦ ଜୁନ ୨୦୨୬ ବୁଧବାର





# ରାଜ୍ୟସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପାଳନ ଅବସରରେ ଜନସମ୍ପର୍କ କାର୍ଯ୍ୟକ୍ରମ ପ୍ରସ୍ତୁତି

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳ କାର୍ଯ୍ୟକାଳ ପୂର୍ତ୍ତି ଉତ୍ସବ ଏବଂ ଏଥିପାଇଁ ଆୟୋଜିତ ହେବାକୁ ଥିବା ଆଗାମୀ ଜନସମ୍ପର୍କ କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟବ୍ୟାପୀ ଜନସମ୍ପର୍କ ଅଭିଯାନର ଏକ ଅଂଶ ଭାବରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରସ୍ତାବିତ କାର୍ଯ୍ୟକଳାପଗୁଡ଼ିକର ସମୀକ୍ଷା କରାଯାଇଥିଲା। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ବିଗତ ଦୁଇ ବର୍ଷ ମଧ୍ୟରେ ସରକାରଙ୍କ ସଫଳତା, ଜନକଲ୍ୟାଣକାରୀ ପଦକ୍ଷେପ ଏବଂ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ଲୋକଲୋଚନକୁ ଆଣିବା। ଜିଲ୍ଲା ମୁଖ୍ୟାଳୟସ୍ଥିତ ଓସ୍ୱାନ ହଲରୁ କେନ୍ଦୁଝର ଜିଲ୍ଲାପାଳ ଶ୍ରୀବିଶାଳ ସିଂହଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଏହି ଆଭାସୀ ବୈଠକରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ସଫଳ ରୂପାୟନ, ସର୍ବାଧିକ ଜନସାଧାରଣଙ୍କ ଭାଗିଦାରୀ ନିଶ୍ଚିତ କରିବା ଏବଂ ସରକାରୀ ଯୋଜନା ଓ ସେବା ବିଷୟରେ ତଥ୍ୟର ପ୍ରଭାବଶାଳୀ ପ୍ରସାର ପାଇଁ ରଣନୀତି ଉପରେ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜନସମ୍ପର୍କ କାର୍ଯ୍ୟକ୍ରମଗୁଡ଼ିକର ସୁଚାରୁ ପରିଚାଳନା ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱିତ ପ୍ରୟାସ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ ଏବଂ ଅଧିକାରୀମାନଙ୍କୁ ଆଗୁଆ ଆବଶ୍ୟକୀୟ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ସରକାରଙ୍କ ସଫଳତା ପ୍ରଦର୍ଶନ କରିବା ସହ ସମଗ୍ର ରାଜ୍ୟରେ ନାଗରିକମାନଙ୍କ ସହ ସମ୍ପର୍କକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି। କେନ୍ଦୁଝର ଜିଲ୍ଲାରେ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ଏବଂ ଏହା ସହିତ ଜଡ଼ିତ ଜନସମ୍ପର୍କ କାର୍ଯ୍ୟକ୍ରମର ସଫଳ ପାଳନ ପାଇଁ ଜିଲ୍ଲା ଅଧିକାରୀମାନେ ସମ୍ପୂର୍ଣ୍ଣ ସହଯୋଗ ଓ ପରସ୍ପର ସହିତ ସମନ୍ୱୟନ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଶ୍ରୀ ସିଂହ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

# କେସ ଫାଇଲ, ଚାର୍ଜସିଟ୍ ଓ ତଦନ୍ତ ଭୟରେ ସାଇବର ଥାନା ପୁଲିସ୍ : ଠକାମି ୧ ଲକ୍ଷରୁ କମ୍ ହେଲେ ଶୁଣୁନି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ସାଇବର ଅପରାଧୀଙ୍କ କାରନାମା ବଢ଼ିବାରେ ଲାଗିଛି । ଲୋକ ନ୍ୟାୟ ପାଇଁ ପୁଲିସ୍ ପାଖକୁ ଯାଉଛନ୍ତି । ପୁଲିସ୍ ଅପରାଧୀଙ୍କୁ ଧରି ନ୍ୟାୟ ଦେବା ବଦଳରେ ଏତଲାକାରୀଙ୍କୁ ମାନସିକ ନିର୍ଯାତନା ଦେଉଛି । ଏମିତି କି ଲିଖିତ ଅଭିଯୋଗ ପାଇବା ପରେ ବି ମାମଲା ରୁଜୁ କରିବାକୁ ପୁଲିସ କୁନ୍ଥ କୁନ୍ଥ ହେଉଛି। ଗତ ୫ ମାସ (ଜାନୁଆରୀ ୧ରୁ ମେ’ ୩୧ ତାରିଖ)ରେ ଭୁବନେଶ୍ୱର ସାଇବର ଥାନାକୁ ଆସିଥିବା ୯ ଶହ ୭୦ ଅଭିଯୋଗ ମଧ୍ୟରୁ କେବଳ ୭୫ଟି ମାମଲା ରୁଜୁ ହେବା ଏୟା ହିଁ ବୟାନ କରୁଛି। ଚାର୍ଜସିଟ୍ ଓ ତଦନ୍ତ ଭୟରେ ପୁଲିସ୍ ଏମିତି କରୁଥିବା ଅଭିଯୋଗ ହୋଇଛି। କମିଶନରେଟ୍ ପୁଲିସ୍ ରିପୋର୍ଟ କହୁଛି, ଗତ ୫ ମାସ ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ କମିଶନରେଟ୍ ପୁଲିସ୍ ଭୁବନେଶ୍ୱର ସାଇବର ଓ ଅର୍ଥନୈତିକ ଅପରାଧ ଥାନାକୁ ୨୫୭୬ଟି ଅଭିଯୋଗ (ଲିଖିତ ଓ ଫୋନ୍ ଯୋଗେ) ଆସିଥିଲା । ସେ ମଧ୍ୟରୁ ୧୩୦୬ଟି କେବଳ ଭୁବନେଶ୍ୱରର ହୋଇଥିବାବେଳେ ବାକି ପୁରୀ, ଖୋର୍ଦ୍ଧା, ନୟାଗଡ଼, ଯାଜପୁର, କେନ୍ଦ୍ରାପଡ଼ା, କଟକ ଗ୍ରାମାଞ୍ଚଳ, ଢେଙ୍କାନାଳ ଭଳି ପୁଲିସ୍ ଜିଲ୍ଲାରୁ ଆସିଥିଲା । ଜାନୁଆରୀରେ ୩୮୯ ଜଣ, ଫେବ୍ରୁଆରୀରେ ୨୭୬, ମାର୍ଚ୍ଚରେ ୪୫୪, ଏପ୍ରିଲରେ ୨୫୬, ମେ’ ସୁଦ୍ଧା ୬୩ ଜଣ ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆସିବା ପରେ ମାମଲା ରୁଜୁ ହେବ କି ନା ସେ ବିଷୟରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ଥାନା ଆଇଆଇସି। ଅନୁମତି ମିଳିବା ପରେ ମାମଲା ରୁଜୁ ହେଉଛି । ନ ହେଲେ ସେମିତି ପଡି ରହୁଛି ଅଭିଯୋଗ । ମୋଟ୍ ଲିଖିତ ଅଭିଯୋଗ ମଧ୍ୟରୁ ପୁଲିସ୍ ମାତ୍ର ୭୫ଟି ମାମଲା ରୁଜୁ କରିଛି । ଯେଉଁମାନେ ସାଇବର ଠକଙ୍କ ପଞ୍ଝାରେ ପଡ଼ି ୫ ଲକ୍ଷରୁ ଅଧିକ ଟଙ୍କା ହରାଉଛନ୍ତି ପୁଲିସ୍ କେବଳ ସେହି ମାମଲା ରୁଜୁ କରୁଛି । ଠକାମି ୧ ଲକ୍ଷରୁ କମ୍ ହେଲେ ପୁଲିସ୍ ସେମାନଙ୍କ ଅଭିଯୋଗ ଗ୍ରହଣ କରୁଛି ସତ କିନ୍ତୁ ମାମଲା ରୁଜୁ କରୁନାହିଁ।

ପୁଲିସ୍ ମାମଲା ରୁଜୁ ନ କରିବାର ମୁଖ୍ୟ କାରଣ ହେଲା ତଦନ୍ତ ଓ ଚାର୍ଜସିଟ୍‌ର ଭୟ । ସାଇବର ଅପରାଧୀମାନେ ଠକାମିର ଶିକାର ବ୍ୟକ୍ତିଙ୍କ ଆକାଉଣ୍ଟରୁ ଟଙ୍କା ନେଇ ଏମିତି ସ୍ଥାନରେ ବିନିଯୋଗ କରୁଛନ୍ତି ତାକୁ ଧରିବା ପୁଲିସ୍ ପାଇଁ କାଠିକର ପାଠ ହେଉଛି । କାରଣ ଓଡ଼ିଶା ପୁଲିସ୍ ପାଖରେ ଜଣେ ହେଲେ ବି ଆଇଟି ବିଶେଷଜ୍ଞ ନାହାନ୍ତି । ରାଜ୍ୟରେ ଥିବା ସାଇବର ଥାନାରେ ପ୍ରାୟ ୨୦ ପ୍ରତିଶତଙ୍କୁ ଛାଡି ଦେଲେ ବାକି ସବୁ ଅନଭିଜ୍ଞ ଅଛନ୍ତି । ଯେଉଁଥିପାଇଁ ଅଭିଯୋଗ ପରେ ତଦନ୍ତ ଭୟରେ ମାମଲା ରୁଜୁ କରିବାକୁ ଲୋକଙ୍କୁ ସିଧା ମନା କରି ଦେଉଛି ପୁଲିସ ।

ଗତ ୫ ମାସରେ ଭୁବନେଶ୍ୱରରୁ ୧୫ କୋଟିରୁ ଅଧିକ ଟଙ୍କା ଲୁଟି ନେଇଛନ୍ତି ସାଇବର ଅପରାଧୀ । ପୁଲିସ୍ ମାତ୍ର ୧୦ରୁ ୧୫ ଲକ୍ଷ ଟଙ୍କା ବ୍ଲକ୍ କରିବାରେ ସକ୍ଷମ ହୋଇଛି । ଏନେଇ କମିଶନରେଟ୍ ପୁଲିସ୍‌ର ଜଣେ ବରିଷ୍ଠ ଆଇପିଏସ୍ ଅଫିସର କହିଛନ୍ତି, ଥାନାରେ କୌଣସି ସାଇବର ବିଶେଷଜ୍ଞ ନାହାନ୍ତି । ଅଫିସରମାନଙ୍କୁ ଯେତିକି ତାଲିମ୍ ଦିଆଯାଇଥିଲା ତାହକୁ ନେଇ ସେମାନେ କାମ କରୁଛନ୍ତି ।

ପ୍ରତ୍ୟେକ ଦିନ ୩୦ରୁ ୪୦ ଲୋକ ବିଭିନ୍ନ ଅଭିଯୋଗ ନେଇ ଆସୁଛନ୍ତି । ୨ରୁ ୩ ହଜାର ଟଙ୍କା ହରାଇଥିବା ବ୍ୟକ୍ତି ମଧ୍ୟ ଆସୁଛନ୍ତି । ଯଦି ସବୁ ଅଭିଯୋଗର ମାମଲା ରୁଜୁ କରାଯିବ ତେବେ ବର୍ଷକରେ ଗୋଟିଏ ଥାନାରେ ୪ ହଜାରରୁ ଅଧିକ ମାମଲା ହେବ । ସେ ସବୁ ମାମଲାର ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିବାକୁ ପୁଲିସ୍ ପାଖରେ ସମୟ ନାହିଁ କି କର୍ମଚାରୀ ନାହାନ୍ତି । ସେଥିପାଇଁ ବଛା ବଛା ଅଭିଯୋଗରେ ମାମଲା ରୁଜୁ ହେଉଛି।

# ଶାରୀରିକ ଓ ମାନସିକ ଉପକାରିତା ଉପରେ ଯୋଗାଭ୍ୟାସର ଗୁରୁତ୍ୱ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କର କ୍ରୀଡା ଓ ଯୁବସେବା ବିଭାଗର ପ୍ରୟାସ ଏବଂ ଜିଲ୍ଲା ପ୍ରଶାସନ କ୍ରିଡା ବିଭାଗ ସହଯୋଗରେ ଇଣ୍ଡୋର ଷ୍ଟାଡିୟମ୍‌ରେ ଏକ ସପ୍ତାହ ବ୍ୟାପୀ ଗ୍ରୀଷ୍ମକାଳୀନ ଯୋଗ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଯୋଗ ଅନୁଷ୍ଠାନରୁ ଶତାଧିକ ଛାତ୍ର/ଛାତ୍ରୀ ଓ ଯୋଗ ପ୍ରେମୀ ଅଂଶଗ୍ରହଣ କରିଛନ୍ତି। ଯୋଗ ଶିବିରଟି ପ୍ରତ୍ୟେକ ଦିନ ସକାଳ ୭ଟାରୁ ୮ଟା ଏବଂ ସନ୍ଧ୍ୟା ୫ଟାରୁ ୬ଟା ପର୍ଯ୍ୟନ୍ତ ଚାଲୁ ରହିବ। କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ ଏହାକୁ ଆନୁଷ୍ଠାନିକ ଭାବେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଯୋଗାଭ୍ୟାସର ଶାରିରୀକ ଓ ମାନସିକ ଉପକାରିତା ଉପରେ ଆଲୋଚନା କରି ଉପସ୍ଥିତ ଥିବା ଛାତ୍ର/ଛାତ୍ରୀଙ୍କୁ ନିୟମିତ ଯୋଗ କରିବା ପାଇଁ ଉପଦେଶ ଦେଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଖେଲୋ ଇଣ୍ଡିଆରେ ଯୋଗ ପ୍ରଶିକ୍ଷକ ଟୁଲୁ ମଲ୍ଲିକ, ସଂଜୟ ମଥାନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଯୋଗ ଶିବିରରେ ପ୍ରତିଭାବନ ଖେଳାଳୀଙ୍କୁ ଚିହ୍ନଟ କରାଯାଇ ରାଜ୍ୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗୀତା ପାଇଁ ମନୋନୀତ କରାଯିବ।

# ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀଙ୍କ ଦ୍ୱାରା ପ୍ରଧାନ ଶିକ୍ଷକଙ୍କୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ ପରିବେଶ ଦିବସ ଅବସରରେ ରମ୍ଭା ପି.ଏମ.ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକୃତି ମିତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି । ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ଦିଗରେ ବ୍ୟାପକ ବୃକ୍ଷରୋପଣ ଓ ଜନଜାଗରଣ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ଏକକ ବ୍ଲକ୍ ସ୍ତରୀୟ ବିଦ୍ୟାଳୟ ଭାବେ ଏହି ବିଦ୍ୟାଳୟକୁ ମନୋନୀତ କରାଯାଇଛି। ସେଥିପାଇଁ ବିଶ୍ୱ ପରିବେଶ ଦିବସରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ଗୋପୀନାଥ ବେହେରାଙ୍କୁ ଜିଲାସ୍ତରୀୟ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ବନଖଣ୍ଡ ବନାଞ୍ଚଳ ଅଧିକାରୀ, ବ୍ରହ୍ମପୁରଙ୍କ ଦ୍ୱାରା ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ୨୦,୦୦୦/- ଟଙ୍କାର ଚେକ୍ ସହିତ ଓଡ଼ିଶା ରାଜ୍ୟ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ ଏବଂ ରାଜ୍ୟ ପ୍ରମୁଖ ଶାସନ ସଚିବ ଭାସ୍କର ଶର୍ମାଙ୍କ ଦ୍ୱାରା ସାର୍ଟିଫିକେଟ ପ୍ରଦାନ କରାଯାଇଛି । ଉକ୍ତ ସମ୍ମାନ ପାଇଁ ପ୍ରଧାନ ଶିକ୍ଷକ ଶ୍ରୀ ବେହେରା ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ,ଏସ୍ ଏମ୍ ସି ସଭାପତି/କର୍ମକର୍ତ୍ତା ଏବଂ ବିଦ୍ୟାଳୟ ଶୁଭାକାଂକ୍ଷୀଙ୍କ ସହଯୋଗରେ ସମ୍ଭବ ହେବା ସହ ବିଦ୍ୟାଳୟ ତଥା ରମ୍ଭା ସହର ପରିବେଶକୁ ଏକ ସବୁଜିମାରେ ଗଢ଼ି ତୋଳିବା ପାଇଁ ମତପୋଷଣ କରିଛନ୍ତି।

# ବରଗଡ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଲାୟନ୍ସ କ୍ଲବ୍‌ର ପଦେକ୍ଷପ




**ବରଗଡ, ନ୍ୟୁଜ୍ ବ୍ୟୁରୋ**

ଗଣପତି ହୋଟେଲ ସମ୍ମିଳନୀ କକ୍ଷରେ ବରଗଡ଼ ଜିଲ୍ଲା ଲାୟନ୍ସ କ୍ଲବ୍ ସଭାପତି ମନୋଜ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଅଛି। ଏଥିରେ ଲାୟନ ସ୍ୱାଧୀନ ଶର୍ମା। ବରିଷ୍ଠ ଆଇନଜୀବୀ ଶଙ୍କର୍ଷଣ ମିଶ୍ର, ଅଶୋକ ଅଗ୍ରୱାଲ ଓ କିଶୋର ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଉନ୍ନୟନମୂଳକ କାର୍ଯ୍ୟ, ବିଭିନ୍ନ ଅନୁଷ୍ଠାନ ତଥା ଲାୟନ୍ସ କ୍ଲବ୍ ଦ୍ୱାରା ପରିଚାଳିତ ଜମୁର୍ଡା ସ୍ଥିତ କୁଷ୍ଠାଶ୍ରମ ଓ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟ ର ଉନ୍ନତି ପାଇଁ କାର୍ଯ୍ୟ କରାଯିବାକୁ ମତପ୍ରକାଶ ପାଇଥିଲା। ଆଜିର ଏହି ବୈଠକରେ ସର୍ବଶ୍ରୀ ଲାୟନ ନବୀନ ଲାଠ, ସଞ୍ଜୟ ମିତ୍ତଲ, ଦୀପକ ବଲୋଦିଆ, ପ୍ରଦୀପ ତୟାଲ, ଶୁଶାନ୍ତ ତ୍ରିପାଠୀ, ବିକାଶ ଅଗ୍ରୱାଲ, ବିନୟ ଲାଠ, ରଞ୍ଜନ ଚାନ୍ଦ ଗୋଠିଆ,ମହେଶ ଅଗ୍ରୱାଲ, ପ୍ରତାପ ନାଏକ, ଜୟନ୍ତୀ ବେହେରା, ପରମାନନ୍ଦ ମିଶ୍ର, ନବୀନ ଲାଠ, ଲଳିତ ଅଗ୍ରୱାଲ, ଆୟୁଷ ଗୁପ୍ତା, ପ୍ରକାଶ ଅଗ୍ରୱାଲ,ତରୁଣ ଲାଠ, ଡାକ୍ତର ସୁଶୀଲ କର ଆଦି ଯୋଗ ଦେଇ ନିଜ ନିଜ ବକ୍ତବ୍ୟ ଉପସ୍ଥାପିତ କରିଥିଲେ । ଆଜିର କାର୍ଯ୍ୟକ୍ରମ ରେ ନୂତନ ସଦସ୍ୟ ସୌରବ ରେଖାନୀ ଓ କମଲ ଲାଠ ଙ୍କୁ ନୂତନ ସଦସ୍ୟତା ଗ୍ରହଣ କରାଯାଇ ଲାୟନ୍ସ କ୍ଲବ୍ ର ପିନ୍ ପ୍ରଦାନ କରାଯାଇଥିଲା । ପୂର୍ବତନ ସଭାପତି କିଶନ ଲାଲ୍ ଅଗ୍ରୱାଲ ସଭା ପରିଚାଳନା କରିଥିବା ବେଳେ ସଂପାଦକ ଅଭୟ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୯୭୫ ମେଟ୍ରିକ୍ ବ୍ୟାଚର ନୂଆଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ

**ବରଗଡ, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ର ସର୍ବ ପୁରାତନ ବିଦ୍ୟାଳୟ ଜର୍ଜ ହାଇସ୍କୁଲ ୧୯୭୫ ମେଟ୍ରିକ୍ ବ୍ୟାଚର ଆଗାମୀ ନୂଆଖାଇ ଭେଟଘାଟ ପାଇଁ ସ୍ଥାନୀୟ ଜିଲ୍ଲା ବରିଷ୍ଠ ନାଗରିକ କାର୍ଯ୍ୟାଳୟରେ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଶ୍ରୀ ଅଭୟ କୁମାର ଭୋଇ ତଥା ସତ୍ୟ ନାରାୟଣ ପଣ୍ଡା ଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମସ୍ତ ପୁରାତନ ଛାତ୍ର ଯୋଗଦେଇ ଆଗାମୀ ସେପଟ୍ଟେମ୍ବର ୧୬ ତାରିଖ ବୁଧବାର ଦିନ ନୂଆଖାଇ ପର୍ବ ପଡୁଥିବାରୁ ପରବର୍ତ୍ତୀ ରବିବାର ଦିନ ନୂଆଖାଇ ଭେଟଘାଟ ପାଳନ କରାଯିବାକୁ ମତପ୍ରକାଶ ପାଇଥିଲା। ଏହା ସହିତ ଗତ ଏପ୍ରିଲ ଓ ମଇ ମାସରେ ପଡିଥିବା ୧୩ ଜଣ ବନ୍ଧୁଙ୍କ ଜନ୍ମ ଦିବସରେ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ଏଥିରେ ସର୍ବଶ୍ରୀ ଗୋବିନ୍ଦ ଦାଶ, ନିର୍ମଳ କିଶୋର କର, ରାଜେନ୍ଦ୍ର ଲାଠ, ସ୍ୱାଧୀନ ମହାରଣା, ବନୱାରିଲାଲ କଟାରୁକା, ତାନସେନ ସରାଫ, ଲଳିତ ବିଶି, କୁଞ୍ଜ ବିହାରୀ ଗୁପ୍ତା , ଦାମୋଦର ଅଗ୍ରୱାଲ, ଗଣେଶ ରେଖାନୀ, କହ୍ନେୟାଲାଲ ଗୁପ୍ତା, ଅଶୋକ ଅଗ୍ରୱାଲ,ବାଳ ମୁକୁନ୍ଦ ଦାଶ, ରବିନ୍ଦ୍ର ପାଣିଗ୍ରାହୀ, ବାସୁଦେବ ପ୍ରଧାନ, ଅଶୋକ କୁଅଁର, କୁନୁ ବଡ୍ଢେଇ, ଅଶୋକ ପ୍ରଧାନ, ଶତ୍ରୁଘ୍ନ ଦାଶ, ଅଶୋକ ପଶାୟତ, ସୁନୀଲ ଦାଶ, ପ୍ରସନ୍ନ ସାମଲ, ଗୋପାଳ ଦାଶ, ଦେବୀ ପଟ୍ଟନାୟକ, ସୁଧାଂଶୁ ଶେଖର ଶତପଥୀ, ସୁରେନ୍ଦ୍ର ପାଣିଗ୍ରାହୀ ଓ ତୁଳସୀ ଚରଣ ଦାଶ ଆଦି ବହୁ ସଦସ୍ୟ ଯୋଗଦେଇ ନିଜ ନିଜର ମତାମତ ଉପସ୍ଥାପିତ କରିଥିଲେ ।

# ତିର୍ତ୍ତୋଲ ବ୍ଲକର ଭୋଟର ସହାୟତା କେନ୍ଦ୍ର ଉଦ୍‌ଘାଟିତ

**ତିର୍ତ୍ତୋଲ, ନ୍ୟୁଜ୍ ବ୍ୟୁରୋ**

ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ତଥା ନିର୍ବାଚନ ପଞ୍ଜୀକରଣ ଅଧକାରୀ ଜ୍ୟୋତି ଶଙ୍କର ରାୟ ୧୦୨ ତିର୍ତ୍ତୋଲ ଏସି, ତିର୍ତ୍ତୋଲ ବ୍ଲକ ସ୍ଥିତ ଭୋଟର ସହାୟତା କେନ୍ଦ୍ର ଉଦଘାଟନ କରିବା ସହ ବିଏଲ୍‌ଓ ସୁପରଭାଇଜର ଓ ବିଏଲ୍‌ଓ ମାନଙ୍କ ସହ କିଭଳି ଫର୍ମ ପୁରଣ କରା ଯାଉଛି ପଚାରି ବୁଝିଥିଲେ। ଏହି ଉଦଘାଟନ ଉତ୍ସବରେ ତିର୍ତ୍ତୋଲ ମଣ୍ଡଳ ଉନ୍ନୟନ ଅଧିକାରୀ ତଥା ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧକାରୀ, ୧୦୨ ତିର୍ତ୍ତୋଲ ଏସି, ଗିରିଜା ଶଙ୍କର ମଲ୍ଲିକ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ତଥା ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧକାରୀ, ୧୦୨ ତିର୍ତ୍ତୋଲ ଏସି, ସତ୍ୟଜିତ ସ୍ୱାଇଁ ସାରଙ୍କ ସହ ବ୍ଲକ୍‌ର ଅନ୍ୟାନ୍ୟ କର୍ମଚାରୀ ତଥା ବିଏଲ୍‌ଓ ସୁପରଭାଇଜର ଓ ବିଏଲ୍‌ଓ ମାନେ ମଧ୍ୟ ଉପସ୍ଥିତ ଥିଲେ ।

# ସ୍ୱାସ୍ଥ୍ୟ ମିତ୍ରଙ୍କୁ ଛଟେଇ ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ମୁଖ୍ୟ ସ୍ୱାସ୍ଥ୍ୟ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ମିତ୍ର ଭାବେ କାର୍ଯ୍ୟ କରୁଥିବା କର୍ମଚାରୀ ମାନଙ୍କୁ ଛଟେଇ କରିବାକୁ ନିର୍ଦ୍ଦେଶ ଆସିଥିବାବେଳେ ଏହାର ତୀବ୍ର ପ୍ରତିବାଦ କରି ରାଜ୍ୟ ସ୍ୱାସ୍ଥ୍ୟ ମିତ୍ର ଆସୋସିଏସନ୍ ତରଫରୁ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ସ୍ୱାସ୍ଥ୍ୟ ମିତ୍ର ସଂଘ ତରଫରୁ ଏକ ଦାବିପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଙ୍କ ସହ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ୮ ବର୍ଷ ହେଲା ଏମାନେ ସ୍ୱଳ୍ପ ଦରମାରେ ନିଜର କାର୍ଯ୍ୟ ଦାୟିତ୍ୱର ସହ ତୁଲାଉଛନ୍ତି। ଏଥିସହିତ କରୋନା ମହାମାରୀ ସମୟରେ ମଧ୍ୟ ଏହି ସ୍ୱାସ୍ଥ୍ୟ ମିତ୍ରମାନେ ନିଜର ଜୀବନକୁ ବିପନ୍ନ କରି ହିତାଧିକାରୀ ଓ ରୋଗୀମାନଙ୍କୁ ନିରବଚ୍ଛନ୍ନ ଭାବେ ସେବା ଯୋଗାଇ ଆସୁଛନ୍ତି। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନାରେ ଏହି ସ୍ୱାସ୍ଥ୍ୟମିତ୍ର ମାନେ କାମ କରି ଆସୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର କଥା ଯେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏମାନଙ୍କୁ ଛଟେଇ କରିବା ପାଇଁ ନିର୍ଦ୍ଦେଶ ଆସିଥିବାରୁ ଏମାନେ ନିରାଶ ହୋଇ ଜିଲ୍ଲାରେ କାର୍ଯ୍ୟରତ ଥିବା ୨୩ ଜଣ ସ୍ୱାସ୍ଥ୍ୟମିତ୍ର ମାନେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି ଏମାନଙ୍କୁ ଛଟେଇ ନ କରିବା ସହିତ ପୁନଃ ନିଯୁକ୍ତି ଦେବା ପାଇଁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ସମ୍ପାଦକ ମାନସ କୁମାର ଲେଙ୍କାଙ୍କ ସହିତ ଜିଲ୍ଲା ସଭାପତି ଶ୍ରୀକାନ୍ତ ସେଠୀ, ସମ୍ପାଦକ ରୁନା ସେଠୀ, କୋଷାଧ୍ୟକ୍ଷ ଶୁଭଲକ୍ଷ୍ମୀ ବିଶ୍ୱାଳଙ୍କ ସହିତ ଲିପ୍‌ସା ଦାସ, ଉର୍ମିଳା ସାହୁ, ପ୍ରିୟଙ୍କା ତରାଇ, ପ୍ରମିଳା ଜେନା, ଶୁଭସ୍ମିତା ସ୍ୱାଇଁ, ପ୍ରୀତି ଦାସ, ଜୟଶ୍ରୀ ବସନ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ଆଇଆର୍ ସଚେତନତା ରଥର ଶୁଭାରମ୍ଭ

**କେନ୍ଦ୍ରାପଡ ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକର ୨୭ଗୋଟି ପଞ୍ଚାୟତରେ ସଚେତନତା ରଥ ପ୍ରତ୍ୟକ ପଞ୍ଚାୟତର ପ୍ରତ୍ୟକ ଗ୍ରାମ ଗୁଡିକ ବୁଲି ଏସ୍‌ଆଇଆର୍ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବ। କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଇଚ୍ଛାପୁର ରଥଦାଣ୍ଡରେ କେନ୍ଦ୍ରାପଡା ବ୍ଲକ ତରଫରୁ ଆୟୋଜିତ ଏସ୍.ଆଇ.ଆର୍ ସମ୍ପର୍କରେ ଏକ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଯୋଗଦେଇ ଏକ ସଚେତନତା ରଥକୁ ଉଦ୍‌ଘାଟନ କରିବା ସହ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଏସ୍.ଆଇ.ଆର୍ ଲେଖାଥିବା ଗୁଡି ଉଡାଯାଇଥିଲା। କେନ୍ଦ୍ରାପଡା ବ୍ଲକ ବିଡିଓ ଅଭିଶେକ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଏଲ୍‌ଓ ମାନେ ପ୍ରତ୍ୟୋକ ଘର ଘର ବୁଲି ଘର ଗୁଡିକରେ ପରିଗଣନା ଫର୍ମ ପ୍ରଦାନ କରିବେ। ଫର୍ମ ପୂରଣ କରିବାରେ ସହଯୋଗ କରିବେ ଆପଣମାନଙ୍କ ଦ୍ୱାରା ସମସ୍ତ ଆବଶ୍ୟକ ସୂଚନା ସହ ପୂରଣ ହୋଇଥିବା ପରିଗଣନା ଫର୍ମ ସଂଗ୍ରହ କରିବେ। ଏବଂ ଆପଣଙ୍କୁ ଏକ ସ୍ୱିକୃତି ପତ୍ର ପ୍ରଦାନ କରିବେ।ତାପରେ ଯାଇ ଜନସାଧାରଣଙ୍କ ଠାରୁ ତଥ୍ୟ ସଂଗ୍ରହ କରି ଏଥିସହିତ ସମସ୍ତଙ୍କୁ ପରିଗଣନା ଫର୍ମ ପ୍ରଦାନ କରିବେ। ତଥ୍ୟ ସଂଗ୍ରହ ସମୟରେ ବିଏଲ୍‌ଓ ସୁପର ଭାଇଜର୍ ମାନଙ୍କୁ ଜନସାଧାରଣ ପୁନଃମାତ୍ରାରେ ସହଯୋଗ କରିବା ପାଇଁ ଉପଜିଲ୍ଲାପାଳ ନିବେଦନ କରିଛନ୍ତି। ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଡିଓ ଙ୍କ ସହିତ ପୌର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା, ଡେପୁଟି କଲେକ୍ଟର ଶାନ୍ତିଲତା ବୁଡିଆଳ, ସହକାରୀ ଜିଲ୍ଲାପାଳ, ଡବ୍ଲ୍ୟୁଓ ଶୁବ୍ରଜିତ ରାଉତଙ୍କ ସହ ରୁଦ୍ର ନାରାୟଣ ଦାସ, ମିର୍ ସଲ୍ଲିମୁଦ୍ଦିନ, ସଂଗୀତା ବେହେରା, ସ୍ୱର୍ଣ୍ଣପ୍ରଭା ସେଠୀଙ୍କ ସହ ଜିପିଓ, ବିଏଲ୍‌ଓ ସୁପରଭାଇଜରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଏଫଏମ ବିଶ୍ୱବିଦ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସପାଳନ ଅବସରରେ ବୃକ୍ଷରୋପଣ

**ବାଲେଶ୍ୱର , ନ୍ୟୁଜ୍ ବ୍ୟୁରୋ**




ବିଶ୍ୱ ପରିବେଶ ଦିବସ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗ ପକ୍ଷରୁ ମଛୁଆ ଗ୍ରାମ ଏବଂ ବିଶ୍ୱବିଦ୍ୟାଳୟର ନୂଆପାଢ଼ୀ କ୍ୟାମ୍ପସ ମଧ୍ୟବର୍ତ୍ତୀ ଅଞ୍ଚଳରେ ଏକ ବିଶାଳ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ୨୦୦ରୁ ଅଧିକ ପଣସ, ନିମ୍ବ, ଅର୍ଜୁନ, ଶିଶୁ, ଆମ୍ବ, ବେଲ ଏବଂ ଜାମୁ ପ୍ରଜାତିର ଚାରାଗଛ ରୋପଣ କରାଯାଇଥିଲା। ମଛୁଆ ଗ୍ରାମର ସରପଞ୍ଚ ଏବଂ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ପତିତ ଭୂମିରେ ଏହି ଚାରାରୋପଣ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିବାବେଳେ କୁଳପତିଙ୍କ ଦ୍ୱାରା ଏକ ‘ପଲ୍ଲୀ ତୋଟା’ ଯୋଜନାର ମଧ୍ୟ ଶୁଭାରମ୍ଭ କରାଯାଇଥିଲା। ଆଗାମୀ ଦିନରେ ଏହି ପଲ୍ଲୀ ତୋଟାରେ ନିୟମିତ ବ୍ୟବଧାନରେ ଚାରାରୋପଣ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବା ନେଇ ମଧ୍ୟ ସୂଚୀତ କରାଯାଇଛି। ଏହି ପଦକ୍ଷେପ ଗ୍ରାମାଞ୍ଚଳର ସବୁଜିମା ବୃଦ୍ଧି ଓ ପରିବେଶ ସନ୍ତୁଳନ ରକ୍ଷା ଦିଗରେ ଏକ ଉଲ୍ଲେଖନୀୟ ପ୍ରୟାସ ବୋଲି ପରିବେଶ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ମତ ପ୍ରକାଶ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଏବଂ ସୁଚିନ୍ତିତ ଯୋଜନା ଅନୁଯାୟୀ ରୋପିତ ଚାରାଗଛଗୁଡ଼ିକୁ ତାରବାଡ଼ ଦ୍ୱାରା ସୁରକ୍ଷିତ କରାଯିବା ସହ ସେଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ ଓ ସମ୍ପୂର୍ଣ୍ଣ ଯତ୍ନର ଦାୟିତ୍ୱ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗ ନିର୍ବାହ କରିବ। କାର୍ଯ୍ୟକ୍ରମ ସମୟରେ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଏଥିସହ ଜୈବିକ ସାର ଓ ମାଟି ମିଶାଇ ପ୍ରସ୍ତୁତ କରାଯାଇଥିବା ମଞ୍ଜି ଗୁଳାଗୁଡ଼ିକୁ ଅପହଞ୍ଚ ଅଞ୍ଚଳରେ କ୍ଷେପଣ କରାଯାଇ ପ୍ରାକୃତିକ ବନୀକରଣକୁ ଉତ୍ସାହିତ କରାଯାଇଥିଲା। ଏହି ବିଶାଳ ଚାରାରୋପଣ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା, ବିଶ୍ୱବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉତ୍ସାହର ସହ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଅଂଶଗ୍ରାହୀ ମାନେ ନିଜ ମତବ୍ୟକ୍ତ କରି କହିଥିଲେ ଯେ, ପରିବେଶ ସୁରକ୍ଷା କେବଳ ଏକ ଦିନର କାର୍ଯ୍ୟକ୍ରମ ନୁହେଁ; ବରଂ ଏହା ଏକ ନିରନ୍ତର ସାମାଜିକ ଦାୟିତ୍ୱ। ବୃକ୍ଷରୋପଣ ଓ ସେଗୁଡ଼ିକର ସଠିକ୍ ଯତ୍ନ ମାଧ୍ୟମରେ ଆସନ୍ତା ପିଢ଼ି ପାଇଁ ଏକ ସବୁଜ ଓ ସୁସ୍ଥ ପରିବେଶ ଗଢ଼ି ତୋଳିବା ସମ୍ଭବ ବୋଲି ସେମାନେ ଆହ୍ୱାନ ଜଣାଇଥିଲେ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଉପରେ ସଚେତନତା କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ତରଫରୁ ସ୍ଥାନୀୟ ଉତ୍କଳ ବାଳାଶ୍ରମ ସୋନପୁର ଠାରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଏକ ଜ଼ିଲ୍ଲା ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜ଼ିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁରର ସଚିବ ଦେବାଶିଷ ଦାଶ ମୁଖ୍ୟ ଅତିଥି ରୂପରେ ଯୋଗ ଦେଇ ଜ଼ିଲ୍ଲା ଆଇନ ସେବା ପ୍ରାଧିକରଣର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ତଥା ପରିବେଶ ଆଇନ ଉପରେ ଆଲୋକପାତ କରିଥିଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଚନ୍ଦ୍ର ଶେଖର ଶବର ସଦର ଉପ ଆରକ୍ଷୀ ଅଧିକ୍ଷକ ଗିରିଧାରୀ ନାଗ ସହକାରୀ ବନ ଅଧିକାରୀ ସୋନପୁର ଉପଖଣ୍ଡ ଓ ସୁଶ୍ରୀ ମାଳତୀ ଜେନା ଅଧକ୍ଷ ଉତ୍କଳ ବାଳାଶ୍ରମ ଯୋଗଦାନ କରିଥିଲେ । ପ୍ରଥମେ ଶ୍ରୀ ଶବର ସମସ୍ତ ଛାତ୍ର ଛାତ୍ରୀଙ୍କୁ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ ଶ୍ରୀ ନାଗ ସମସ୍ତଙ୍କୁ ପରିବେଶ ଏବଂ ବନ୍ୟା ପ୍ରାଣୀ ଆଇନ ସୁରକ୍ଷା ବିଷୟ ଉପରେ ଅବଗତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜ଼ିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।




# ଅପହୃତ ଗୌରାଙ୍ଗ ସେଠୀ ଉଦ୍ଧାର: ପୋଲିସ୍‌ର ନିଷ୍କ୍ରିୟତା ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମହାଦେଇପାଟଣା ଗ୍ରାମର ଯୁବକ ଗୌରାଙ୍ଗ ସେଠୀ ଦୀର୍ଘ ୮ ଦିନ ହେଲା ସେହି ଗ୍ରାମର କେତେକ ଯୁବକ ଅପହରଣ କରିନେଇ ମରଣାନ୍ତକ ଆକ୍ରମଣ କରିଥିଲେ। ତେବେ ପୋଲିସ୍ କ୍ଷତାକ୍ତ ଅବସ୍ଥାରେ ଥିବା ଗୌରାଙ୍ଗ ସେଠୀଙ୍କୁ ଉଦ୍ଧାର କରିପାରିନାହିଁ। ଏ ବିଷୟରେ ସ୍ଥାନୀୟ ଅଂଚଳରେ ପ୍ରବଳ ଉତ୍ତେଜନା ଦେଖାଦେଇଛି। ଦୀର୍ଘ ୮ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୋଲିସ୍ ପ୍ରଶାସନ ପକ୍ଷରୁ ଏ ପର୍ଯ୍ୟନ୍ତ ନିଖୋଜ ଗୌରାଙ୍ଗ ସେଠୀ କେଉଁ ଅବସ୍ଥାରେ ଅଛି, ଜୀବିତ ଅଛି କି ନାହିଁ ତାହା ପରିବାର ଲୋକ ସନ୍ଦେହ ଘେରରେ ଅଛନ୍ତି। ବାରମ୍ବାର ପରିବାର ଲୋକଙ୍କ ତରଫରୁ ଆଳି ଥାନା, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ଏବଂ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ପରିବାର ଲୋକ ନିରାଶ ହୋଇ ଭାଙ୍ଗି ପଡିଛନ୍ତି। ଏ ନେଇ ଜିଲ୍ଲା ଅନୁସୂଚୀତ ଜାତି ଓ ଜନଜାତି ସମନ୍ୱୟ ସମିତି ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରି ଗୌରାଙ୍ଗ ସେଠୀଙ୍କୁ ଉଦ୍ଧାର କରିବା ସହ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବା ପାଇଁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଯଦି ୨୪ ଘଣ୍ଟା ଭିତରେ ଗୌରାଙ୍ଗ ସେଠୀଙ୍କୁ ଉଦ୍ଧାର କରାନଗଲା ତେବେ ୮ ତାରିଖ ଦିନ ଆଳି ଥାନା ଘେରାଉ କରିବା ସହ ରାଜରାସ୍ତାକୁ ଅଚଳ କରାଯିବ ବୋଲି ଖୋଲାଖୋଲି ଭାବରେ ସଂଘ ତରଫରୁ ଚେତାବନୀ ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ଆବାହକ ମନୋରଞ୍ଜନ ଜେନା, ଦଶରଥୀ ମଲ୍ଲିକ, ଖଗେଶ୍ୱର ମଲ୍ଲିକ, ସୁପ୍ରଭା ମଲ୍ଲିକ, କଳ୍ପତରୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡା ସ୍ୱୟଂଶାସିତ କଲେଜ ପରିସରରେ ବ୍ୟାପକ ବୃକ୍ଷରୋପଣ

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରସଂସ୍ଥା ତରଫରୁ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ -୨୦୨୬ ଉପଲକ୍ଷେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ



ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ପୌର ଅଧକ୍ଷା ଶ୍ରୀମତୀ ସରିତା ସାହୁ, ପୌର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା, ମହାବିଦ୍ୟାଳୟ ଅଧକ୍ଷ ଶାନ୍ତନୁ କୁମାର ଜେନା, ପୌର ଉପାଧକ୍ଷା ଅକବରୀ ଖାତୁନ, ଅଧାପକ ରଞ୍ଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି କଲେଜ୍ ପରିସରରେ ବିଭିନ୍ନ ପ୍ରକାରର ଶତାଧିକ ବୃକ୍ଷ ରୋପଣ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରସଂସ୍ଥାର ସଦସ୍ୟ/ସଦସ୍ୟା, କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଜ୍ୟୋତିରଞ୍ଜନ ରାଉତ, ମାନସ ରଞ୍ଜନ ମହାନ୍ତି, କପିଳେନ୍ଦ୍ର ପଣ୍ଡା, ପ୍ରଶାନ୍ତ ନାୟକ, ରମାକାନ୍ତ ବିଶ୍ୱାଳ, ଅଶୋକ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଟ୍ରମ୍ପଙ୍କୁ ଏଚ୍-୧ବି ଭିସା ଫି ମାମଲାରେ ଝଟକା

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ H-1B ଭିସା ଫି ମାମଲାରେ ଏକ ବଡ଼ ଝଟକା ଲାଗିଛି। ସୋମବାର (ଜୁନ୍ ୮) ଦିନ, ଏକ ଆମେରିକାର କୋର୍ଟ ଟ୍ରମ୍ପ ପ୍ରଶାସନର ନୂତନ ୧୦୦,୦୦୦ H-1B ଭିସା ଫିକୁ ବେଆଇନ ଘୋଷଣା କରି ଏହାକୁ ରଦ୍ଦ କରିଛନ୍ତି। ୧ବି ଭିସା ଫି' ମାମଲାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ସୋମବାର ବଡ଼ ଝଟକା ଲାଗିଛି । ଆମେରିକାର ଏକ ସଂଘୀୟ କୋର୍ଟ ଟ୍ରମ୍ପ୍ ପ୍ରଶାସନ ଦ୍ୱାରା ଲାଗୁ ହୋଇଥିବା ୧ ଲକ୍ଷ ଡଲାର (ପ୍ରାୟ ୯୫ ଲକ୍ଷ ଟଙ୍କା)ର ନୂଆ ଏଚ୍ ୧ବି ଭିସା ଫି'କୁ ବେଆଇନ ଦର୍ଶାଇ ରଦ୍ଦ କରିଦେଇଛନ୍ତି। ବୋଷ୍ଟନର ଜିଲ୍ଲା ଅଦାଲତ ବିଚାରପତି ଲିଓ ସୋରୋକିନ ସୋମବାର ମାମଲାର ଶୁଣାଣି କରି କହିଲେ, କଂଗ୍ରେସ (ସଂସଦ)ର ଅନୁମୋଦନ ବିନା ଏଭଳି ମାତ୍ରାଧିକ ଫି' ଲାଗୁ କରିବା ଲାଗି ଟ୍ରମ୍ପ୍‌ଙ୍କ ପାଖରେ କୌଣସି ଅଧିକାର ନାହିଁ । କୋର୍ଟଙ୍କ ଏହି ନିଷ୍ପତ୍ତି ଭାରତୀୟ ପ୍ରଫେସନାଲ୍ସଙ୍କୁ ଆଶ୍ୱସ୍ତି ଦେଇଛି । ଉଲ୍ଲେଖଯୋଗ୍ୟ, ଏହି ମାମଲା ୨୦ ଡେମୋକ୍ରାଟିକ୍ ରାଜ୍ୟର ଆଟର୍ଣ୍ଣି ଜେନେରାଲଙ୍କ ଦ୍ୱାରା ଦାୟର ମକଦ୍ଦମା ପରେ ଅଦାଲତ ପହଞ୍ଚିଥିଲା । ଏହି ରାଜ୍ୟଗୁଡ଼ିକ ଟ୍ରମ୍ପ୍ ପ୍ରଶାସନର ସେହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ ଦେଇଥିଲେ, ଯେଉଁଥିରେ ନୂଆ ଏଚ୍-୧ବି ଭିସା ଆବେଦନ ଉପରେ ୧ ଲକ୍ଷ ଡଲାରର ବାର୍ଷିକ ଶୁଳ୍କ ଲାଗୁ କରାଯାଇଥିଲା । ସଂଘୀୟ ଅଦାଲତଙ୍କ ଏହି ରାୟ ଦ୍ୱାରା ଉଦ୍ୟୋଗ, ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ କୁଶଳୀ ବିଦେଶୀ କର୍ମଚାରୀ ଆଶ୍ୱସ୍ତ ହୋଇଛନ୍ତି । ବିଶେଷକରି ଭାରତୀୟମାନେ ଏହାଦ୍ୱାରା ବିଶେଷ ଉପକୃତ ହେବେ । କାରଣ ଏଚ୍-୧ବି ଭିସାଧାରୀଙ୍କ ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ସର୍ବାଧିକ ରହିଛି । ରାଷ୍ଟ୍ରପତି ଟ୍ରମ୍ପ୍ ଗତବର୍ଷ ସେପ୍ଟେମ୍ବରରେ ଏକ ଘୋଷଣାନାମାରେ ଦସ୍ତଖତ କରିଥିଲେ । ଏହା ଅନୁସାରେ, ନୂଆ ଏଚ୍-୧ବି ଭିସା ଆବେଦନର ଫି' ମାତ୍ରାଧିକ ବୃଦ୍ଧି କରାଯାଇଥିଲା । ଏଥିସହ ଉଚ୍ଚ କୁଶଳୀ ବିଦେଶୀ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମରେ ଅନେକ କଠୋର ନିୟମ ଲାଗୁ ହୋଇଥିଲା । ଗତ ସେପ୍ଟେମ୍ବରରେ, ଟ୍ରମ୍ପ ନୂଆ ଏଚ୍-୧ ବି ଭିସା ଆବେଦନରେ ଏହି ୧ ଲକ୍ଷ ଡଲାର ଫି ଯୋଡ଼ି ଏକ ଘୋଷଣାପତ୍ର ସ୍ୱାକ୍ଷର କରିଥିଲେ । ଏହି ଫି ସାଧାରଣତଃ ନିଯୁକ୍ତିଦାତାଙ୍କ ଦ୍ୱାରା ପ୍ରଦାନ କରାଯାଏ । ପ୍ରଶାସନିକ ଅଧିକାରୀମାନେ ଏହାକୁ ଆମେରିକୀୟମାନଙ୍କୁ ନିଯୁକ୍ତି ଦେବା ପାଇଁ କମ୍ପାନୀଗୁଡିକୁ ଉତ୍ସାହିତ କରିବା ପାଇଁ ଏକ ପଦକ୍ଷେପ ଭାବରେ ବର୍ଣ୍ଣନା କରିଛନ୍ତି । ବିଚାରପତି ତାଙ୍କ ନିଷ୍ପତ୍ତିରେ ୨୦ଟି ରାଜ୍ୟର ଏକ ଗୋଷ୍ଠୀ ସହିତ ସହମତ ହୋଇ କହିଛନ୍ତି ଯେ, ଟ୍ରମ୍ପ ପ୍ରଶାସନ ତାଙ୍କ କ୍ଷମତାକୁ ଅତିକ୍ରମ କରିଛି । ଶୁଳ୍କ ପ୍ରବାସ ନୀତି ଏବଂ ଟିକସ ନିର୍ଦ୍ଧାରଣ କରିବାକୁ କ୍ଷମତାକୁ ହଡ଼ପ କରିଛି । ଭାରତୀୟ ବୃତ୍ତିଗତମାନେ ଏଚ୍-୧ ଭିସା ଧାରକରଙ୍କ ମଧ୍ୟରୁ ସବୁଠାରୁ ବଡ଼ ଗୋଷ୍ଠୀ ମଧ୍ୟରୁ ଗୋଟିଏ, ଯେଉଁଥିରେ ଆଇଟି କର୍ମଚାରୀ ଏବଂ ଡାକ୍ତର ମଧ୍ୟ ଅନ୍ତର୍ଭୁକ୍ତ । H-1B କାର୍ଯ୍ୟକ୍ରମ ଆମେରିକାର ସବୁଠାରୁ ଲୋକପ୍ରିୟ ଭିସା କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏ। ଆମେରିକୀୟ କମ୍ପାନୀଗୁଡିକୁ ବିଶ୍ୱ ସ୍ତରରେ ଦକ୍ଷ ପ୍ରତିଭାଙ୍କୁ ନିଯୁକ୍ତି ଦେବାର ଅନୁମତି ଦିଏ । ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଏଚ୍-୧ବି କର୍ମଚାରୀଙ୍କ ପାଇଁ ବାର୍ଷିକ ୧ ଲକ୍ଷ ଡଲାର ଅତିରିକ୍ତ ଫି ଲାଗୁ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଯାହା ଭିସା ସଂସ୍କାର ଏବଂ ନୂଆ ନିୟମାବଳୀ ସମ୍ପର୍କରେ ଅନିଶ୍ଚିତତା ସୃଷ୍ଟି କରିଥିଲା।।

# ରାଜଗୁରୁ ପରମଲକ୍ଷ୍ମୀ ମହାପାତ୍ରଙ୍କର ରାଜ୍ୟ ତ୍ୟାଗ- (୨)



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ରାଜଗୁରୁ ପରମଲକ୍ଷ୍ମୀ ମହାପାତ୍ର ଖୁରୁଧାରୁ ଚାଲିଯିବା ପରେ ସେ ଛାଡ଼ିଯାଇଥିବା ବିପୁଳ ସମ୍ପତ୍ତିରେ ଗଜପତି ଶାସନ ଆଦୌ ହସ୍ତକ୍ଷେପ କଲେନାହିଁ। ମେଳିଆ ବୀରଭଦ୍ର ପଟ୍ଟନାୟକ ଓ ତା'ର ପରିବାର ମରିଯାଇଥିବାରୁ ତାଙ୍କ ବିରୁଦ୍ଧରେ କୁମନ୍ତ୍ରଣା ଦେବାକୁ ଆଉ କେହିନଥିଲେ। ରାଜଗୁରୁଙ୍କ ଭଳି ଜଣେ ଦେଶ ହିତୈଷୀଙ୍କ ପ୍ରତି ଯେଉଁ ଅନ୍ୟାୟ କରାଯାଇଥିଲା ତାହାର କୌଣସି ପ୍ରାୟଶ୍ଚିତ ନାହିଁ ବୋଲି ଭାବି ଗଜପତି ବୀରକିଶୋର କେବଳ ଏକାନ୍ତରେ ବସି ଅଶ୍ରୁମୋଚନ କରୁଥିଲେ। ପରମଲକ୍ଷ୍ମୀ ମହାପାତ୍ର ବଞ୍ଚିଥିବାଯାଏ ଆଉ କୌଣସି ରାଜଗୁରୁଙ୍କୁ ତାଙ୍କ ସ୍ଥାନରେ ଖୁର୍ଦ୍ଧା ରାଜଦରବାରରେ ରଖାଗଲାନାହିଁ। ତାଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ନରସିଂହ ମହାପାତ୍ର ନରସିଂହପୁର ରାଜା ମନ୍ଦରଧରଙ୍କ ସହ ଖୁରୁଧା କଟକରେ ଗଜପତି ବୀରକିଶୋର ଦେବଙ୍କୁ ସାକ୍ଷାତ କରିଥିଲେ। ନରସିଂହ ବି ଥିଲେ ଜଣେ ଯୋଦ୍ଧା। ସଂସ୍କୃତ ବିଦ୍ୟାରେ ତାଙ୍କର ଥିଲା ପ୍ରଗାଢ଼ ପାଣ୍ଡିତ୍ୟ। ଅର୍ଣ୍ଣବ ବିହାର ନାମକ ସଂସ୍କୃତରେ ସେ ଏକ ଗ୍ରନ୍ଥ ରଚନା କରିଥିବାର ଜଣାଯାଏ। ନରସିଂହଙ୍କୁ ଦେଖି ଗଜପତି ବୀରକିଶୋର ଅଶ୍ରୁଳ ନୟନରେ କେବଳ ପରମଲକ୍ଷ୍ମୀଙ୍କ ପ୍ରତି ନିଜ ପରିବାରର କୃତଜ୍ଞତା ଜଣାଇଥିଲେ। ସେହିଦିନ ସେ ମଧ୍ୟ ନରସିଂହ ମହାପାତ୍ରଙ୍କୁ ରାଜଗୁରୁ ପଦରେ ନିଯୁକ୍ତି ଦେଇ ଦରବାରରେ ତାହା ଘୋଷଣା ମଧ୍ୟ କରିଦେଲେ।

**ନିଯୁକ୍ତି ଦିଆଯିବାର ସନନ୍ଦ:**
ଦିଆନ ଭ୍ରମରବର ରାଙ୍କୁ ପତ୍ର। ନରସିଂହ ପାଟଜୋସି କାଂ ଜେ ରାଜଗୁରୁ କରୀବାକୁ ଆଜ୍ଞା କଲୁଂ। ଏହାଙ୍କୁ ଘୋଡ଼ା ଶିରୋପା ମୁକୁତା ସାଲକୁ ମଧ ତୀନିସ ଟଙ୍କା କୋଠୁଂ ଦେବ। ପାଲିକୀରେ ରୂପା କଳଶ ଚଅଁର ମୟୁର ଝୁଲ ଦୋଶାଖା ମସାଲ ମଧ କୋଠୁଁ ତିଆରୀ କରିଦେବ। ଘଡ଼ୀ ଶଂଖ ମହୁରୀ ରାଜଗୁରୁ ଦସ୍ତୁରମାନ ଖଂଜୀ ଦେଇଂ ଅମଳ କରାଇବ ୩୧ଅଂକ ତୁଳଦି୧୫।" (ଶଂଖ ସନ୍ତକ)

ଖୁରୁଧାଗଡ଼କୁ ଫେରିଆସି ରାଜଗୁରୁଙ୍କ ପରି ସମସ୍ତ ସମ୍ଭାଳିବାକୁ ରାଜମାତା ଲଳିତା ଦେବୀ ତାଙ୍କୁ ଅନୁରୋଧ କରିଥିଲେ। ମାତ୍ର ନରସିଂହ ବିନମ୍ରର ସହ ଏହି ପଦ ନେବାକୁ ଅସ୍ୱୀକାର କଲେ। ତଥାପି ବୀରକିଶୋର ଦେବ ନିଜ ନିଷ୍ପତ୍ତିରେ ଅଟଳ ରହି ତାଙ୍କୁ ରାଜଗୁରୁ ପଦ ନେବା ପାଇଁ କହିଥିଲେ। ଶେଷରେ ବାଧ୍ୟ ହୋଇ ନରସିଂହ ତାହା ସ୍ୱୀକାର କରିନେଲେ। ମାତ୍ର କଥା ରହିଲା ଯେ ଉଭୟ ପଟର ଅର୍ଥାତ୍ ନରସିଂହପୁର ଓ ଖୁରୁଧାର ସେ ରାଜଗୁରୁ ପଦରେ ରହିବେ। ତାହା ହିଁ ହେଲା ଓ ଗଜପତି ବୀରକିଶୋର ଏଥିରେ ସ୍ୱୀକୃତି ଦେଲେ। ଅବଶ୍ୟ ଏହା ବଡ଼ କଷ୍ଟ କାର୍ଯ୍ୟ ଥିଲା। ଉଭୟ ପଟରେ ରହି କାର୍ଯ୍ୟ ଦେଖିବା ତାଙ୍କ ପକ୍ଷରେ କଷ୍ଟ ଥିଲେ ମଧ୍ୟ ସେ ତାହା ତୁଲାଇ ଚାଲିଥିଲେ। ନରସିଂହଙ୍କର ତିନିପୁଅ ଥିଲେ। ନରସିଂହ ରାଜଗୁରୁ ପଦ ପାଇବାର ଦଶଦିନ ପରେ ତାଙ୍କ ବଡ଼ପୁଅକୁ ପାଟଯୋଷୀ ପଦ ନ ଦେଇ ମଝିଆ ରଘୁନାଥ ମହାପାତ୍ରଙ୍କୁ ସେହି ପଦ ଦିଆଗଲା। ସାନପୁଅ କାଶିନାଥ ମହାପାତ୍ର ପୁରୋହିତ ପଦରେ ରହିଲେ। ରାଜଗୁରୁ ନରସିଂହ ମହାପାତ୍ର ଏକ ବିଚକ୍ଷଣ ଯୋଦ୍ଧା ଥିବା ଆଗରୁ କୁହାଯାଇଛି। ମରହଟ୍ଟା ସେନାପତି ଜାନୁଜୀ ଭୋନ୍‌ସଲାଙ୍କ ସହିତ ନରସିଂହପୁର ବଡ଼ମ୍ବା ଯୁଦ୍ଧକ୍ଷେତ୍ରରେ ସମ୍ମୁଖ ଯୁଦ୍ଧ କରି ବିଶେଷ ଆଘାତ ପାଇଥିଲେ ଓ ସେହି ଆଘାତରେ ହିଁ ତାଙ୍କର ମୃତ୍ୟୁ ୫୩ଅଙ୍କ କୁମ୍ଭ ୮ଦିନ (୧୭୭୯ ଖ୍ରୀ.ଅ.) ଫାଲ୍‌ଗୁନ ମାସରେ ହୋଇଥିଲା। ତାଙ୍କ ପରେ ତାଙ୍କ ବଡ଼ପୁଅ ଚନ୍ଦ୍ରଶେଖର ନରସିଂହପୁରରୁ ଖୋରଧା ଆସି ଗଜପତି ବୀରକିଶୋର ଦେବଙ୍କୁ ସମସ୍ତ ଖବର ଦେଲେ ଏବଂ ଗଜପତିଙ୍କ ଦରବାର ତରଫରୁ ତାଙ୍କୁ ତାଙ୍କର ୫୪ଅଙ୍କ ଧନୁ ପାଞ୍ଚଦିନ ରାଜଗୁରୁ ପଦରେ ଅଭିଷିକ୍ତ କରାଗଲା। ନିଜ ପିତାଙ୍କ ଭଳି ସେ ମଧ୍ୟ ନରସିଂହପୁର ଓ ଖୋରଧାର ରାଜଗୁରୁ ପଦ ଚଳାଇଲେ। ଅବଶ୍ୟ ଉଭୟ କାର୍ଯ୍ୟର ଦାୟିତ୍ୱ ନେଇଥିବାରୁ ତାଙ୍କୁ କଷ୍ଟକର ହେଉଥିଲା ତଥାପି ସେ ଶ୍ରୀମନ୍ଦିରର ବିଭିନ୍ନ ନୀତିକାନ୍ତି ଓ ମୁକ୍ତିମଣ୍ଡପର ଜରୁରି ବୈଠକରେ ଯୋଗଦେଇ ରାଜଗୁରୁ କାର୍ଯ୍ୟର ଦାୟିତ୍ୱ ସମ୍ପାଦନା କରୁଥିଲେ।

ରାଜଗୁରୁ ଅଶ୍ୱପୃଷ୍ଠ ବା ପାଲିଙ୍କିରେ ଯିବାର ବ୍ୟବସ୍ଥା ଥିଲା। ତାଙ୍କ ବ୍ୟବହାର ପାଇଁ ଥିବା ଅଶ୍ୱର ସ୍ୱର୍ଣ୍ଣ ଶୀରୋପା, ଜିନ୍ ଉପରେ ମୁକ୍ତାର ଝାଲ, ମୁକ୍ତାର ଝାଲର ଥାଇ ବହୁମୂଲ୍ୟ ସାଲ ବ୍ୟବହାର ହେଉଥିଲା। ସେ ସମୟ ଦର ଅନୁଯାୟୀ ଏଥିନିମନ୍ତେ ୩୦୦ଟଙ୍କା ଖର୍ଚ୍ଚ କରାଯାଉଥିଲା। ପାଲିଙ୍କିରେ ଗଲାବେଳେ ତାହା ଉପରେ ସୁନା କଳସ ଖଞ୍ଜା ହେଉଥିଲା, ସୁନା ବେଣ୍ଟିଆ ଚାମର, ରାଶ, ଦୋଶାଖା ମସାଲ, ମୟୂର ଝୁଲ, ଆଡ଼େଣି ଆଦି ଧରି ସେବକମାନେ ଉଭୟ ପାର୍ଶ୍ୱରେ ଯାଉଥିଲେ। ସମ୍ମୁଖରେ ଘଣ୍ଟା, ଶଙ୍ଖ, ମହୁରୀ ଓ ବାଜା ବାଜୁଥିଲା। ଏହା କେବଳ ରାଜଗୁରୁଙ୍କର ଯିବାର ସଙ୍କେତ ସାଧାରଣଙ୍କୁ ଜଣାଇଦେଉଥିଲା। ଏପରି ବ୍ୟବସ୍ଥା ଗଙ୍ଗରାଜତ୍ୱ ସମୟରୁ ମଧ୍ୟ ଚଳିଆସିଥିବାର କୁହାଯାଏ। ରାଜଗୁରୁମାନଙ୍କର ସ୍ୱତନ୍ତ୍ରତା ଥିଲା ଯେ ସେମାନେ ଦେଶର ପ୍ରଧାନମନ୍ତ୍ରୀ ତଥା ଶ୍ରୀମନ୍ଦିର ମୁକ୍ତିମଣ୍ଡପର ଅଧକ୍ଷ ପଦରେ ଅଧିଷ୍ଠିତ ହେଉଥିଲେ। ତାଙ୍କ ନିଷ୍ପତ୍ତି ହିଁ ଶାସନରେ କାର୍ଯ୍ୟକାରୀ ହେଉଥିଲା ଏବଂ ସେପରି ନିଷ୍ପତ୍ତିକୁ ରାଜା ମଧ୍ୟ ମଞ୍ଜୁର ଦେଉଥିଲେ। ରାଜଗୁରୁଙ୍କ ପରେ ମନ୍ତ୍ରୀମାନେ ବିଭିନ୍ନ ବିଭାଗକୁ ନେଇ ନିଯୁକ୍ତି ପାଇ ସେମାନଙ୍କର କାର୍ଯ୍ୟ ନିମନ୍ତେ ରାଜଗୁରୁଙ୍କ ନିକଟରେ ଦାୟୀ ରହୁଥିଲେ। ଶୁଭ ବା ଅଶୁଭ କାର୍ଯ୍ୟର ସମାପନ ନିମନ୍ତେ ରାଜଗୁରୁଙ୍କର ପରାମର୍ଶ ନିଆଯାଉଥିଲା ଓ ତାଙ୍କର ନିଷ୍ପତ୍ତି ହିଁ ଶେଷ ନିଷ୍ପତ୍ତି ଭାବରେ ଗ୍ରହଣ କରାଯାଉଥିଲା।

ଗଜପତି ବୀରକିଶୋର ଦେବଙ୍କ ପରି ଦୀର୍ଘ ରାଜତ୍ୱ କେହି କରିନଥିଲେ। ତାଙ୍କ ବାଚାଳତା ଯୋଗୁ ହିଁ ଦେଶର ଶାସନ ବହୁ ଅସୁବିଧାରେ ପଡ଼ିଥିଲା। ରାଜଗୁରୁ ପରମଲକ୍ଷ୍ମୀ ମହାପାତ୍ରଙ୍କ ଭଳି ଜଣେ ହିତୈଷୀ ଦେଶଭକ୍ତଙ୍କୁ ଯେଉଁଭଳି ଅବମାନନା କରାଯାଇଥିଲା ଓ ସେପରି ନିଷ୍ପତ୍ତି ଯୋଗୁ ବାରବାଟୀରେ ଉତ୍କଳର ସ୍ୱାଧୀନ ଧ୍ୱଜା ଉଡ଼ିପାରିଲାନାହିଁ ଯାହାକି ଇତିହାସରୁ ଆଦୌ ଲିଭିଯିବନାହିଁ। ଶେଷରେ ବୀରକିଶୋର ଦେବ ପାଗଳ ହୋଇ ତାଙ୍କର ଚାରିପୁତ୍ରଙ୍କୁ ମାରିଦେବା ପରେ ମରହଟ୍ଟାମାନଙ୍କ ଦ୍ୱାରା ବନ୍ଦୀ ହୋଇ ବାରବାଟୀରେ ରହିଥିଲେ। ତାଙ୍କ ରାଜତ୍ୱ କାଳରେ ଏତେ ଅଶାନ୍ତି ମଧ୍ୟରେ ରାଜ୍ୟ ଚାଲିଥିଲେ ମଧ୍ୟ ତାଙ୍କୁ ଗାଦିରୁ କେହି ତଡ଼ି ଦେଇନଥିଲେ। ଏହା ହିଁ ଥିଲା ଭାଗ୍ୟର ବିଡ଼ମ୍ବନା। ଗଜପତି ବୀରକିଶୋର ଦେବଙ୍କ ଖ୍ରୀ.ଅ. ୧୭୯୫ରେ ବାରବାଟୀର ବନ୍ଦୀଶାଳାରେ ମୃତ୍ୟୁ ହୋଇଥିଲା। ଏହାପରେ ତାଙ୍କ ନାତି ଦିବ୍ୟସିଂହ ଦେବ ଖୋରଧାର ଗଜପତି ଭାବେ ଗାଦିନାସୀନ ହେଲେ। ସେ ମାତ୍ର ତିନିବର୍ଷ ରାଜତ୍ୱ କରିଥିଲେ। ନରସିଂହପୁର ଏବଂ ଖୋରଧାର ରାଜଗୁରୁ ଦାୟିତ୍ୱ ତୁଲାଇ ଥିବା ଚନ୍ଦ୍ରଶେଖର ରାଜଗୁରୁ ମହାପାତ୍ରଙ୍କୁ ସେ ଖୁରୁଧାରେ ସମ୍ପୂର୍ଣ୍ଣ ରହି ଶ୍ରୀମନ୍ଦିରର ସମସ୍ତ କାର୍ଯ୍ୟ ତୁଲାଇବା ନିମନ୍ତେ ବାଧ୍ୟ କରିଥିଲେ। ଏହା ଥିଲା ମୁକ୍ତିମଣ୍ଡପ ପଣ୍ଡିତ ସଭାର କେତେଜଣ ବ୍ରାହ୍ମଣମାନଙ୍କର ଷଡ଼ଯନ୍ତ୍ର। କାରଣ ଚନ୍ଦ୍ରଶେଖର ରାଜଗୁରୁଙ୍କର ପିତା ଉଭୟ ରାଜ୍ୟର ରାଜଗୁରୁ ପଦ ଯଥା ସମ୍ଭବ ସମ୍ଭାଳୁ ଥିଲେ ଓ ସେଥିରେ କୌଣସି ତ୍ରୁଟି ନଥିଲେ ମଧ୍ୟ ଅପ୍ରତ୍ୟାସିତ ଭାବରେ ଚନ୍ଦ୍ରଶେଖରଙ୍କୁ ଖୁରୁଧା ଦାୟିତ୍ୱ ଏକାକି ନେବା ପାଇଁ କହିବା ଥିଲା ଏକତରଫା ନିଷ୍ପତ୍ତି। କାରଣ ସେମାନଙ୍କର ଅଭିଯୋଗ ଥିଲା ଯେ ପରମଲକ୍ଷ୍ମୀ ରାଜଗୁରୁ ସେହି ପଦରୁ ଚାଲିଯିବାର ୫୦ବର୍ଷ ବିତି ଯାଇଥିଲେ ମଧ୍ୟ ପରମ୍ପରା ସୂତ୍ରରେ ଗଜପତି ଶାସନ ସେପରି ବଂଶକୁ ସେହି ଅଧିକାର ଦେଇଆସିଛନ୍ତି ଓ ସେମାନଙ୍କ ପକ୍ଷରେ ଏହା ଥିଲା ଅସହ୍ୟ। ଏପରି ପ୍ରସ୍ତାବରେ ଗଜପତି ଦିବ୍ୟସିଂହ ଦେବ ନିଷ୍ପତ୍ତି ନେଇ ଚନ୍ଦ୍ରଶେଖରଙ୍କୁ ଖୁରୁଧାରେ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଚନ୍ଦ୍ରଶେଖର ପୂର୍ବଭଳି ନିଜର କାର୍ଯ୍ୟ କରୁଥିବାରୁ ଗଜପତି ଅସନ୍ତୁଷ୍ଟ ହୋଇ ତାଙ୍କୁ କୈଫତ୍ ତଲବ୍ କରିଥିଲେ। ଏହି ଦିବ୍ୟସିଂହ ଦେବ ଖୁରୁଧା ଓ ରଥିପୁର ଗଡ଼ରେ ନ ରହି ବରୁଣେଇ ପାହାଡ଼ ତଳର ପୁରୁଣାଗଡ଼ ପାଖରେ ଘାଟିଗଡ଼ ଦୁର୍ଗ ନିର୍ମାଣ କରି ସେଥିରେ ରହୁଥିଲେ। ସେ ସିନା ତିନିବର୍ଷ ଶାସନ ଗାଦିରେ ବସିଥିଲେ ମାତ୍ର ତାହା ପୂର୍ବରୁ ସାତବର୍ଷ ଗଜପତିଙ୍କ ପ୍ରତିନିଧି ଭାବରେ ରାଜ୍ୟ ଚଳାଇ ଆସୁଥିଲେ। ଦିବ୍ୟସିଂହ ଦେବଙ୍କର ଚିଟାଉ ପାଇବା ପରେ ରାଜଗୁରୁ ଚନ୍ଦ୍ରଶେଖର କିଛି ବିଚାର ନକରି ନୀରବରେ ରହିଗଲେ। ଦିବ୍ୟସିଂହ ଦେବଙ୍କର ରାଜତ୍ୱ ୧୭୯୮ ଖ୍ରୀ.ଅ.ରେ ସମାପ୍ତ ହେଲା ଓ ସେହି ବର୍ଷ ଗଜପତି ଆସନ ଗ୍ରହଣ କଲେ ମୁକୁନ୍ଦଦେବ(ତୃତୀୟ)। ପୂର୍ବ କଥିତ ଅନୁସାରେ ଚନ୍ଦ୍ରଶେଖର ଯେହେତୁ ଉଭୟ ପଟର ଦାୟିତ୍ୱ ଛାଡ଼ିବା ପାଇଁ ରାଜି ହେଲେନାହିଁ ତେଣୁ ତାଙ୍କ ବଦଳରେ ଗଦାଧର ରାଜଗୁରୁଙ୍କ ପୁତ୍ର ଜୟକୃଷ୍ଣଙ୍କୁ ଖୋରଧାର ରାଜଗୁରୁ ପଦରେ ଅଧିଷ୍ଠିତ କରାଯାଇଥିଲା ଯେ କି ଇଂରେଜ ଶାସନ ବିରୁଦ୍ଧରେ ଯୁଦ୍ଧ କରି ଶେଷରେ ଫାଶୀ ପାଇଥିଲେ। ଜୟକୃଷ୍ଣ ରାଜଗୁରୁଙ୍କ ସମୟରେ ଇଂରେଜ ବିରୋଧୀ ବିପ୍ଳବ ଓଡ଼ିଶାବାସୀଙ୍କୁ ଚମତ୍କୃତ କରିଦେଇଥିଲା। ୧୮୧୭ ପାଇକ ବିପ୍ଳବରେ ଗଜପତି ମୁକୁନ୍ଦଦେବ ବନ୍ଦୀ ହୋଇ ବାରବାଟୀ ଦୁର୍ଗରେ ରହିଲେ ଓ ତାଙ୍କର ମୃତ୍ୟୁ ପରେ ବନ୍ଦୀ ଅବସ୍ଥାରେ ଥିବା ଜେନାମଣିଙ୍କୁ ତୃତୀୟ ରାମଚନ୍ଦ୍ର ଦେବ ନାମରେ ନାମିତ କରି ଇଂରେଜମାନେ ପୁରୀ ପଠାଇଥିଲେ ଓ ଖୁରୁଧା ଇଂରେଜମାନଙ୍କ ଖାସ୍ ଦଖଲରେ ରହିଗଲା। ସେହିଠାରୁ ରାଜଗୁରୁ ପଦବୀ ଆଉ ଶାସନରେ ରହିଲାନାହିଁ।

ଗଜପତି ଶାସନ ଚାଲିଗଲାପରେ ମରହଟ୍ଟା ଶାସନ ପରଠାରୁ ଓଡ଼ିଶାରେ ରାଜା, ଜମିଦାରମାନେ ସୃଷ୍ଟି ହେଲେ ଏବଂ ପ୍ରତ୍ୟେକ ମଧ୍ୟ ନିଜର ଶାସନରେ ଜଣେ ଲେଖାଏଁ ରାଜଗୁରୁ ରଖିଲେ। ସେହିଭଳି କୌଣସି କ୍ଷମତା ନଥିବା ଗଜପତି ମଧ୍ୟ ନିଜର ପାରମ୍ପାରିକ ପ୍ରଥା ଅନୁସାରେ ଜଣେ ରାଜଗୁରୁଙ୍କୁ ନିଯୁକ୍ତି ଦେଇଥିଲେ। ଯେଉଁମାନେ ବଂଶାନୁକ୍ରମେ ସେହି ରାଜଗୁରୁ ପଦ ପାଇ ଆସୁଛନ୍ତି। ମାତ୍ର ସେମାନଙ୍କ ଶାସନରେ କୌଣସି ପ୍ରକାର ଆଧିପତ୍ୟ ନାହିଁ। ବିପ୍ଳବୀ ଜୟକୃଷ୍ଣ ରାଜଗୁରୁଙ୍କ ପରେ ରାଜଗୁରୁ ପଦବୀର ଐତିହ୍ୟ ଓ ସମ୍ମାନ ଚାଲିଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ।

# ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'



ମନୋରମା ନନ୍ଦ (ମିଶ୍ର)
ଟ୍ରଷ୍ଟି, ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ, ବାଜପୁର
ମୋ-୯୭୭୮୫-୨୨୮୮୨

ଦେଶ ତଥା ଜନ୍ମମାଟିର ସୁରକ୍ଷା ପାଇଁ ଲଢେଇ କରି ଅନେକ ସ୍ୱାଧୀନତା ସଂଗ୍ରାମୀ ଜୀବନକୁ ବଳି ଦେଇଛନ୍ତି। ଇଂରେଜ ଶାସନକୁ ପ୍ରତିହତ କରି ଅନ୍ୟମାନଙ୍କ ପାଇଁ ଉଚ୍ଚ ଆଦର୍ଶ ସୃଷ୍ଟି କରିଛନ୍ତି। ହେଲେ ଏମିତି କେତେକ ଆଗଧାଡ଼ିର ସ୍ୱାଧୀନତା ସଂଗ୍ରାମୀଙ୍କୁ ଏକଜୁଟ୍ କରିଥିବା ସଂଗଠନ ହେଉଛି 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'। କହିବାକୁ ଗଲେ, ଏହି ସଦନ ପାଲଟିଥିଲା ଅବିଭକ୍ତ ପୁରୀ ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ। ଦେଶ ସ୍ୱାଧୀନ ହେବା ପୂର୍ବରୁ ଅର୍ଥାତ୍ ୧୯୪୦ ମସିହାରେ ଅବିଭକ୍ତ ପୁରୀ ଜିଲା (ଏବେ ଖୋରଧା)ର ବାଜପୁର ଗ୍ରାମରେ ପ୍ରତିଷ୍ଠା କରାଯାଇଥିବା ଏହି ସଦନକୁ ଇତିମଧ୍ୟରେ ୮୬ ବର୍ଷ ଅତିକ୍ରାନ୍ତ ହୋଇଛି। ହେଲେ ଏହା ଏବେ ବି ବିଗତ ଦିନର ସେହି ମହାନ୍ ସଂଗ୍ରାମୀଙ୍କ ଉଚ୍ଚ ଆଦର୍ଶରୁ ତିଳେ ମାତ୍ର ବିଚ୍ୟୁତ ନହୋଇ ତା'ର କାର୍ଯ୍ୟଧାରା ଜାରି ରଖିଛି। ଏହାର ସେତେବେଳେ ନେତୃତ୍ୱ ନେଇଥିଲେ ବାଜପୁରର ବରପୁତ୍ର ସ୍ୱାଧୀନତା ସଂଗ୍ରାମୀ କବିଗୌରବ ପଣ୍ଡିତ ନାରାୟଣ ମିଶ୍ର। ଆଉ ଏହି ସଦନ ଗଢ଼ିବାରେ ତାଙ୍କୁ 'ନବଜୀବନ'ର ପ୍ରତିଷ୍ଠାତା ଚିନ୍ତାମଣି ମିଶ୍ର, ସଂଗ୍ରାମୀ ବାନାମ୍ବର ପଟ୍ଟନାୟକ, ପଦ୍ମନାଭ ମିଶ୍ର ଓ ନାରାୟଣ ସେଠୀ ପ୍ରମୁଖଙ୍କ ଭଳି ଧୂରୀଣ ବ୍ୟକ୍ତିତ୍ୱ ସହଯୋଗର ହାତ ବଢ଼ାଇଥିଲେ।

ମୁକ୍ତିସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ର ମାତ୍ର ୩ ବର୍ଷ ବର୍ଷ ବୟସରେ ପିତା ଦିଗମ୍ବର ମିଶ୍ରଙ୍କୁ ହରାଇ ପିତୃହୀନ ହୋଇଥିଲେ। ପରେ ତାଙ୍କ ବଡ଼ମାମୁଁ ବିଶ୍ୱନାଥ ମିଶ୍ରଙ୍କ ପରାମର୍ଶ କ୍ରମେ ୧୯୨୧ରେ ପଞ୍ଚସଖାଙ୍କ ନେତୃତ୍ୱରେ ଗଢ଼ି ଉଠିଥିବା ସତ୍ୟବାଦୀ ବକୁଳ ବନ ବିଦ୍ୟାଳୟରେ ଶିକ୍ଷାଗ୍ରହଣ ପାଇଁ ପାଇଁ ସେ ସାକ୍ଷୀଗୋପାଳ ଅଭିମୁଖେ ଯାଇଥିଲେ। ପ୍ରଥମ ଥର ପାଇଁ ପଞ୍ଚସଖା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ ଓ କୃପାସିନ୍ଧୁ ମିଶ୍ର ପ୍ରମୁଖଙ୍କ ସଂସ୍ପର୍ଶରେ ଆସିବା ପରେ ସ୍ୱାଧୀନତାର ମହାମନ୍ତ୍ରରେ ଉଦ୍‌ଭାସିତ ହୋଇଥିଲେ। ଆଉ ସେହିଠାରୁ ହିଁ ବାନରସେନା ଗଢ଼ିବା ଲାଗି 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ' ପ୍ରତିଷ୍ଠା କରିବାର କୌଶଳ ଶିଖିଥିଲେ।

୧୯୩୦ରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ରାଜ୍ୟର ବିଭିନ୍ନ ଗ୍ରାମରେ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ ପାଇଁ 'ବାନରସେନା' ଗଠନ କରାଯାଉଥାଏ। ଆଉ ସେହି 'ବାନରସେନା'ରେ ସାମିଲ ହେବା ପାଇଁ ସୈନିକ ବା କର୍ମୀ ଯୋଗାଡ଼ କରିବାକୁ ଆହ୍ୱାନ ଦିଆଯାଇଥିବାରୁ ବାଜପୁରରେ ଏଥିପାଇଁ ମୂଳଦୁଆ ପକାଇବାକୁ ନିଷ୍ପତ୍ତି ହୋଇଥିଲା। ପାଠପଢ଼ା, ପରିବାର, ଭବିଷ୍ୟତ ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟ ଆଦି ପରିତ୍ୟାଗ କରି ଗତିଧାରାରେ ସମ୍ପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ ଟାଣି 'ବାନରସେନା' ପାଇଁ କର୍ମୀ ଯୋଗାଡ଼ କରିବାର ଦୁର୍ବାର ଶପଥ ନିଆଯାଇଥିଲା। ପ୍ରବଳ ପ୍ରତାପୀ ବ୍ରିଟିଶ ଶାସକ ନିଃଶେଷ କରି ଦେଇଥାଏ ଭାରତୀୟ ଜନଜୀବନକୁ। ଅନ୍ୟାୟ, ଅତ୍ୟାଚାର, ଶୋଷଣ ଆଦି ସୀମା ଲଂଘିଥାଏ। କହିବାକୁ ଗଲେ,





ନିର୍ବାଣ ଦୀପଶିଖା ଜଳି ଉଠୁଥାଏ। ସେଥିରେ ପୂର୍ଣ୍ଣଚ୍ଛେଦ ଟାଣିବା ସହ ସୁସ୍ଥ, ସୁନ୍ଦର, ବୃହତ୍ତର ସ୍ୱାଧୀନ ଜୀବନର ଶିଳାନ୍ୟାସ କରିବାକୁ ଅଗ୍ରସର ହେଉଥାନ୍ତି ସଂଗ୍ରାମୀଗଣ। ନବପ୍ରଭାତ ସହ ନୂତନ ଭାଷାର ଅରୁଣିମାକୁ ଅପେକ୍ଷା କରିଥାନ୍ତି ସଭିଏଁ। ଶରୀରରେ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ଚଳାଇବାକୁ ହେବ ଏ ଅସହଯୋଗ ଆନ୍ଦୋଳନ। ତା'ପରେ ଜଣାପଡ଼ିବ, କେତେ ଦିନ ତିଷ୍ଠି ରହିବ ଏ ସାତଦରିଆ ତେର ନଈ ପାରି ହୋଇ ଆସିଥିବା ବେପାରୀ ଶାସକଦଳ।

ସେତେବେଳେ ଅସହଯୋଗ ଆନ୍ଦୋଳନର ନିଶା ସମସ୍ତଙ୍କୁ ଘାରିଥାଏ। ଦିନକର କଥା। ସ୍ୱାଧୀନତା ସଂଗ୍ରାମ ସୈନିକ ସଦନର ସଦସ୍ୟମାନେ ରାତି ପାହିବା ପୂର୍ବରୁ କଣାସ ନିକଟବର୍ତ୍ତୀ ଦୟାନଦୀ ନିକଟରେ ପହଞ୍ଚିବାକୁ କୁହାଯାଇଥିଲା। ସେହି କ୍ୟାମ୍ପରୁ ଅସହଯୋଗ ଆନ୍ଦୋଳନର ନୂତନ ପର୍ଯ୍ୟାୟ ଆରମ୍ଭ ହେବ ବୋଲି କୁହାଯାଇଥିଲା। ଆଖିରେ ଆଖିଏ ନିଦ। ଅବଶ ହୋଇପଡ଼ିଲାଣି ସଂଗ୍ରାମୀଙ୍କ ଶରୀର। କାହାର କାହାର ଗୋଡ଼ ଖଣ୍ଡିଆ ହୋଇ ଛୁଟିଲାଣି ରକ୍ତଧାର। ଖୁବ୍‌ଦୂରରୁ ଦେଖାଯାଉଛି କଣାସର ନଦୀକୂଳ ବରଗଛ। ସଭା ପାଇଁ ସେଠାରେ ଚାଲିଛି ପ୍ରସ୍ତୁତି। ଲାଠି, ବେଡ଼ିକୁ ଖାତିର ନାହିଁ। ରାତି ଅନିଦ୍ରା ହୋଇ ବହୁ ପଥ ଅତିକ୍ରମ କରି ଆସିଥିବା ୫ଜଣଙ୍କୁ ଦିଆଗଲା ପିକେଟିଂ ଦାୟିତ୍ୱ। ସେହି ନିଃସଙ୍ଗ ବାନର ସେନାର ସେନାପତିତ୍ୱ ଗ୍ରହଣ କରିଥାନ୍ତି ସଦନର ସବଳ, ବପୁବାନ୍, ତେଜସମ୍ପନ୍ନ ସଂଗ୍ରାମୀମାନେ। ଲକ୍ଷ୍ୟ ଥିଲା ପିକେଟିଂ। ଜାତୀୟ ସଙ୍ଗୀତ ଆବୃତ୍ତି ଏବଂ ହସ୍ତଶୋଭିତ ତ୍ରିରଙ୍ଗା ପତାକାର ଲହରୀଳ ନୃତ୍ୟ। ତା'ପରେ କର୍ତ୍ତବ୍ୟନିଷ୍ଠ ବ୍ରିଟିଶ ପୋଲିସ ଏବଂ ବାନରସେନା ଭିତରେ ବେଶ୍ ଉପଭୋଗ୍ୟ ଖଣ୍ଡଯୁଦ୍ଧ। ହାତରେ ବେଡ଼ି, ଅଣ୍ଟାରେ ଦଉଡ଼ି, କଣ୍ଠରେ ଜାତୀୟ ସଙ୍ଗୀତର ଆବୃତ୍ତି। ପତାକାଟା କିନ୍ତୁ ପୋଲିସ ବୁଟ୍ ତଳେ ଛିନ୍ନଭିନ୍ନ ହୋଇ ସୁଦ୍ଧା ଶୋଭା ପାଉଥିଲା ପଣ୍ଡିତ ଶ୍ରୀ ମିଶ୍ରଙ୍କ ମସ୍ତକରେ।

୧୯୩୧ ମସିହାରେ ଅନୁଷ୍ଠିତ 'ଲବଣ ସତ୍ୟାଗ୍ରହ'ରେ ପଣ୍ଡିତ ମିଶ୍ରଙ୍କ ସମେତ ସଂଗ୍ରାମୀମାନେ ସାମିଲ ହୋଇ ଲୁଣ ମାରିବାକୁ ଯାଇଥିବାବେଳେ ଇଂରେଜ ସରକାରଙ୍କ ଅକଥନୀୟ ଅତ୍ୟାଚାରର ଶିକାର ହୋଇଥିଲେ। ତତଲା ବାଲିରେ ସ୍ଲେଜ ଗାଡ଼ି ଭଳି ଘୋଷରା ଖାଇବାକୁ ପଡ଼ିଥିଲା ସେମାନଙ୍କୁ। ମଝିରେ ମଝିରେ ଦିଆଯାଉଥିଲା ଲାଠି ଓ କୋରଡ଼ାରେ ପ୍ରହାର। ପିଇବାକୁ ପାଣି ବଦଳରେ ଦିଆଯାଉଥିଲା ପରିଶ୍ରା। ପୁଲିସ ଭ୍ୟାନରେ ଆଳୁବସ୍ତା ପରି ଭର୍ତ୍ତି କରି ସଂଗ୍ରାମୀଙ୍କୁ ପ୍ୟାକ କରି ନିଆଯାଉଥିଲା । ପରେ ଭ୍ୟାନ ଛୁଟୁଥିଲା ପୁରୀ ଆଡ଼କୁ। ପୁରୀ ପୋଲିସ ହାଜତରେ ବିନା ଖାଦ୍ୟ ଓ ପାଣିରେ ରହିବାକୁ ପଡ଼ିଲା ସେମାନଙ୍କୁ ସପ୍ତାହକ ପର୍ଯ୍ୟନ୍ତ। ଏହି ସମୟରେ ସଦନର ସଦସ୍ୟମାନେ ମରିବୁ ପଛେ, ହାରିବୁ ନାହିଁ ବୋଲି ଶପଥ ନେଇଥିଲେ। 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'ର ପ୍ରେରଣା କ୍ରମେ ଏହାର ସଦସ୍ୟମାନେ ଗଭୀର ଅନୁରକ୍ତି ସହ ଅଭେଦ୍ୟ ମମତା ଏବଂ ଅତୁଟ ସ୍ନେହରେ ସମସ୍ତଙ୍କୁ ବାନ୍ଧି ରଖିଥିଲେ।

ପ୍ରଖ୍ୟାତ ସ୍ୱାଧୀତନା ସଂଗ୍ରାମୀ ଗୋକୁଳମୋହନ ରାୟଚୂଡ଼ାମଣି ଓ କୁନ୍ଦନ ରାମ୍ ପ୍ରମୁଖ ମଧ୍ୟ ସଦନକୁ ସୁଦୃଢ଼ କରିବାକୁ କେତେକାଂଶରେ ସହଯୋଗ କରିଥିଲେ। ବିଦ୍ରୋହୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇବା ଉଦ୍ଦେଶ୍ୟରେ ଜମିଦାର ପରମ୍ପରାର ଅନେକ ପରିବାରର ସଦସ୍ୟଙ୍କୁ ବାଜପୁର ଅଣାଯାଇ ସଦନରେ ସାମିଲ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସଦନର ସଦସ୍ୟମାନେ ସଂଗୃହୀତ ଲୁହାରେ ଖଣ୍ଡା, ଢାଲ, ବର୍ଚ୍ଛା, ତୀର ଆଦି ତିଆରି କରୁଥିଲେ । ଏହି ବିପ୍ଳବୀଙ୍କ ହାତରେ ଏତେ ପରିମାଣର ଅସ୍ତ୍ରଶସ୍ତ୍ର ଦେଖି ଇଂରେଜ ସେନାପତିମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ସଦନର ସଦସ୍ୟମାନେ ବିଭିନ୍ନ ଅଞ୍ଚଳର ବିପ୍ଳବୀଙ୍କୁ ଅଧିକାଂଶ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଉଥିବା ଇଂରେଜମାନେ ଜାଣିବାକୁ ପାଇବାରୁ ସଦନର ସଦସ୍ୟଙ୍କୁ ଟାଣି ଟାଣି ଜେଲ ହାଜତକୁ ନେଇଥିଲେ।

ଲବଣ ସତ୍ୟାଗ୍ରହରେ ସାମିଲ ହୋଇ ୧୯୪୨ ନଭେମ୍ବର ୧୬ରେ ସଦନର ସଦସ୍ୟମାନେ ଖୋରଧା ଓ ପାଟଣା କ୍ୟାମ୍ପ ଜେଲ୍‌ରେ ବନ୍ଦୀ ଜୀବନ ବିତାଇଥିବାର ନଜିର ରହିଛି। ବାଜପୁରରେ ପ୍ରତିଷ୍ଠିତ 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ' ସାରା ରାଜ୍ୟରେ ବାନରସେନାର ପ୍ରାଣକେନ୍ଦ୍ର ଭାବେ ଅଜସ୍ର ପ୍ରଶଂସା ସାଉଁଟିଥିଲା। ସୈନିକ ସଦନର ନିଷ୍ପତ୍ତି କ୍ରମେ ୧୯୪୭ରେ ଖଦଡ଼ ଓ ଧୋତି ପରିଧାନ କରି ଏହାର ସଦସ୍ୟମାନେ ହାତରେ ତ୍ରିରଙ୍ଗା ଧରି ଗାଁକୁ ଗାଁ ବୁଲିଲେ। ୧୯୫୩ରେ ଭୂତପୂର୍ବ ଅର୍ଥ ଓ ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ମୂର୍ତ୍ତି ସ୍ଥାପନ ସମିତିର ସହକାରୀ ସମ୍ପାଦକ ଉଦୟନାଥ ଷଡ଼ଙ୍ଗୀ ପ୍ରମୁଖ ଏହି ସଦନ ପରିଦର୍ଶନରେ ଆସି ବାନରସେନାଙ୍କ କାର୍ଯ୍ୟରେ ବିମୋହିତ ହୋଇଥିଲେ। ସେହିପରି ୧୯୫୭ରେ ଭୂତପୂର୍ବ ଶିକ୍ଷ ଓ ବାଣିଜ୍ୟ ମନ୍ତ୍ରୀ ହରିହର ପଟେଲ, ୧୯୫୯ରେ ତତ୍କାଳୀନ ପୁରୀ ଜିଲା ମାଜିଷ୍ଟ୍ରେଟ ଉଦୟଚନ୍ଦ୍ର ଅଗ୍ରୱାଲା, ୧୯୬୧ରେ ତତ୍କାଳୀନ ରାଜ୍ୟପାଳ ଯଶୋବନ୍ତ ନାରାୟଣ ସୁକଠଣକର୍, ୧୯୬୭ରେ ଖ୍ୟାତନାମା କବି ଡ଼.ମାୟାଧର ମାନସିଂହ ପ୍ରମୁଖ ଏହି ସଦନ ପରିଦର୍ଶନ କରି ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ। ସେହିପରି ୧୯୬୪ ମସିହାରେ ଭୂତପୂର୍ବ ବାଚସ୍ପତି ନୀଳକଣ୍ଠ ଦାସ, ସର୍ବଭାରତୀୟ କଂଗ୍ରେସ କମିଟି ପ୍ରବକ୍ତା କେ.କାମରାଜ୍ ପ୍ରମୁଖ ଚିନ୍ତାମଣି ମିଶ୍ରଙ୍କ ନିମନ୍ତ୍ରଣ କ୍ରମେ ଏହି ସଦନ ପରିଦର୍ଶନ କରିଥିଲେ। ସର୍ବୋପରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ରନାରାୟଣ ସିଂହଦେଓ ୧୯୬୭ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାଜପୁର ଆସିଥିବାବେଳେ ଏହି ସଦନକୁ ଆସିଥିବା ଇତିହାସ ଅବଲୋକନ କଲେ ଜଣାପଡ଼େ। ଅନ୍ୟପକ୍ଷରେ ସୈନିକ ସଦନ ହିଁ ସଂଗ୍ରାମୀଙ୍କୁ ସାରସ୍ୱତ ସାଧନା ପାଇଁ ପ୍ରବର୍ତ୍ତାଇଥିଲା। ଏହାର ଫଳସ୍ୱରୂପ ୧୯୬୧ରେ ପଣ୍ଡିତ ମିଶ୍ର 'ଚିଲିକା ଦର୍ଶନ', 'ଭୋଟର ଭାବନା', 'ସାମୟିକୀ' ଓ 'ଦଶଦିଗ' ଆଦି କାବ୍ୟ ରଚନା କରି ସାହିତ୍ୟ ଆକାଶକୁ ଋଦ୍ଧିମନ୍ତ କରିଥିଲେ। ୧୯୬୭ରେ ପାଟଣା ମହାରାଜା ତଥା ନୂତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସମ୍ପର୍କରେ ଲିଖିତ 'ପୁଣ୍ୟଶ୍ଳୋକ' ଆତ୍ମପ୍ରକାଶ କରିଥିଲା। ତେବେ ସେ ଯାହହେଉ, ୮୬ ବର୍ଷ ବୟସରେ ପହଞ୍ଚିଥିବା ସୈନିକ ସଦନ ଆଜି ବି ସଗର୍ବେ ମୁଣ୍ଡ ଟେକି ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଆସୁଛି।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଚରିତ୍ର

ଶ୍ରଦ୍ଧେୟ ଭକ୍ତବୃନ୍ଦ, ଏହି ସମାଜରେ ପ୍ରତ୍ୟେକ ମନୁଷ୍ୟ ସ୍ୱାଭିମାନୀ, ଧନୀ ହେଉ କି ଗରିବ ହେଉ । ଛୋଟ ହେଉ କି ବଡ ହେଉ ଜାତି ହେଉ କି ଅଜାତି ହେଉ ସମସ୍ତଙ୍କୁ ଇଶ୍ୱର ସୃଷ୍ଟିକୁ ପଠାଇଛନ୍ତି । ତେଣୁ ଏ ସୃଷ୍ଟିରେ ଯିଏ ଯେଉଁ ଅଭିନୟ କରିବାକୁ ଆସିଛି ସେ କରିବ । ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । କିନ୍ତୁ ଏ ଚରିତ୍ର ଶବ୍ଦଟି ବଡ ଜଟିଳ, ପାନରୁ ଚୂନ ଖସିଗଲେ କଥା ସଇଲା, କିନ୍ତୁ ସୁଧିବୃନ୍ଦ ସବୁ ଚରିତ୍ରର ସଂଯୋଗ ସମାନ ନୁହେଁ, ଅନ୍ୟର ଚରିତ୍ରକୁ ଆକ୍ଷେପ କରିବା ପୂର୍ବରୁ ନିଜର ଚରିତ୍ରକୁ ସମୀକ୍ଷା କର, ପ୍ରକୃତରେ ତମ ଚରିତ୍ରରେ କଣ ଦାଗ ଲାଗିନାହିଁ ? କାୟ, ମନ, ବାକ୍ୟ ଦ୍ୱାରା କେଉଁଠି ନା କେଉଁଠି ଦାଗ ଥିବ ତାକୁ ସମୀକ୍ଷା କର । ତା'ପରେ ଯାଇ ଅନ୍ୟର ଚରିତ୍ର ଉପରକୁ କଥା ଉଠାଇବ । କିନ୍ତୁ କଥାରେ ଅଛି ଯାହା ନଦେଖିବ ଦୁଇନୟନେ, ପରତେ ନ ଯିବ ଗୁରୁ ବଚନେ, ଏହି କଥାଟିକେ ବିଚାର କରନ୍ତୁ, ଶୁଣିବା କଥା କି କାନ କୁହାକଥାରେ ଭାସିଯାଅନାହିଁ, ଫଳ ହେବ ବିପରୀତ ସାବଧାନ । ହରିଓଁ ।

### ବାଧକ ନଥିଲେ ସାଧକ ନୁହେଁ

ହେ ସୁଧିଜନ ଦୁଃଖ ନଥିଲେ ସୁଖ ନାହିଁ । ଦିନ ନଥିଲେ ରାତି ନାହିଁ । ବାଧା ନଥିଲେ ଜଣେ ସାଧୁ ହୋଇପାରେ ନାହିଁ । କାରଣ ବାଧକ ହିଁ ଅଗ୍ନି, ତେଜ, ଶକ୍ତିକୁ ଉତ୍ପନ୍ନ କରିଥାଏ ସାଧକର ଶରୀର ଭିତରେ, ସେହିଁ ଗୁରୁ, ସେହିଁ ଅଚେତ ଘଟକୁ ଚେତନା ରୂପକ ଚୈତନ୍ୟ ଶକ୍ତିକୁ ସାଧକକୁ ଆଧାର ଦେଇଥାଏ । ତେଣୁ କଥାରେ ଅଛି କଷ୍ଟ କଲେ କୃଷ୍ଣ ମିଳନ୍ତି। ସେଠାରେ ଧନ ଲେଖାନଥାଏ । ଭକ୍ତ ହେଉ କି ଶିଷ୍ୟ ହେଉ କି ସାଧକ ହେଉ ତାକୁ ପ୍ରଥମେ ତାର ଲକ୍ଷ କଣ ବୁଝିବାକୁ ପଡିବ । ସେହି ଲକ୍ଷ ସ୍ଥଳରେ ପହଞ୍ଚିବା ପାଇଁ ତାକୁ ସେହିପରି ବିନମ୍ରତା, ସାଧୁତା, ସତ୍ୟତା, ସଂଯମତା, ସେବା, ଦୟାଭାବ, ଦାନଭାବ ଉପରେ ଗୁରୁତ୍ୱ ଦେବାକୁ ପଡିଥାଏ ।ଏହି ସବୁ ହେଉଛି ମାୟାର ବାଧକ । ଏହାହିଁ ସରଳ ସାଧନା ବା ସାଧନାର ମାର୍ଗ । ତେଣୁ ଗୁରୁମୁଖୀ ହୋଇ କର୍ମରେ ଦେଖିବ ତୁମର ନିଶ୍ଚୟ ସାଧନା ମାର୍ଗରେ ସିଦ୍ଧି ଲାଭ ହୋଇପାରିବ । ହରିଓଁ ।

◆◆

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ଜୁନ୍ ୨୦୨୬ ବୁଧବାର

# ଆଭା

## ମାଡ଼ିଆସୁଛି ଭୟଙ୍କର ସୌରଝଡ଼, ଭାରତରେ ଦିଶିବ ଅଦ୍ଭୁତ ଆଲୋକ




**ନୂଆଦିଲ୍ଲୀ:** ସୂର୍ଯ୍ୟ ଏବେ ଅତ୍ୟନ୍ତ ଆକ୍ରାମକ ଓ ଅଶାନ୍ତ ଜଣାପଡୁଛି । ସୂର୍ଯ୍ୟ ପୃଷ୍ଠରେ ଗତ ସପ୍ତାହ ଲଗାତାର ଭୟାନକ ବିସ୍ଫୋରଣ ହେଉଛି, ଯାହା ଦ୍ୱାରା ସେଥିରୁ ଚୁମ୍ବକୀୟ ଗ୍ୟାସ୍ ?ର ବିଶାଳ ବାଦଲ ଅତି ଦ୍ରୁତ ବେଗରେ ମହାକାଶରେ ବ୍ୟାପୁଛି । ଏହି କ୍ରମରେ ଏକ ଅତ୍ୟନ୍ତ ବଡ଼ ଓ ଭୟାନକ ବୈଜ୍ଞାନିକ ଘଟଣା ସାମ୍ନାକୁ ଆସିଛି । ସୂର୍ଯ୍ୟ ପୃଷ୍ଠରେ ସଂଘଟିତ ଏକ ଶକ୍ତିଶାଳୀ ବିସ୍ଫୋରଣ ପରେ ସେଠାରୁ ଏକ ବିଶାଳ କୋରୋନାଲ ମାସ୍ ଇଜେକ୍ସନ୍ ଓ ଅତ୍ୟଧିକ ଘନତ୍ୱବିଶିଷ୍ଟ ସୌରଝଡ଼ ରୂପେ ସିଧା ପୃଥିବୀ ଆଡ଼କୁ ମାଡ଼ିଆସୁଛି । ନାସା ଓ ସ୍ପେସ୍ ୱେଦର ପ୍ରେଡିକ୍ସନ୍ ସେଣ୍ଟର ଏହାକୁ ନେଇ ଅତ୍ୟନ୍ତ ଗମ୍ଭୀର ଚେତାବନୀ ଜାରି କରିଛି ।

ଏହି ସୌରଝଡ଼ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ସହ ଧକ୍କା ହେବାକୁ ଯାଉଛି, ଯାହା ଯୋଗୁ ମହାକାଶ ପାଣିପାଗ ବିଭାଗ ଜିଓ ବିଭାଗର ଭୂ-ଚୁମ୍ବକୀୟ ଝଡ଼ ଅର୍ଥାତ୍ ଜିଓମ୍ୟାଗ୍ନେଟିକ୍ ଝଡ଼ ବିଷୟରେ ଘୋଷଣା କରିଛି । ଏହି ସୌର ଝଡ଼ ପ୍ରଭାବରେ ଭାରତର ଉତ୍ତର କ୍ଷେତ୍ର, ୟୁରୋପ, ଆମେରିକା ଓ ଅଷ୍ଟ୍ରେଲିଆ ଆକାଶରେ ଏକ ସ୍ୱତନ୍ତ୍ର ଓ ଚମକଦାର ଦୃଶ୍ୟ ଦେଖିବାକୁ ମିଳିପାରେ । ବୈଜ୍ଞାନିକ ଭାଷାରେ ଏହାକୁ ଅରୋରା ବା ନର୍ଦନ ଲାଇଟ୍ କୁହାଯାଏ ।

ସୂର୍ଯ୍ୟ ପୃଷ୍ଠରେ 'ଆକ୍ଟିଭ୍ ରିଜନ୍ ୪୪୬୧' ନାମକ ଏକ ଅତ୍ୟନ୍ତ ସକ୍ରିୟ କ୍ଷେତ୍ରରେ ଗତ ୬ ତାରିଖ ସକାଳେ ଏକ ଭୟଙ୍କର ବିସ୍ଫୋରଣ ହୋଇଥିଲା । ଏହାକୁ ବୈଜ୍ଞାନିକମାନେ ଏମ୍ ୧.୮ ଶ୍ରେଣୀର ସୋଲାର ଫ୍ଲେୟର୍ ନାମ ଦେଇଛନ୍ତି । ସୋଲାର ଫ୍ଲେୟର୍ ଅର୍ଥ ସୂର୍ଯ୍ୟ ପୃଷ୍ଠରୁ ହଠାତ୍ ନିର୍ଗତ ଅତ୍ୟଧିକ ତୀବ୍ର ବିକିରଣର ବିସ୍ଫୋରଣ । ଚୁମ୍ବକୀୟ ଶକ୍ତି ହଠାତ୍ ମୁକ୍ତ ହେବା ଯୋଗୁ ଏହା ଉତ୍ପନ୍ନ ହୋଇଥାଏ । ଏ ଥର ଏହି ବିସ୍ଫୋରଣ ସ୍ୱତନ୍ତ୍ର ଓ ଚିନ୍ତାଜନକ ହେବାର କାରଣ ଏହାର କେନ୍ଦ୍ରରୁ ଏକ ଅତ୍ୟନ୍ତ ଘନ, ଭାରୀ ଓ ଅତ୍ୟଧିକ ଚୁମ୍ବକୀୟ 'ଫିଲାମେଣ୍ଟ' ବାହାରିଛି । ଏହି ଫିଲାମେଣ୍ଟ ଏବେ ସୌରମଣ୍ଡଳକୁ ଅତିକ୍ରମ କରି ସେକେଣ୍ଡ ପିଛା ୧,୪୦୦ କିମି ଅବିଶ୍ୱସନୀୟ ଓ ଭୟଙ୍କର ବେଗରେ ସିଧା ପୃଥିବୀ ଆଡ଼କୁ ମାଡ଼ିଚାଲିଛି । ମହାକାଶ ପାଣିପାଗ ବୈଜ୍ଞାନିକ ତମିଥା ସ୍କୋଭ୍ ଉପଗ୍ରହ ଚିତ୍ରଗୁଡ଼ିକର ବିଶ୍ଳେଷଣ କରି ଏହାକୁ ଏକ 'ଟେକ୍ସଟବୁକ୍ କୋର୍ ଫିଲାମେଣ୍ଟ ଇରପ୍ସନ' କହିଛନ୍ତି । ଅର୍ଥାତ୍ ଏଭଳି ଏକ ବିସ୍ଫୋରଣ ଯାହା ସିଧାସଳଖ ପୃଥିବୀ ବାୟୁମଣ୍ଡଳକୁ ପ୍ରଭାବିତ କରିବାରେ ପୂର୍ଣ୍ଣ ସକ୍ଷମ ।

ସୂର୍ଯ୍ୟର ବାହ୍ୟ ବାୟୁମଣ୍ଡଳକୁ କୋରୋନା କୁହାଯାଏ । ସେଠାରେ ତାପମାତ୍ରା ହାରାହାରି ୧୦- ୨୦ ଲକ୍ଷ ଡିଗ୍ରୀ ସେଲ୍ସିୟସ୍ । କିନ୍ତୁ ଏହି ଫିଲାମେଣ୍ଟ ଭିତରେ ଫସିଥିବା ପ୍ଲାଜ୍ମାର ତାପମାତ୍ରା ୫,୦୦୦-୧୦,୦୦୦ ଡିଗ୍ରୀ ସେଲ୍ସିୟସ୍ ମଧ୍ୟରେ ଥାଏ । ସୂର୍ଯ୍ୟ ତୁଳନାରେ ଏହା ଅତ୍ୟନ୍ତ ଥଣ୍ଡା ଓ ବହୁତ ଭାରୀ । ଏହି ଭାରୀ ଗ୍ୟାସ୍ ?କୁ ଧରି ରଖିଥିବା ଚୁମ୍ବକୀୟ ବଳୟ ଯେତେବେଳେ ଦୁର୍ବଳ ବା ଅସ୍ଥିର ହୁଏ, ଫିଲାମେଣ୍ଟ ହଠାତ୍ ଭାଙ୍ଗିଯାଏ । ରବର ବ୍ୟାଣ୍ଡ ଭଳି ଝଟ୍କା ଯୋଗୁ ତାହା ମହାକାଶରେ ବ୍ୟାପିଯାଏ । ଅତ୍ୟନ୍ତ ଭାରୀ ହୋଇଥିବାରୁ ଏହା ଯେତେବେଳେ ପୃଥିବୀର ଚୁମ୍ବକୀୟ କବଚ ସହ ଧକ୍କା ହେବ, ଅତ୍ୟନ୍ତ ତୀବ୍ର ସୌରଝଡ଼ ଉତ୍ପନ୍ନ କରିବ ।

ବୈଜ୍ଞାନିକଙ୍କ ଅନୁସାରେ, ସୂର୍ଯ୍ୟର ଯେଉଁ କ୍ଷେତ୍ରରୁ ଏହି ଫିଲାମେଣ୍ଟ ବାହାରିଛି, ତା'ର ଚୁମ୍ବକୀୟ ରେଖା ଇଂରାଜୀ ଅକ୍ଷର 'ଏସ୍' ଆକାରରେ ଏକ ସ୍ପ୍ରିଙ୍ଗ୍ ଭଳି ପରସ୍ପର ସହ ଛନ୍ଦି ହୋଇଥିଲା । କୌଣସି ଚୁମ୍ବକୀୟ କ୍ଷେତ୍ର ଏଭଳି ମୋଡ଼ିହେଲେ, ତାହା ନିଜ ଭିତରେ ଅତ୍ୟଧିକ ମାତ୍ରାରେ ଉର୍ଜ୍ଜା ଜମା କରିଥାଏ । ଏହା ଚରମ ସୀମାରେ ପହଞ୍ଚିବା ପରେ ରେଖା ହଠାତ୍ ଭାଙ୍ଗିଗଲା ଏବଂ ପରସ୍ପର ମଧ୍ୟରେ ପୁନଃ ଯୋଡ଼ିହେଲା । ଏହି ପ୍ରକ୍ରିୟାକୁ ମ୍ୟାଗ୍ନେଟିକ୍ ରିକନେକ୍ସନ୍ କୁହାଯାଏ । ଏହି ଝଟ୍କାରୁ ଗୋଟିଏ ପଟେ ଭୟଙ୍କର ଏକ୍ସ-ରେ ବିକିରଣ ନିର୍ଗତ ହେଲା, ଯାହା ପୃଥିବୀର ରେଡିଓ ସଂଚାର ବ୍ୟବସ୍ଥାକୁ ପ୍ରଭାବିତ କଲା । ଅନ୍ୟପକ୍ଷେ, ୧ ଅରବ ଟନ୍ ଓଜନର ଚୁମ୍ବକୀୟ ପ୍ଲାଜ୍ମାର ବାଦଲ ସେକେଣ୍ଡ ପିଛା ୧,୪୦୦ କିମି ବେଗରେ ପୃଥିବୀ ଆଡ଼କୁ ମାଡ଼ି ଆସିଲା ।

## ଆକାଶଛୁଆଁ ବିଲ୍‌କୁ ବାଏ ବାଏ: ୧୦୦% ସୌରଶକ୍ତିରେ ଚାଲୁଛି ପୂରା ଗାଁ



ଦେଶର ଏମିତି ଏକ ଗାଁ, ଯେଉଁଠି ସବୁ ଘରେ ଚାଲୁଛି ଏସି-କୁଲର, କିନ୍ତୁ ବିଜୁଳି ବିଲ୍ 'ଜିରୋ' ! ଆଜିର ଆଧୁନିକ ଯୁଗରେ ବିଜୁଳି କାଟ୍ ଏବଂ ଆକାଶଛୁଆଁ ବିଜୁଳି ବିଲ୍ ? କୁ ନେଇ ସହରଠାରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ ସମସ୍ତେ ଚିନ୍ତିତ । ଗ୍ରୀଷ୍ମ ଋତୁ ଆସିଲେ ଏସି ଏବଂ କୁଲର୍ ଚଲାଇବା ପୂର୍ବରୁ ଲୋକଙ୍କୁ ଶହେ ଥର ଭାବିବାକୁ ପଡ଼େ। କିନ୍ତୁ କଳ୍ପନା କରନ୍ତୁ ଏମିତି ଗୋଟିଏ ଗାଁ ଯେଉଁଠି ପ୍ରତିଟି ଘରେ ଏସି, କୁଲର, ଟିଭି, ଫ୍ରିଜ୍ ଭଳି ସବୁ ପ୍ରକାର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ୨୪ ଘଣ୍ଟା ଧରି ଚାଲୁଛି, ହେଲେ ମାସ ଶେଷରେ ବିଜୁଳି ବିଲ୍ ଆସୁଛି ବିଲକୁଲ୍ ଶୂନ୍ ଅର୍ଥାତ୍ ଜିରୋ ! ଆଶ୍ଚର୍ଯ୍ୟ ଲାଗୁଛି ନା? କିନ୍ତୁ ଏହା ସତ । ମହାରାଷ୍ଟ୍ରର ସତାରା ଜିଲ୍ଲାରେ ଥିବା ଏକ ଛୋଟ ଗାଁ 'ମାନ୍ୟାଚୀୱାଡ଼ି' ଆଜି ସାରା ଦେଶ ପାଇଁ ଏକ ଉଦାହରଣ ସାଜିଛି। ଏହା ହେଉଛି ମହାରାଷ୍ଟ୍ରର ପ୍ରଥମ ୧୦୦ ପ୍ରତିଶତ ସୋଲାର ପାୱାର୍ଡ ବା ସୌରଶକ୍ତି ଚାଳିତ ଗାଁ । ସୋଲାର ଏନର୍ଜି ବଦଳାଇଦେଲା ଗାଁର ଭାଗ୍ୟ । ପାଟନ ତହସିଲ୍ ଅନ୍ତର୍ଗତ ଏହି ଛୋଟ ଗାଁର ଜନସଂଖ୍ୟା ମାତ୍ର ୪୨୦ ଏବଂ ଏଠାରେ ମୋଟ୍ ୧୦୨ଟି ଘର ରହିଛି। ଆଉ ସବୁଠାରୁ ବଡ଼ କଥା ହେଲା, ପ୍ରତ୍ୟେକ ଘରର ଛାତ ଉପରେ ଶୋଭା ପାଉଛି ରୁଫ୍ ଟପ୍ ସୋଲାର ପ୍ୟାନେଲ୍ । କେବଳ ଲୋକଙ୍କ ଘର ନୁହେଁ, ବରଂ ଗାଁର ସ୍କୁଲ୍, ଗ୍ରାମ ପଞ୍ଚାୟତ ଅଫିସ୍, ଅଙ୍ଗନୱାଡ଼ି, ଷ୍ଟ୍ରିଟ୍ ଲାଇଟ୍, ପାଣି ସପ୍ଲାଇ ଏବଂ ସୁରକ୍ଷା ପାଇଁ ଲାଗିଥିବା ସିସିଟିଭି କ୍ୟାମେରା ମଧ୍ୟ ଚାଲୁଛି ଏହି ସୌରଶକ୍ତିରେ । ଏଠି ମନରେ ପ୍ରଶ୍ନ ଆସୁଥିବ ଯେ ଏହି ବଡ଼ ପରିବର୍ତ୍ତନ ଆସିଲା କେମିତି ? ଏହା ପଛରେ ରହିଛି ଗାଁର ମହିଳା ଶକ୍ତିର ଏକ ବଡ଼ ଅବଦାନ । ଦିନେ ବିଜୁଳି କାଟରେ ଅତିଷ୍ଠ ହୋଇ ଗାଁର ମହିଳାମାନେ ଏହାକୁ ବଦଳାଇବାକୁ ସଙ୍କଳ୍ପ ନେଇଥିଲେ । ଗ୍ରାମ ପଞ୍ଚାୟତର ସହଯୋଗ ଏବଂ କେନ୍ଦ୍ର ସରକାରଙ୍କ 'ପିଏମ୍ ସୂର୍ଯ୍ୟ ଘର ଯୋଜନା' ମାଧ୍ୟମରେ ଆଜି ଏହି ଗାଁ ଆତ୍ମନିର୍ଭରଶୀଳ ହୋଇପାରିଛି । ଗାଁର ଏହି ସଫଳତାକୁ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ମଧ୍ୟ ଉଚ୍ଚ ପ୍ରଶଂସା କରିଛନ୍ତି। ବିଶେଷ କଥା ହେଉଛି, ମାନ୍ୟାଚୀୱାଡ଼ି କେବଳ ବିଜୁଳି କ୍ଷେତ୍ରରେ ନୁହେଁ, ବରଂ ସବୁ କ୍ଷେତ୍ରରେ ବିକାଶ ପାଇଁ ଜଣାଶୁଣା। ୨୦୦୧ ମସିହାରେ ଗ୍ରାମ ପଞ୍ଚାୟତ ଗଠନ ହେବା ପରେ ଏହି ଗାଁକୁ ଏପର୍ଯ୍ୟନ୍ତ ୭୬ରୁ ଅଧିକ ପୁରସ୍କାର ମିଳିସାରିଲାଣି। ଏହି ସ୍ମାର୍ଟ ଭିଲେଜରେ ଏଭଳି କିଛି ସୁବିଧା ଅଛି, ଯାହା ବଡ଼ ବଡ଼ ସହରରେ ବି ଦେଖିବାକୁ ମିଳେନାହିଁ । ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏଠାରେ ପଶୁମାନଙ୍କ ପାଇଁ ରହିଛି ବ୍ୟୁଟି ପାର୍ଲର । ଗୋରୁଗାଈଙ୍କ ସଫାସୁତୁରା ଓ ଯତ୍ନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ରାସ୍ତାଘାଟକୁ ସଫା ରଖିବାକୁ ଏବଂ ଗୁଟଖା ଛେପ ଫୋପାଡ଼ିବା ଲାଗି ସ୍ୱତନ୍ତ୍ର ସ୍ଥାନରେ ୱାଶ୍ ବେସିନ୍ ଲଗାଯାଇଛି। ଝିଅମାନଙ୍କ ସ୍ୱାସ୍ଥ୍ୟ ଓ ସଚେତନତା ପାଇଁ ସ୍କୁଲ୍ ଏବଂ ସାର୍ବଜନୀନ ସ୍ଥାନରେ ସାନିଟାରୀ ପ୍ୟାଡ୍ ଭେଣ୍ଡିଂ ମେସିନର ବ୍ୟବସ୍ଥା କରାଯାଇଛି। ଏହା ସହିତ ସ୍କୁଲରେ ସୁନ୍ଦର ପାର୍କ, ସାଇଣ୍ଟିଫିକ୍ ୱେଷ୍ଟ ମ୍ୟାନେଜମେଣ୍ଟ ଏବଂ ୨୪ ଘଣ୍ଟା ସ୍ୱଚ୍ଛ ପିଇବା ପାଣିର ସୁବିଧା ରହିଛି। ବାସ୍ତବରେ, ମାନ୍ୟାଚୀୱାଡ଼ି ଗାଁ ପ୍ରମାଣ କରିଦେଇଛି ଯେ ଯଦି ଇଚ୍ଛାଶକ୍ତି ଥାଏ, ତେବେ ଗୋଟିଏ ସାଧାରଣ ଗାଁ ବି ସାରା ବିଶ୍ୱ ପାଇଁ ପ୍ରେରଣା ସାଜିପାରେ। ସୋଲାର ଏନର୍ଜି ଆପଣାଇ ଗ୍ରୀନ୍ ଏନର୍ଜିକୁ ପ୍ରୋତ୍ସାହନ ଦେବାରେ ଏହି ଗାଁ ଆଜି ଦେଶର ନମ୍ବର ୱାନ୍ ଗାଁ ପାଲଟିଛି। ଏଠାକାର ମହିଳାମାନେ ବଦଳାଇଛନ୍ତି ମାନ୍ୟାଚୀୱାଡ଼ି' ଗାଁର ଭାଗ୍ୟ।

## ସ୍ୱାସ୍ଥ୍ୟ ପାଇଁ ଉପକାରୀ ବ୍ଲାକ୍ କଫି

**ହାଇଦ୍ରାବାଦ:** 'ବ୍ଲାକ କଫି' ବିଶ୍ୱର ସବୁଠାରୁ ଲୋକପ୍ରିୟ ପାନୀୟ ମଧ୍ୟରୁ ଅନ୍ୟତମ । କ୍ଷୀର କିମ୍ବା ଚିନି ବିନା ତିଆରି 'ବ୍ଲାକ କଫି' ସ୍ୱାସ୍ଥ୍ୟ ପାଇଁ ଭଲ କି ନାହିଁ ସେ ବିଷୟରେ ଲୋକମାନେ ପ୍ରାୟତଃ ଦ୍ୱନ୍ଦ୍ୱରେ ଥାଆନ୍ତି । ହେଲେ ଗବେଷଣାରୁ ଜଣାପଡ଼ିଛି ଯେ, ଏହି କଫି ହୃଦରୋଗକୁ ରୋକିବାରେ ଅଧିକ ପ୍ରଭାବଶାଳୀ ଅଟେ । ଏହା କ୍ୟାଲୋରୀମୁକ୍ତ ଏବଂ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଯାହା ହୃଦରୋଗର ବିପଦକୁ କମାଇବାରେ ସାହାଯ୍ୟ କରେ। ଏହା ବ୍ୟତୀତ ବିଶେଷଜ୍ଞମାନେ କହିଛନ୍ତି ଯେ, ଏହାକୁ ସୀମିତ ପରିମାଣରେ ପିଇବା ଦ୍ୱାରା ମେଟାବୋଲିଜିମ୍ ବୃଦ୍ଧି ପାଏ ଏବଂ ଭୋକ କମ୍ ହୁଏ । ଏହି ପାନୀୟର ଲାଭ ସହିତ, କିଛି ସମ୍ଭାବ୍ୟ ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ରହିଥିବା ବିଶେଷଜ୍ଞମାନେ କହିଛନ୍ତି । ତେବେ ଆସନ୍ତୁ ଜାଣିବା ବ୍ଲାକ୍ କଫି ଶରୀର ପାଇଁ କେତେ ଲାଭଦାୟକ ଏବଂ କେତେ କ୍ଷତିକାରକ ? ବ୍ଲାକ୍ କଫିରେ ଥିବା କ୍ୟାଫିନ୍ ଲୋକଙ୍କଠାରେ ଅସ୍ଥାୟୀ ଭାବରେ ରକ୍ତଚାପ ଏବଂ ହୃଦସ୍ପନ୍ଦନ ବୃଦ୍ଧି କରେ। ଯେଉଁମାନେ ପ୍ରତିଦିନ କଫି ପିଅନ୍ତି ନାହିଁ ସେମାନଙ୍କଠାରେ ଏହି ପ୍ରଭାବ ଅଧିକ ସ୍ପଷ୍ଟ । କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଏକ ଅଧ୍ୟୟନ ଅନୁସାରେ , କ୍ୟାଫିନ୍ ନୋରାଡ୍ରେନାଲାଇନ୍ ଏବଂ ନୋରପିନେଫ୍ରେନ ନାମକ ହରମୋନ ନିର୍ଗତ କରେ, ଯାହା କିଛି ଲୋକଙ୍କଠାରେ ହୃଦସ୍ପନ୍ଦନ ଏବଂ ରକ୍ତଚାପ ବୃଦ୍ଧି କରିପାରେ । ବ୍ଲାକ୍ କଫିରେ ଥିବା ପଲିଫେନୋଲ୍ସ ଏବଂ ଆଣ୍ଟିଅକ୍ସିଡାଣ୍ଟ ଉତ୍ତାପ (ଥର୍ମୋଜେନେସିସ୍) ସୃଷ୍ଟି କରି ଏବଂ ଶକ୍ତି ଖର୍ଚ୍ଚ ବୃଦ୍ଧି କରି ଓଜନ ହ୍ରାସ କରିବାରେ ସାହାଯ୍ୟ କରେ । ଏହା ଓଜନ ହ୍ରାସ ପାଇଁ ବହୁତ ଲାଭଦାୟକ ହୋଇଥାଏ । ପ୍ରତିଦିନ ୨ରୁ ୩ କପ୍ ବ୍ଲାକ୍ କଫି ପିଇବା ଦ୍ୱାରା ହୃଦଘାତ, ଷ୍ଟ୍ରୋକ୍ ଏବଂ କରୋନାରୀ ଧମନୀ ରୋଗର ଦୀର୍ଘକାଳୀନ ବିପଦ ହ୍ରାସ ପାଇପାରେ। ନ୍ୟାସନାଲ୍ ଲାଇବ୍ରେରୀ ଅଫ୍ ମେଡିସିନର ଏକ ଅଧ୍ୟୟନ ଅନୁଯାୟୀ, ସୀମିତ ପରିମାଣରେ କଫି ପିଇବା ଦ୍ୱାରା ଉଚ୍ଚ ରକ୍ତଚାପ, ହୃଦଘାତ ଏବଂ ଅନିୟମିତ ହୃଦସ୍ପନ୍ଦନ (ଆଟ୍ରିଏଲ୍ ଫାଇବ୍ରିଲେସନ୍) ଭଳି ସମସ୍ୟା ହ୍ରାସ ପାଇପାରେ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ପ୍ରଦାହ ହ୍ରାସ କରେ ଏବଂ ରକ୍ତବାହୀ ନଳୀର କାର୍ଯ୍ୟକୁ ଉନ୍ନତ କରେ। ଡାଏଟିସିଆନ୍ ଶ୍ରାବ୍ୟ କହିଛନ୍ତି,'ବ୍ଲାକ୍ କଫି ହାର୍ଟ ସ୍ୱାସ୍ଥ୍ୟ ଏବଂ ମସ୍ତିଷ୍କ କାର୍ଯ୍ୟ ପାଇଁ ଭଲ ବୋଲି ବିବେଚନା କରାଯାଏ। ଏହାର ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍ଫ୍ଲାମେଟରୀ ଗୁଣ ଓଜନ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ପ୍ରତିଦିନ ଅତି କମରେ ୮୦ରୁ ୧୦୦ ମିଲିଗ୍ରାମ୍ ବ୍ଲାକ୍ କଫି ପିଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ଲାଭ ମିଳିଥାଏ। ତଥାପି, ଅତ୍ୟଧିକ ପିଇବା ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ।'

## ନାବାଳିକା ମାତୃତ୍ୱ : ଯେତିକି ଲଜ୍ଜା, ପରିବାରକୁ ସେତିକି ଚିନ୍ତା



ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ । ସ୍କୁଲ ହଷ୍ଟେଲରେ ସନ୍ତାନ ଜନ୍ମ କଲେ ଛାତ୍ରୀ । ଗୋପନରେ ଚାଲି ଚାଲିଥିଲା ବାଲ୍ୟ ବିବାହ, ବରକୁ ଉଠାଇନେଲା ପୁଲିସ୍ । ଖବରକାଗଜରେ ନିୟମିତ ଭାବେ ଏମିତି ଖବର ଆସୁଛି । ନାବାଳିକା ମାତୃତ୍ୱକୁ ନେଇ ଖବର ବଢୁଛି ସିନା କମୁନି । ଯେତିକି ଲଜ୍ଜା, ପରିବାରକୁ ସେତିକି ଚିନ୍ତା । ହସି ଖେଳିବା ବୟସରେ ଗର୍ଭରେ ସନ୍ତାନ । ଟାହିଟାପରା, ଲଜ୍ଜାରେ ଜୀବନ ଛଟପଟ । କିଶୋର ଜୀବନ ପାଲଟିଯାଏ ଅଭିଶପ୍ତ । ଘରୁ ବାହାରିବାକୁ ପରିବାର ଲୋକ ଡରନ୍ତି । କାହାକୁ ମୁହଁ ଦେଖାଇବି । ଏ ଭୟ ଗୋଡ଼ାଉଛି । ନାବାଳିକାଙ୍କ ଚପଳତା, ଅଜ୍ଞତା, ଶିଶୁ ସୁଲଭତାକୁ ଆଉ କିଏ ଶୋଷଣ କରୁଛି । ଖଳନାୟକଙ୍କ ମଧ୍ୟରେ ଚିହ୍ନାମୁହଁ ତ ବେଶୀ । କିଏ ସନ୍ତାନକୁ ନଷ୍ଟ କରୁଛି । କିଏ ମାଆ ହୋଇ ଜୀବନ ସାରା ରୋଗ, ଯନ୍ତ୍ରଣାରେ ଘାଣ୍ଟି ହେଉଛି । ଆଉ କିଏ ଲଜ୍ଜା ଓ ଭୟରେ ଆତ୍ମହତ୍ୟା ବି କରୁଛି । ନାବାଳିକା ମାତୃତ୍ୱର ଏ ହେଉଛି କରୁଣ ପରିଣତି । ଭାବୁଛନ୍ତି କି କେବଳ ଉପାନ୍ତ କିମ୍ବା ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ନାବାଳିକା ମାତୃତ୍ୱ ଖବର ଆସୁଛି? ଉପକୂଳ, ଶିକ୍ଷିତ ଓ ସମୃଦ୍ଧ ଜିଲ୍ଲାରେ ଏହା ଚିନ୍ତାଜନକ ସ୍ଥିତିରେ । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଓ ବେସରକାରୀ ରିପୋର୍ଟ କହୁଛି, ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ମୟୂରଭଞ୍ଜ ଏବଂ ରାୟଗଡ଼ା ଭଳି ଜିଲ୍ଲାଗୁଡ଼ିକରେ କିଶୋରୀ ମାତୃତ୍ୱ ହାର ଅଧିକ । ଯାଜପୁର, ଜଗତସିଂହପୁର,ବାଲେଶ୍ୱର, ନୟାଗଡ଼ରେ ମଧ୍ୟ ଏ ସଂପର୍କିତ ଅଭିଯୋଗ ଆସୁଛି । ଜଗତସିଂହପୁର ଜିଲ୍ଲାରେ ଗତ ମାସକ ମଧ୍ୟରେ ଜଣକ ପରେ ଜଣେ ନାବାଳିକା ମାଆ ହେବାର ଖବର ଆସୁଛି । କିଏ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସବ କରିଛି ତ ଆଉ କିଏ ଘରେ । ରାଜ୍ୟର କିଛି ନିର୍ଦ୍ଦିଷ୍ଟ ଜିଲ୍ଲାରେ ନାବାଳିକା ମାତୃତ୍ୱର ହାର ଚିନ୍ତାଜନକ ଭାବେ ବଢୁଛି । ଝିଅମାନଙ୍କୁ ସଶକ୍ତ କରିବାକୁ କାର୍ଯ୍ୟକ୍ରମ ଓ ଯୋଜନା ଚାଲିଛି । କିଶୋରୀ ମାତୃତ୍ୱ ଆମ ପାଇଁ ବଡ଼ ଆହ୍ୱାନ ଛିଡ଼ା କରାଇଛି । ଏହା କେବଳ ଏକ ସ୍ୱାସ୍ଥ୍ୟଗତ ସମସ୍ୟା ଆଣୁନି, ସାମାଜିକ, ଅର୍ଥନୈତିକ ସମସ୍ୟା ଆଣୁଛି । ଚିନ୍ତାର ବିଷୟ, କେବଳ ଗ୍ରାମାଞ୍ଚଳ ନୁହଁ, ସହରାଞ୍ଚଳର ବସ୍ତି ଅଞ୍ଚଳରେ ମଧ୍ୟ କିଶୋରୀମାନେ ଅଳ୍ପ ବୟସରେ ମା' ହେଉଥିବା ଘଟଣା ପଦାକୁ ଆସୁଛି । ଅଜଣା ଲୋକ ତ ଯୌନ ଶୋଷଣ କରୁଛନ୍ତି । ପରିବାର ଲୋକ ଯାହା ଉପରେ ଭରସା କରୁଛନ୍ତି ଅଧିକାଂଶ ସ୍ଥାନରେ ସେହି ବ୍ୟକ୍ତି ବି ବିଶ୍ୱାସରେ ବିଷ ଦେଉଛନ୍ତି । ନାବାଳିକାଙ୍କ ପ୍ରଲୋଭନ ଦେଖାଇ ଅବା ପ୍ରେମରେ ଫସାଇ ଶାରୀରିକ ସଂପର୍କ ରଖୁଛନ୍ତି । ଝିଅଟିଏ ଶିକାର ହେଉଛି । କାମୁକର ଚକ୍ରାନ୍ତ ଜାଲରେ ପଡୁଛି । କୁମାରୀ ମାତୃତ୍ୱର କଳଙ୍କକୁ ଧରି କାଟୁଛି ଛଟପଟ ଜୀବନ । ଆଉ କିଏ ଲୋକ ଲଜ୍ୟାରେ ଜୀବନ ହାରୁଛି । ଏଠି କାହାକୁ ଆମେ ଦୋଷ ଦେବା ଭରସାକୁ ନା ନାବାଳିକାର ଅଜ୍ଞତାକୁ? ସରକାରୀ ହିସାବ କହୁଛି ଗତ ବର୍ଷକ ମଧ୍ୟରେ ଏହିଭଳି ୫୭ ଟି ଅଭିଯୋଗ ଆସିଛି । ଏ ଚିତ୍ର ଆମ ସାମାଜିକ ଅବକ୍ଷୟର ଚିତ୍ର ବଖାଣୁ ନାହିଁ କି? ନାବାଳିକା ମାତୃତ୍ୱର କାରଣ କଣ? ଗୋଟିଏ କିମ୍ବା ଦୁଇଟି ନିର୍ଦ୍ଦିଷ୍ଟ କାରଣକୁ ଆମେ ଆଳ କରିବାପାରିବା ନାହିଁ । ଏମିତି ଗୋଟିଏ ସାମାଜିକ ସମସ୍ୟା ପାଇଁ ଅନେକ କାରଣ ଦାୟୀ । ଆଇନଗତ ଭାବେ ଝିଅଙ୍କ ସର୍ବନିମ୍ନ ବିବାହ ବୟସ ୧୮ ବର୍ଷ । ପାରମ୍ପରିକ ଚିନ୍ତାଧାରାରୁ କମ୍ ବୟସରେ ଝିଅଙ୍କୁ ବାହା କରି ଦିଆଯାଉଛି । ପରିବାରର ଆର୍ଥିକ ଅନାଟକ ଓ ସଚେତନତାର ଅଭାବ ଏଥିରେ ବଡ଼ ଭୂମିକା ତୁଲାଉଛି । ଗରିବ ପରିବାରଗୁଡ଼ିକ ଝିଅମାନଙ୍କୁ 'ବୋଝ' ବୋଲି ଆଜି ବି ଭାବୁଛନ୍ତି । ତେଣୁ ଶୀଘ୍ର ବିବାହ କରାଇ ଦେଇ କାମ ସାରିବାକୁ ଉଚିତ୍ ମଣନ୍ତି । ଏହା ଯେ ଗୋଟିଏ ଝିଅର ଜୀବନକୁ କେତେ ଖ୍ରନଭିନ୍ କରିଦିଏ ତାହା ସେ ଝିଅ ହିଁ ଜାଣେ । ଦୁନିଆ କଣ ଜାଣିବା ପୂର୍ବରୁ ସେ ସନ୍ତାନ ଲାଳନପାଳନର ବୋଝ ମୁଣ୍ଡାଏ ।ଅପରିପକ୍ୱ ବୟସରୁ କେବେ ପାରିବାରିକ ଚାପ ସହିନପାରି ଜୀବନ ବି ହାରିଦିଏ । ବାଲ୍ୟବିବାହ ମଧ୍ୟ କିଶୋରୀ ମାତୃତ୍ୱକୁ ପ୍ରୋତ୍ସାହିତ କରୁଛି । ବାଲ୍ୟ ବିବାହକୁ ରୋକିବାକୁ ଆଇନ ଅଛି । ଆଇନକୁ ଆହୁରି ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ବାଲ୍ୟ ବିବାହ ନିଷେଧ ନିୟମାବଳୀରେ ସଂଶୋଧନ କରିଛନ୍ତି । ୨୦୩୦ ବେଳକୁ ସମ୍ପୂର୍ଣ୍ଣ ରୂପେ ଓଡ଼ିଶାକୁ ବାଲ୍ୟ ବିବାହମୁକ୍ତ କରିବାକୁ ଲକ୍ଷ୍ୟ ରହିଛି। ଶିଶୁ ଅଧିକାରର ସୁରକ୍ଷା ସହ ବାଲ୍ୟ ବିବାହ ନିଷେଧ ପାଇଁ କାର୍ଯ୍ୟକାରୀ ହେଉଥିବା ଆଇନ୍ ଓ କାର୍ଯ୍ୟକ୍ରମର ସମୀକ୍ଷା ସହ ତଦାରଖ କରାଯାଉଛି। ହେଲେ ଆଜି ବି ସଚେତନତା ଓ ଶିକ୍ଷାର ଅଭାବ ବାଲ୍ୟ ବିବାହକୁ ଅଟକାଇ ପାରିନି । ବାହାର ରାଜ୍ୟର ବହୁ ବୟସ୍କ ବ୍ୟକ୍ତି ମଧ୍ୟ ଆମ ରାଜ୍ୟକୁ ଆସି ଚୋରା ଲୁଚାରେ ନାବାଳିକାମାନଙ୍କୁ ବିବାହ କରୁଛନ୍ତି। ଯୌନ ଶୋଷଣ ମଧ୍ୟ କିଶୋରୀ ମାତୃତ୍ୱର ବଡ଼ କାରଣ । ଝିଅଙ୍କ ସୁରକ୍ଷା ପାଇଁ ଯୋଜନା ଓ କାର୍ଯ୍ୟକ୍ରମ ଅଭାବ ନାହିଁ । ହେଲେ ଆମର ଆନ୍ତରିକତା ଓ ନିଷ୍ଠାପଣର ଅଭାବ ନାବାଳିକାମାନଙ୍କୁ ଅସୁରକ୍ଷିତ କରୁଛି । ଶିଶୁ ଶ୍ରମିକ ଭାବେ ଯୌନ ନିର୍ଯାତନାର ଶିକାର ହୋଇଛନ୍ତି ୪୩ ଜଣ । ବହୁ ଘଟଣା ଥାନାକୁ ଆସୁନି କି ମାମଲା ହେଉନି । ଝିଅଙ୍କ ଜୀବନ ସହ ଖେଳି ଚାପିଦେବାକୁ ସକ୍ଷମ ହେଉଛନ୍ତି ପ୍ରଭାବଶାଳୀ । କିଶୋରୀ ମାତୃତ୍ୱ ଚିନ୍ତା ବଢ଼ାଇଛି । ଝିଅଟିଏ ଶୋଷଣର ଶିକାର ହୋଇ ଗର୍ଭବତୀ ହୁଏ । ଏହା ଜଣାପଡ଼ିଲା ବେଳକୁ ନେଡ଼ି ଗୁଡ଼ କହୁଣୀକୁ ବହି ଯାଇଥାଏ । ଲଜ୍ଜାରେ ସେ ଛଟପଟ ହୁଏ । ହେଲେ ଏକମାତ୍ର ବାଟ ଶିଶୁକୁ ଜନ୍ମ ଦେବା । କେତେବେଳେ ମାଆଟି ମୃତ୍ୟୁମୁଖରେ ପଡ଼େ ଆଉ କେବେ ଶିଶୁ । ନାବାଳିକା ମା'ମାନେ ପ୍ରାୟତଃ ରକ୍ତହୀନତା ଓ କୁପୋଷଣର ଶିକାର ହୁଅନ୍ତି । ଜଣେ ଅପରିପକ୍ୱ ଓ କୁପୋଷିତ ମା' କେବେ ହେଲେ ସୁସ୍ଥ ଶିଶୁ ଜନ୍ମ ଦେଇପାରେନା । ଜନ୍ମ ହେଉଥିବା ଶିଶୁଟିର ଓଜନ କମ୍ ରହେ । ଭବିଷ୍ୟତରେ ସେ ମାନସିକ ଓ ଶାରୀରିକ ଅନଗ୍ରସରତାର ସମ୍ମୁଖୀନ ହୁଏ । ଆମ ସମାଜରେ ଅବାଞ୍ଛିତ ଭାବେ ଗର୍ଭବତୀ ହେଉଥିବା ଝିଅମାନଙ୍କୁ ହେୟ ଜ୍ଞାନ କରାଯାଏ। ସେମାନେ ଗଭୀର ମାନସିକ ଅବସାଦରେ ଦିନ କାଟନ୍ତି । ମା' ହେବା ପରେ କିଶୋରୀର ଶିକ୍ଷା ସେଇଠି ଅଟକିଯାଏ । ସେ ଆତ୍ମନିର୍ଭରଶୀଳ ହେବାର ସମସ୍ତ ସୁଯୋଗ ହରାଏ । ଅନୁତାପରେ ଜଳି ଜଳି କଟେ ସାରା ଜୀବନ । ଆଜିକାଲି ମୋବାଇଲ୍ ଓ ଇଣ୍ଟରନେଟର ବହୁଳ ବ୍ୟବହାରରୁ କମ୍ ବୟସରେ ଗଢ଼ି ଉଠୁଛି ପ୍ରେମ ସମ୍ପର୍କ । ଭରସା ଓ ବିଶ୍ୱାସରୁ ଏ ସମ୍ପର୍କ ଶାରୀରିକ ରୂପ ନିଏ । ଏହା ହିଁ ଅବାଞ୍ଛିତ ଗର୍ଭଧାରଣର କାରଣ ପାଲଟିଯାଏ । ଅନେକ କ୍ଷେତ୍ରରେ ଦୁଷ୍କର୍ମ ଓ ଯୌନ ଶୋଷଣର ଶିକାର ହୋଇ ନାବାଳିକାମାନେ ଗର୍ଭବତୀ ହେଉଛନ୍ତି। ଏହାର ଭୟାବହ ପରିଣାମ ସାରା ଜୀବନ ଭୋଗିବାକୁ ପଡ଼େ । ମାନସିକ ଭାବେ, ଶାରୀରିକ ଭାବେ । ନାବାଳିକା ମାତୃତ୍ୱ କେବଳ ଜଣେ କିଶୋରୀର ଶରୀରକୁ ନୁହେଁ, ବରଂ ତାର ସମଗ୍ର ଭବିଷ୍ୟତକୁ ନଷ୍ଟ କରିଦିଏ । ଓଡ଼ିଶାରେ ନାବାଳିକା ମାତୃତ୍ୱର ବଢୁଥିବା ଗ୍ରାଫ୍ ଆମ ସାମାଜିକ ବିକାଶର ଦୁର୍ବଳତାକୁ ଦର୍ଶାଉଛି। ଝିଅଟିର ଚପଳାମୀରୁ ସେ ଥରେ ମାଆ ହୋଇଗଲେ ସାରା ଜୀବନ ଯନ୍ତ୍ରଣାମୟ ହୋଇ ଯାଏ । କେବଳ ଉପରଠାଉରିଆ ଭାବେ ଆଇନ ପ୍ରଣୟନ କଲେ ଏହାର ସମାଧାନ ହେବନାହିଁ । ପ୍ରତିଟି କିଶୋରୀକୁ ସୁରକ୍ଷିତ ମନେ କରୁଥିବା ଏକ ସମାଜ ଗଠନର ଆବଶ୍ୟକତା ରହିଛି । ଏ ଦିଗରେ ଅଭିଭାବକ ଓ ପରିବାର ସଦସ୍ୟଙ୍କ ରହିଛି ବଡ଼ ଭୂମିକା । ପିଲାମାନଙ୍କ ସହ ବନ୍ଧୁଭାବେ ଆମକୁ ମାର୍ଗଦର୍ଶନ କରିବାକୁ ହେବ। ଶୃଙ୍ଖଳିତ ଜୀବନ ପାଇଁ ସେମାନଙ୍କ ସହ ସକରାତ୍ମକ ଆଲୋଚନାର ଆବଶ୍ୟକତା ଅଛି । ଶ୍ରେଣୀକକ୍ଷରେ ଶିକ୍ଷକମାନେ କିଶୋରୀମାନଙ୍କୁ ସେମାନଙ୍କ ଅଧିକାର ଓ ସ୍ୱାସ୍ଥ୍ୟ ବିଷୟରେ ସଚେତନ କରାନ୍ତୁ । ବିଦ୍ୟାଳୟ ପାଠ୍ୟକ୍ରମରେ ଏ ସଂପର୍କରେ ବିଷୟ ରହୁ । ଝିଅମାନଙ୍କୁ ଶିକ୍ଷିତ ଓ ସଚେତନ କରିବାର ଦାୟିତ୍ୱ ପରିବାର ନନେଲେ କିଏ ବା ନେବ? ସରକାର ଭଳିକି ଭଳି ଆଇନ, ଯୋଜନା, କାର୍ଯ୍ୟକ୍ରମ ପ୍ରଣୟନ କରିବେ। ଆମ ଘରର ଝିଅକୁ ଭଲମନ୍ଦ ବିଚାର କରିବାକୁ ଆମକୁ ହିଁ ଆଗକୁ ବାହାରିବାକୁ ହେବ । ଆମ ସମାଜରେ ଅବାଞ୍ଛିତ ଭାବେ ଗର୍ଭବତୀ ହେଉଥିବା ଝିଅମାନଙ୍କୁ ହେୟ ଜ୍ଞାନ କରାଯାଏ । ସେମାନେ ଗଭୀର ମାନସିକ ଅବସାଦରେ ଦିନ କାଟନ୍ତି । ମା' ହେବା ପରେ କିଶୋରୀର ଶିକ୍ଷା ସେଇଠି ଅଟକିଯାଏ । ସେ ଆତ୍ମନିର୍ଭରଶୀଳ ହେବାର ସମସ୍ତ ସୁଯୋଗ ହରାଏ । ଅନୁତାପରେ ଜଳି ଜଳି କଟେ ସାରା ଜୀବନ ।

## ମହାକାଶରୁ ଠାବ ହେବ ମହାସାଗର ବର୍ଜ୍ୟ



ସମୁଦ୍ରରେ ଭାସୁଥିବା ପାହାଡ଼ ସଦୃଶ ପ୍ଲାଷ୍ଟିକ୍ ବର୍ଜ୍ୟ ସବୁକୁ ମହାକାଶରୁ ନିରୀକ୍ଷଣ କରିହେବ। ସୁପରକମ୍ପ୍ୟୁଟରର ସାହାଯ୍ୟ ନେଇ ଉପଗ୍ରହ ମାଧ୍ୟମରେ ଅନୁଧ୍ୟାନ ଦ୍ୱାରା ଏହା ସମ୍ଭବ ବୋଲି ସ୍ପେନର କାଡିଜ୍ ବିଶ୍ୱବିଦ୍ୟାଳୟ ଓ ଅନ୍ୟାନ୍ୟ ଗବେଷଣା ସଂସ୍ଥାର ଅନୁସନ୍ଧାନକାରୀମାନେ ଆଶା ପୋଷଣ କରିଛନ୍ତି। ପୃଥିବୀର ମହାସାଗରଗୁଡ଼ିକୁ ପ୍ରଦୂଷିତ କରି ଚାଲିଥିବା ପ୍ଲାଷ୍ଟିକ ପଦାର୍ଥଗୁଡ଼ିକର ସିଂହଭାଗ ସମୁଦ୍ର ଉପରିଭାଗରେ ଭାସିବା ଅପେକ୍ଷା ପାଣି ଭିତରେ ଠୁଳ ହେଉଛନ୍ତି। ନାନା ସମସ୍ୟା ସୃଷ୍ଟି କରୁଥିବା ଏହି ବର୍ଜ୍ୟ ପଦାର୍ଥଗୁଡ଼ିକର ସଠିକ୍ ପରିଚାଳନା ପାଇଁ ଆକାଶ ମାର୍ଗରୁ ଉପଗ୍ରହରୁ ତାହାକୁ ନିରୀକ୍ଷଣ କରିବା ହିଁ ଗବେଷକମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଆସିଛି। ତେବେ ଏକ ନୂତନ ସୁପରକମ୍ପ୍ୟୁଟର ପ୍ରଣାଳୀ ଦ୍ୱାରା ସେହି କାର୍ଯ୍ୟ ଏଣିକି ଅନାୟାସରେ ହୋଇପାରିବ ବୋଲି ଜଣାଯାଇଛି। ଏହାଦ୍ୱାରା ସମୁଦ୍ର ପ୍ରଦୂଷଣ ପରି ବୈଶ୍ୱିକ ସମସ୍ୟାର ଆଶାନୁରୂପ ସମାଧାନ ହୋଇପାରିବ। ୟୁରୋପୀୟ ମହାକାଶ ସଂସ୍ଥା ଦ୍ୱାରା ପ୍ରେରିତ 'କୋପରନିକସ୍ ସେଣ୍ଟିନେଲ୍-୨' ଉପଗ୍ରହ ବିଗତ ୬ ବର୍ଷରେ ଉଠାଇଥିବା ଭୂମଧ୍ୟସାଗରର ୩,୦୦,୦୦୦ଟି ଫଟୋକୁ ବିଶ୍ଳେଷଣ କରି ଏଭଳି ଆଶା ଉଜ୍ଜୀବିତ ହୋଇଛି । ସମୁଦ୍ର ଉପରେ ଭାସି ବୁଲୁଥିବା 'ବିଣ୍ଡ୍ରୋ' ବା କ୍ଷଣସ୍ଥାୟୀ ବର୍ଜ୍ୟ ଟୁକୁଡ଼ାଗୁଡ଼ିକ ପାଣି ଭିତରେ ଛପିଯିବା ଆଗରୁ ମାଇଲ ମାଇଲ ଧରି ଭାସି ବୁଲୁଥା'ନ୍ତି। ଅନୁସନ୍ଧାନକାରୀମାନେ ୨୦୧୫ ଜୁଲାଇ ଓ ୨୦୨୧ ସେପ୍ଟେମ୍ବର ମଧ୍ୟରେ ଏପରି ୧୪,୩୭୪ଟି 'ବିଣ୍ଡ୍ରୋ' ଉପରେ ନିଘା ରଖି ଏହି ନିର୍ଯାସରେ ପହଞ୍ଚି ପାରିଛନ୍ତି। ପ୍ରାୟ ୯୪.୫ ବର୍ଗ କି.ମି. ପରିମିତ ସମୁଦ୍ର ଜଳରାଶିକୁ ପ୍ରଦୂଷିତ କରିଥିବା 'ବିଣ୍ଡ୍ରୋ' ଭିତରୁ ଅଧିକାଂଶ ଯୋଡ଼ି ହୋଇ ୧ କି.ମି. ଯାଏ ଲମ୍ବିଥିବା ବେଳେ ୨୭ଟି ୧୦ରୁ ୨୩ କି.ମି. ଲମ୍ବର ହୋଇଥିଲେ। ବିଭିନ୍ନ ଜଳସ୍ରୋତରେ ଭାସି ଆସି ସମୁଦ୍ରରେ ମିଶୁଥିବା ଏହି ବର୍ଜ୍ୟବସ୍ତୁଗୁଡ଼ିକ ସାଧାରଣତଃ ସମୁଦ୍ର କୂଳଠାରୁ ୧୫ କି.ମି. ଭିତରେ ହିଁ ରହିଥା'ନ୍ତି। ଗବେଷକମାନଙ୍କ ଏହି ସୁପରକମ୍ପ୍ୟୁଟର ପ୍ରସୂତ ନୂତନ ପଦ୍ଧତି ବିଭିନ୍ନ ପ୍ରଦୂଷିତ ଇଲାକା ଠାବ କରି ସମୁଦ୍ର ପରିମଳ ପ୍ରକଳ୍ପଗୁଡ଼ିକ ଲାଗି ସହାୟକ ହେବା ସହ ଜାହାଜର ତୈଳ କ୍ଷରଣ ଚିହ୍ନଟ କରିବା ସମେତ ଅନ୍ୱେଷଣ ଓ ଉଦ୍ଧାର ସ୍ଥିତିକୁ ସୁହାଇବ ବୋଲି ଗବେଷକମାନେ ଆଶାବାଦୀ ଅଛନ୍ତି।

## ଡିଜିଟାଲ୍ ଆଫ୍ଟରଲାଇଫ୍: ମୃତ୍ୟୁ ପରେ ମଧ୍ୟ ଟେକ୍ନୋଲୋଜି ଲୋକଙ୍କୁ ଜୀବନ୍ତ ରଖିବ

ଭବିଷ୍ୟତରେ ଲୋକେ ନିଜ ଫୋନକୁ ଏକ ବାର୍ତ୍ତା ଆସିବ ଯାହା ତାଙ୍କୁ ଜଣାଇଦେବ ଯେ ତାଙ୍କର ମୃତ ସମ୍ପର୍କୀୟ କିମ୍ବା ପ୍ରିୟଜନଙ୍କ ଏକ ଡିଜିଟାଲ୍ ବଟ୍ ସୃଷ୍ଟି ହୋଇଛି । ସେ ମୃତ ପ୍ରିୟଜନଙ୍କ ଭର୍ଚୁଆଲ୍ ସଂସ୍କରଣ ସହିତ ଯୋଗାଯୋଗ କରିପାରିବେ। ଏହା କୌଣସି ଚଳଚ୍ଚିତ୍ର ପରି ଲାଗୁଥିଲେ ମଧ୍ୟ ଏହା ସତ୍ୟ। ଏହି କଳ୍ପନା ଭବିଷ୍ୟତରେ ସତ୍ୟ ହେବ। ବାସ୍ତବରେ, ଏହିପରି ସେବା ପ୍ରଦାନ କରୁଥିବା ଡିଜିଟାଲ୍ ଆଫ୍ଟରଲାଇଫ୍ ଶିଳ୍ପ ବର୍ତ୍ତମାନ ନିଜର ସ୍ଥିତିକୁ ସୁଦୃଢ଼ କରୁଛନ୍ତି। ଅନେକ କମ୍ପାନୀ ଏହି ଦୁନିଆ ଛାଡ଼ିଥିବା ଲୋକଙ୍କ ଭର୍ଚୁଆଲ୍ ମଡେଲ୍ ସୃଷ୍ଟି କରିବାକୁ ଦାବି କରୁଛନ୍ତି, ଯାହା ସହିତ ଲୋକେ ସେମାନଙ୍କ ସହିତ କଥାବାର୍ତ୍ତା କରିବାକୁ ସମର୍ଥ ହେବେ ଯେପରି ସେମାନେ ଜୀବିତ ଅଛନ୍ତି ସେପରି ଲାଗିବେ। କୃତ୍ରିମ ଇଣ୍ଟେଲିଜେନ୍ସ ଚାଟବଟ୍ (ଏଆଇ ଚାଟବଟ୍) ଠାରୁ ଭର୍ଚୁଆଲ୍ ଅବତାର ଏବଂ ହୋଲୋଗ୍ରାମ ପର୍ଯ୍ୟନ୍ତ, ଏହି ଟେକ୍ନୋଲୋଜି ସୁବିଧା ଏବଂ ଅସୁବିଧାର ଏକ ଅଦ୍ଭୁତ ମିଶ୍ରଣ ପ୍ରଦାନ କରିବ। ବିଶେଷଜ୍ଞଙ୍କ ଅନୁଯାୟୀ, ଲୋକମାନେ ନିଜ ପ୍ରିୟଜନଙ୍କୁ ହରାଇଥିବାର ଦୁଃଖକୁ କିଛି ମାତ୍ରାରେ ଲାଘବ କରି ପାରିବେ। କିନ୍ତୁ ଏନେଇ ସମସ୍ୟା ମଧ୍ୟ ଗୁରୁତର ହୋଇପାରେ। ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ତାଙ୍କ ମୃତ ପିତାଙ୍କ ଏକ ଡିଜିଟାଲ୍ ସଂସ୍କରଣ ସହିତ କଥା ହେବେ। ଏହି ସମୟ ମଧ୍ୟରେ ତାଙ୍କର ଭାବପ୍ରବଣ ଅବସ୍ଥା ଅତ୍ୟନ୍ତ କଷ୍ଟଦାୟକ ଏବଂ ବିପଜ୍ଜନକ ହୋଇପାରେ। ଏହିପରି ରହସ୍ୟ ଏବଂ କାହାଣୀଗୁଡିକ ପ୍ରକାଶ କରାଯାଇପାରେ ଯାହା କଳ୍ପନା କରାଯାଇ ପାରି ନ ଥାନ୍ତା। ଏହା ମଧ୍ୟ ସେହି ବ୍ୟକ୍ତିଙ୍କ ବିଷୟରେ ଦୃଷ୍ଟିକୋଣ ବଦଳାଇପାରେ। ଡିଜିଟାଲ୍ ଆଫ୍ଟରଲାଇଫ୍ ଶିଳ୍ପର ଦ୍ରୁତ ଅଭିବୃଦ୍ଧି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ନୈତିକ ଏବଂ ଭାବଗତ ଆହ୍ୱାନ ସୃଷ୍ଟି କରିଛି। ସେଥିମଧ୍ୟରେ ଜୀବନ ଉପରେ ଅନୁମତି, ଗୋପନୀୟତା ଏବଂ ମାନସିକ ପ୍ରଭାବ ଆଦି ଅନ୍ତର୍ଭୁକ୍ତ। ଏହି ଇଣ୍ଡଷ୍ଟ୍ରିର କମ୍ପାନୀଗୁଡିକ ଭର୍ଚୁଆଲ୍ ରିଅଲିଟି (ଭିଆର) ଏବଂ ଏଆଇ ଟେକ୍ନୋଲୋଜି ବ୍ୟବହାର କରି ଲୋକଙ୍କ ପ୍ରିୟ ଲୋକଙ୍କ ଭର୍ଚୁଆଲ୍ ମଡେଲ୍ ସୃଷ୍ଟି କରିବାକୁ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ଏହି କମ୍ପାନୀଗୁଡିକ ଜଣେ ବ୍ୟକ୍ତିଙ୍କ ସୋସିଆଲ ମିଡିଆ ପୋଷ୍ଟ, ଇ-ମେଲ, ପାଠ୍ୟ ବାର୍ତ୍ତା ଏବଂ ଭଏସ୍ ରେକର୍ଡିଂ ବ୍ୟବହାର କରି ଏକ ଡିଜିଟାଲ୍ ପର୍ସନା ସୃଷ୍ଟି କରୁଛନ୍ତି। ବର୍ତ୍ତମାନ, ଏହିପରି ସେବା ପ୍ରଦାନ କରୁଥିବା କମ୍ପାନୀଙ୍କ ସଂଖ୍ୟାରେ କ୍ରମାଗତ ବୃଦ୍ଧି ଘଟୁଛି। ହିୟର ଆଫ୍ଟର ନାମକ ଏକ କମ୍ପାନୀ ଏହାର ଉପଭୋକ୍ତାମାନଙ୍କୁ ସେମାନଙ୍କ ଜୀବନ କାଳରେ କାହାଣୀ ଏବଂ ବାର୍ତ୍ତା ରେକର୍ଡ କରିବାକୁ ଅନୁମତି ଦେଉଛି, ଯାହା ସେମାନଙ୍କ ପରିବାର ମୃତ୍ୟୁ ପରେ ବ୍ୟବହାର କରିବାକୁ ସମର୍ଥ ହେବେ। ଅନ୍ୟ ଏକ କମ୍ପାନୀ ହେଉଛି ମାଇଁ ୱିସେସ୍। ଯାହା ମୃତ୍ୟୁ ପରେ ବାର୍ତ୍ତା ପଠାଇବା ସେବା ପ୍ରଦାନ କରିବ। ଏହି ବାର୍ତ୍ତାଗୁଡିକ ଆଗୁଆ ଧାର୍ଯ୍ୟ କରାଯାଇଛି ଏବଂ ମୃତ୍ୟୁ ପରେ ପର୍ଯ୍ୟାୟକ୍ରମେ ପଠାଯାଇପାରିବ। ଏହା ବ୍ୟତୀତ ହାନସନ୍ ରୋବୋଟିକ୍ସ ନାମକ ଏକ କମ୍ପାନୀ ଏକ ରୋବୋଟିକ୍ ଟର୍ସ ସୃଷ୍ଟି କରିଛି ଯାହା ତାଙ୍କ ସ୍ମୃତି ଏବଂ ବ୍ୟକ୍ତିତ୍ୱ ଗୁଣ ବ୍ୟବହାର କରି ମୃତଙ୍କ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରିପାରିବ। ଏହି ଶିଳ୍ପରେ ଜେନେରେଟିଭ୍ ଏଆଇର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରକାର ଟେକ୍ନୋଲୋଜି ଅତ୍ୟନ୍ତ ବାସ୍ତବବାଦୀ ଏବଂ ଇଣ୍ଟରାକ୍ଟିଭ୍ ଡିଜିଟାଲ୍ ବ୍ୟକ୍ତିବିଶେଷ ସୃଷ୍ଟି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। କିନ୍ତୁ ବିଶେଷଜ୍ଞମାନେ କହିଛନ୍ତି ବାସ୍ତବତାର ଏକ ଉଚ୍ଚସ୍ତର ବାସ୍ତବତା ଏବଂ ଅନୁକରଣ ମଧ୍ୟରେ ଅନ୍ତରକୁ ଏହା ଅସ୍ପଷ୍ଟ କରିପାରେ। ଏହା ଉପଭୋକ୍ତାଙ୍କ ଅଭିଜ୍ଞତାକୁ ଉନ୍ନତ କରିପାରେ, କିନ୍ତୁ ଏହା ଲୋକମାନଙ୍କ ମଧ୍ୟରେ ଭାବପ୍ରବଣ ଏବଂ ମାନସିକ ଦୁଃଖ ମଧ୍ୟ ସୃଷ୍ଟି କରିପାରେ। ବାସ୍ତବରେ, ପ୍ରତ୍ୟେକ ମନୁଷ୍ୟର ଜୀବନରେ କିଛି ରହସ୍ୟ ଅଛି ଯାହାକୁ ସେ କାହା ସହିତ ଅଂଶୀଦାର କରନ୍ତି ନାହିଁ। ଏପରି ପରିସ୍ଥିତିରେ, ଏହି ଟେକ୍ନୋଲୋଜି ଲୋକମାନଙ୍କ ମଧ୍ୟରେ ଗୁରୁତର ଭାବପ୍ରବଣତା ମଧ୍ୟ ସୃଷ୍ଟି କରିବାର ସମ୍ଭାବନା ରହିଛି।

## କ୍ରୋଧ କମାଉଛି ଓମେଗା-୩

ଏକ ଖାଦ୍ୟ ପରିପୂରକ ଭାବେ ବ୍ୟବହୃତ ତଥା ମାଛ ତେଲରେ ରହିଥିବା ଓମେଗା-୩ ପରି ଚର୍ବିଜାମ୍ଳ ଆମର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଠିକ୍ ରଖିବା ସହ ଆମର ଆକ୍ରମଣାତ୍ମକ ମନୋଭାବ କମାଇଥାଏ ବୋଲି ଏକ ସଦ୍ୟ ଅଧ୍ୟୟନରୁ ଜଣାଯାଇଛି । ପୂର୍ବରୁ ସିଜୋଫ୍ରେନିଆ ରୋଗର ପ୍ରତିରୋଧକ ଭାବେ ଏହି ଓମେଗା-୩କୁ ବିବେଚନା କରାଯାଉଥିଲା। ଏହି ଅବସରରେ କୌଣସି ପୋଷକତତ୍ତ୍ୱର ଅଭାବକୁ ପୀଡ଼ିତର ଆକ୍ରମଣାତ୍ମକ ମନୋଭାବ ଓ ଅସାମାଜିକ ବ୍ୟବହାର ପାଇଁ ଦାୟୀ କରାଯାଉଥିଲା। ଆମେ ଯାହା ଭକ୍ଷଣ କରୁଛୁ, ତାହା ଆମର ମସ୍ତିଷ୍କ ରସାୟନକୁ ପ୍ରଭାବିତ କରିଥାଏ ବୋଲି ସ୍ପଷ୍ଟ ହୋଇଥିଲା। ତେବେ ପେନ୍‌ସିଲ୍‌ଭାନିଆ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ଅନୁଯାୟୀ, ଏହି ଓମେଗା-୩ ମଧ୍ୟ ଆକ୍ରମଣାତ୍ମକ କାର୍ଯ୍ୟକଳାପକୁ ପ୍ରଭାବିତ କରୁଛି। ୧୯୯୬ ମସିହାରୁ ୨୦୨୪ ମଧ୍ୟରେ ଏକ ଦୀର୍ଘମିଆଦୀ ଅନୁଧ୍ୟାନରେ ୩,୯୧୮ ଜଣ ସ୍ୱେଚ୍ଛାସେବୀଙ୍କୁ ସାମିଲ କରି ପ୍ରାୟ ୨୯ ପ୍ରକାର ନିୟନ୍ତ୍ରିତ ପରୀକ୍ଷା ନିରୀକ୍ଷା ଚଳାଇ ସେମାନେ ଏହି ନିର୍ଯାସରେ ପହଞ୍ଚିପାରିଛନ୍ତି । ବୟସ-ଲିଙ୍ଗ ନିର୍ବିଶେଷରେ ପ୍ରାୟ ୧୬ ସପ୍ତାହର ଓମେଗା-୩ ପ୍ରୟୋଗ ଦ୍ୱାରା ପ୍ରାୟ ୨୮ ପ୍ରତିଶତ ଆକ୍ରମଣାତ୍ମକ ମନୋଭାବ କମିପାରୁଛି ବୋଲି ଜାଣିବାକୁ ମିଳିଛି। ପେନ୍‌ସିଲ୍‌ଭାନିଆ ଗବେଷକମାନଙ୍କ ଏହି ନୂତନ ସିଦ୍ଧାନ୍ତ ଏକ ସକାରାତ୍ମକ ପରିଣାମ ଆଣିପାରିବାର ଆଶା ସଂଚାର କରିଛି। ବିଶେଷ କରି ଏପରି ଆକ୍ରମଣାତ୍ମକ ବ୍ୟବହାର ପ୍ରଦର୍ଶନ ଦେଖାଉଥିବା ଶିଶୁଙ୍କୁ ସପ୍ତାହକୁ ସ୍ୱାଭାବିକଠାରୁ ଟିକେ ଅଧିକ ପରିମାଣର ମାଛ ଖାଇବାକୁ ଦେଇ ତାହାକୁ ନିୟନ୍ତ୍ରଣ କରିହେବ ବୋଲି ସେମାନେ ଆଶାବାଦୀ ଅଛନ୍ତି। ସେହିପରି ଶରୀରରେ ଏହି ଓମେଗା-୩ ଚର୍ବିଜାମ୍ଳର ସନ୍ତୁଳନ ହିଁ ସମାଜରେ ହିଂସାତ୍ମକ କାର୍ଯ୍ୟକଳାପ ରୋକିବାରେ ଅନ୍ୟତମ ଭୂମିକା ନିଭାଇବ ବୋଲି ଆଶା କରାଯାଉଛି।



# ଆଫଗାନିସ୍ତାନ ସିରିଜ୍ ଖେଳିବେ ରୋହିତ, ହାର୍ଦ୍ଦିକ

**ନୂଆ ଚଣ୍ଡିଗଡ଼**

ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଭେଟେରାନ ଷ୍ଟାର ଓପନର ରୋହିତ ଶର୍ମା ଆସନ୍ତା ରବିବାରଠାରୁ ଧର୍ମଶାଳାରେ ଆଫଗାନିସ୍ତାନ ବିପକ୍ଷରେ ହେବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ଖେଳିବେ।

ସେମାନଙ୍କୁ ବିସିସିଆଇର ସେଣ୍ଟର ଅଫ୍ ଏକ୍ସିଲେନ୍ସର ସ୍ପୋର୍ଟସ ସାଇନ୍ସ ଟିମ୍‌ଠାରୁ କ୍ଲିଅରାନ୍ସ ମିଳିଛି। ଦୁଇ ଖେଳାଳି ମୁମ୍ବାଇ ଇଣ୍ଡିଆନ୍ସ ପାଇଁ କିଛି ଆଇପିଏଲ୍ ମ୍ୟାଚ୍ ମିସ୍ କରିଥିଲେ। ପାଣ୍ଡ୍ୟା ଅଣ୍ଟା ଜନିତ ସମସ୍ୟା ଓ ରୋହିତ ହାମଷ୍ଟ୍ରିଙ୍ଗ ଇଞ୍ଜୁରୀର ସମ୍ମୁଖୀନ ହୋଇଥିଲେ। ହାର୍ଦ୍ଦିକ ସିଓଇରେ ପହଞ୍ଚିବା ପୂର୍ବରୁ ଛୁଟି କାଟିବା ଲାଗି ବିଦେଶ ଯାଇଥିଲେ। ସେ ସିଓଇରେ ୫ ଦିନ ଧରି ବିଭିନ୍ନ ମ୍ୟାଚ୍ ପରିସ୍ଥିତିରେ ବୋଲିଂ କରିବା ସହ ସମ୍ପୂର୍ଣ୍ଣ ୧୦ ଓଭର ବୋଲିଂ କରିଥିଲେ। ବର୍ତ୍ତମାନ ତାଙ୍କଠାରେ କୌଣସି ଫିଟ୍‌ନେସ ସମସ୍ୟା ନାହିଁ ବୋଲି ବିସିସିଆଇ ସୂତ୍ରରୁ ଜଣାପଡ଼ିଛି।




# ଶ୍ରୀଲଙ୍କା 'ଏ'କୁ ୮ ରନ୍‌ରେ ହରାଇଲା ଭାରତ 'ଏ'

**ଦାମ୍ବୁଲା**

ଏଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଭାରତ 'ଏ' ୮ ରନ୍‌ରେ ଶ୍ରୀଲଙ୍କା 'ଏ'କୁ ପରାସ୍ତ କରିଛି। ୨୭୮ ରନ୍‌ର ପଶ୍ଚାତ୍‌ଧାବନ କରୁଥିବା ଶ୍ରୀଲଙ୍କା 'ଏ' ୨୬୯ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସାହାନ୍ ଆରାଚ୍‌ଚିଗେ ସର୍ବାଧିକ ୭୪ ରନ୍ କରିଥିବା ବେଳେ ନିରୋସାନ ଡିକ୍‌ୱାଲା ୪୭, ସଦିରା ସମରବିକ୍ରମା ୪୬ ଓ ଅଭିଷ୍କା ଫର୍ଣ୍ଣାଣ୍ଡୋ ୪୫ ରନ୍ କରିଥିଲେ। ଭାରତ ପକ୍ଷରୁ ଅର୍ସଦ ଖାଁ, ଅନୁକୂଳ ରୟ, ଆୟୁଷ ବଡ଼ୋନୀ ଓ ବିପ୍ରାଜ ନିଗମ ୨ ଲେଖାଏଁ ୱିକେଟ୍ ନେଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ 'ଏ' ଋତୁରାଜ ଗାଏକ୍ୱାଡ୍‌ଙ୍କ ଶତକ ଓ ତିଲକ ବର୍ମାଙ୍କ ଅର୍ଦ୍ଧଶତକ ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ୍ ହରାଇ ୨୭୭ ରନ୍ କରିଥିଲା। ମାତ୍ର ୧୬ ରନ୍‌ରେ ଦୁଇ ଓପନର ବୈଭବ ସୂର୍ଯ୍ୟବଂଶୀ ଓ ପ୍ରଭସିମରନ୍ ସିଂହଙ୍କୁ ହରାଇବା ପରେ ପ୍ରିୟାଂଶ ଆର୍ଯ୍ୟ ଓ ଗାଏକ୍ୱାଡ୍ ୫୩ ରନ୍‌ର ଏକ ଭାଗୀଦାର କରି ସ୍ଥିତିକୁ ସମ୍ଭାଳିଥିଲେ।

ପ୍ରିୟାଂଶ ମାତ୍ର ୩୨ ରନ୍ କରିଥିବା ବେଳେ ଏକ ବିବାଦୀୟ ରନ୍‌ଆଉଟ୍‌ର ଶିକାର ହୋଇଥିଲେ। ସେ କ୍ରିଜ୍‌କୁ ଛୁଇଁବାକୁ ଉଦ୍ୟମ କରୁଥିବା ବେଳେ ଶ୍ରୀଲଙ୍କା ୱିକେଟ୍‌ରକ୍ଷକ ନିରୋସାନ ଡିକ୍‌ୱାଲାଙ୍କ ଜୋତା ତାଙ୍କ ବ୍ୟାଟ୍‌କୁ ଅଟକାଇଥିଲା। ପ୍ରିୟାଂଶ ଆଉଟ୍ ହେବା ପରେ ଋତୁରାଜ (୧୦୧) ଓ ତିଲକ (୬୦)ଙ୍କ ମଧ୍ୟରେ ୧୫୦ ରନ୍‌ର ଏକ ଭାଗୀଦାର ହୋଇଥିଲା, ଯାହା ଭାରତକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ସହାୟକ ହୋଇଥିଲା। ଆୟୁଷ ବାଦୋନୀ (୨୪) ଓ ସୂର୍ଯ୍ୟାଂଶ ସେଗ୍‌ଡେ (୨୬) ଉପଯୋଗୀ ପାଳି ଖେଳି ସ୍କୋରକୁ ୨୭୭ରେ ପହଞ୍ଚାଇଥିଲେ। ଶ୍ରୀଲଙ୍କା ପକ୍ଷରୁ ମହମ୍ମଦ ସିରାଜ୍ ୨ ଏବଂ ୱାନୁଜା ସାହାନ, ଗରୁକା ସଂକେତ ଓ ଚମିକା କରୁଣାରତ୍ନେ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ଋତୁରାଜଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା।

ସଂକ୍ଷିପ୍ତ ସ୍କୋର : ଭାରତ 'ଏ' ୫୦ ଓଭରରେ–୨୭୭/୬ (ଋତୁରାଜ ଗାଏକ୍ୱାଡ୍ ୧୦୧, ତିଲକ ବର୍ମା ୬୦, ପ୍ରିୟାଂଶ ଆର୍ଯ୍ୟ ୩୨, ମହମ୍ମଦ ସିରାଜ ୨/୬୭, ୱାନୁଜା ସାହାନ ୧/୩୫)। ଶ୍ରୀଲଙ୍କା 'ଏ' ୪୮.୫ ଓଭରରେ–୨୬୯/୧୦ (ସାହାନ୍ ଆରାଚ୍‌ଚିଗେ ୭୪, ନିରୋସାନ ଡିକ୍‌ୱାଲା ୪୭, ସଦିରା ସମରବିକ୍ରମା ୪୬, ଅର୍ସଦ ଖାଁ ୨/୨୪, ବିପ୍ରାଜ ନିଗମ ୨/୪୬, ଆୟୁଷ ବଦୋନି ୨/୪୬, ଅନୁକୂଳ ରାୟ ୨/୪୯)।




# ସିଏମ୍ ଟ୍ରଫି ଜୋନ୍‌ସ୍ତରୀୟ ଭଲିବଲ୍ ଚାମ୍ପିଅନସିପ୍ ଦ୍ୱିତୀୟ ସଂସ୍କରଣ ଉଦ୍‌ଘାଟିତ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ବୃହତ୍ତମ କ୍ରୀଡ଼ା ଆୟୋଜନ 'ସିଏମ୍ ଟ୍ରଫି–୨୦୨୬' ଅନ୍ତର୍ଗତ ଜୋନ୍‌ସ୍ତରୀୟ ଭଲିବଲ୍ ଚାମ୍ପିଅନସିପ୍‌ର ଦ୍ୱିତୀୟ ସଂସ୍କରଣ ବୌଦ୍ଧ ଜିଲ୍ଲା ଷ୍ଟାଡିୟମଠାରେ ଧୂମ୍‌ଧାମ୍‌ରେ ଉଦ୍‌ଘାଟିତ ହୋଇଯାଇଛି। କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାର ଏବଂ ବୌଦ୍ଧ ଡିଷ୍ଟ୍ରିକ୍ଟ ଆଥଲେଟିକ୍ସ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଦୁଇଦିନିଆ ପ୍ରତିଯୋଗିତା ଜିଲ୍ଲାର କ୍ରୀଡ଼ା ପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି କରିଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ତଥା ଡିଷ୍ଟ୍ରିକ୍ଟ ଆଥଲେଟିକ୍ସ ଆସୋସିଏସନର ସଭାପତି ବିଭୂତି ଭୂଷଣ ନାୟକ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଆସୋସିଏସନ୍‌ର ଉପସଭାପତି ପ୍ରଭାସ ଚନ୍ଦ୍ର ଦଣ୍ଡସେନା, କ୍ରୀଡ଼ା ଅଧିକାରୀ ତଥା ଆସୋସିଏସନ୍‌ର ଯୁଗ୍ମ ସମ୍ପାଦକ ଜ୍ୟୋତି ରଞ୍ଜନ ଭୂଇଁ, ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାମଲ ମଞ୍ଚାସୀନ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ଖେଳାଳିମାନଙ୍କୁ କ୍ରୀଡ଼ାସୁଲଭ ମନୋଭାବ ବଜାୟ ରଖି ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିଲେ। ଏହି ଜୋନ୍‌ସ୍ତରୀୟ ପ୍ରତିଯୋଗିତାରେ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି ଓ ଗଜପତି ଜିଲ୍ଲାରୁ ପ୍ରାୟ ୨୪୦ ଜଣ ବାଳକ ଓ ବାଳିକା ଖେଳାଳି ଅଂଶଗ୍ରହଣ କରିଛନ୍ତି। ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରତିଭାବାନ ଖେଳାଳିମାନେ ନିଜ ଜିଲ୍ଲା ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ମୈଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଦିବାରାତ୍ର ଭିତ୍ତିରେ ଆୟୋଜିତ ଏହି ଚାମ୍ପିଅନସିପର ଉଦ୍‌ଘାଟନୀ ମ୍ୟାଚ୍ ଗଜପତି ଓ ବୌଦ୍ଧର ବାଳକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରୋମାଞ୍ଚକର ଖେଳକୁ ଦେଖିବା ପାଇଁ ବହୁ ସଂଖ୍ୟକ କ୍ରୀଡ଼ାପ୍ରେମୀ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ଖେଳାଳିମାନଙ୍କ ଚମତ୍କାର ପ୍ରଦର୍ଶନ ଓ ଦର୍ଶକଙ୍କ ଉତ୍ସାହ ପ୍ରତିଯୋଗିତାକୁ ଅଧିକ ଆକର୍ଷଣୀୟ କରିଥିଲା। ପ୍ରତିଯୋଗିତାର ସୁପରିଚାଳନା ପାଇଁ ୧୦ ଜଣ ଖେଳ କୋଚଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

# ଭାରତୀୟ ଟି-୨୦ ଦଳରେ ବଡ଼ ପରିବର୍ତ୍ତନ କଲା ବିସିସିଆଇ

**ନୂଆଦିଲ୍ଲୀ**

ଆୟରଲାଣ୍ଡ ଏବଂ ଇଂଲଣ୍ଡ ବିପକ୍ଷରେ ହେବାକୁ ଥିବା ଆଗାମୀ ଟି-୨୦ ଇଣ୍ଟରନ୍ୟାସନାଲ ସିରିଜ୍ ପୂର୍ବରୁ ବିସିସିଆଇ ଏକ ବଡ଼ ନିଷ୍ପତ୍ତି ନେଇଛି। ଭାରତର ଷ୍ଟାର ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ଉଭୟ ଟି-୨୦ ସିରିଜ୍ ଦଳରୁ ବାଦ୍ ଦିଆଯାଇଛି। ସିନିୟର ଚୟନ କମିଟି ସିରାଜ୍‌ଙ୍କ ସ୍ଥାନରେ ଦୀର୍ଘ ଦିନ ପରେ ପ୍ରତ୍ୟାବର୍ତ୍ତନ କରୁଥିବା ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଦଳରେ ସାମିଲ କରିଛି। ଏହି ନିଷ୍ପତ୍ତି ପ୍ରଶଂସକ ମାନଙ୍କୁ ବେଶ୍ ଆଶ୍ଚର୍ଯ୍ୟ କରିଛି।

ବିସିସିଆଇ ଦ୍ୱାରା ଜାରି କରାଯାଇଥିବା ଆଧିକାରିକ ବୟାନ ଅନୁଯାୟୀ, ସିରାଜ କୌଣସି ଆଘାତ କାରଣରୁ ବାଦ୍ ପଡ଼ିନାହାନ୍ତି, ବରଂ ଆଗାମୀ ଦୀର୍ଘ ଏବଂ ବ୍ୟସ୍ତବହୁଳ ଅନ୍ତର୍ଜାତୀୟ ସିଜିନ୍‌କୁ ଦୃଷ୍ଟିରେ ରଖି ତାଙ୍କୁ ବିଶ୍ରାମ ଦିଆଯାଇଛି। ବୋର୍ଡ ସୂଚନା ଦେଇଛି ଯେ, 'ବିସିସିଆଇର ମେଡିକାଲ ଟିମ୍ ଏବଂ ଟିମ୍ ମ୍ୟାନେଜମେଣ୍ଟ ମଧ୍ୟରେ ହୋଇଥିବା ବିସ୍ତୃତ ଆଲୋଚନା ପରେ, ମହମ୍ମଦ ସିରାଜଙ୍କୁ ତାଙ୍କ ୱର୍କଲୋଡ୍ ମ୍ୟାନେଜମେଣ୍ଟ ପ୍ରୋଗ୍ରାମ ଅଧୀନରେ ବିଶ୍ରାମ ନେବାକୁ ପରାମର୍ଶ ଦିଆଯାଇଛି। ଏହି ନିଷ୍ପତ୍ତି ଏକ ସତର୍କତାମୂଳକ ପଦକ୍ଷେପ ଭାବେ ନିଆଯାଇଛି, ଯେପରି ସେ ଆଗାମୀ ବ୍ୟସ୍ତବହୁଳ ସିଜିନ୍ ପୂର୍ବରୁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ଏବଂ ସତେଜ ହୋଇପାରିବେ।'




ସିରାଜ ବାଦ୍ ପଡ଼ିବା ପରେ ଡାହାଣହାତୀ ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣାଙ୍କ ପାଇଁ ଏହା ଏକ ବଡ଼ ସୁଯୋଗ। ପ୍ରସିଦ୍ଧ କ୍ରିଷ୍ଣା ନିଜର ଅତିରିକ୍ତ ବାଉନ୍ସ ଏବଂ ଗତି ପାଇଁ ଜଣାଶୁଣା। ଆୟରଲାଣ୍ଡ ଏବଂ ଇଂଲଣ୍ଡର ଦ୍ରୁତ ତଥା ପିଚ୍ ଅନୁକୂଳ ପରିସ୍ଥିତିରେ ପ୍ରସିଦ୍ଧ କ୍ରିଷ୍ଣା ଭାରତୀୟ ବୋଲିଂ ଆକ୍ରମଣକୁ ଆହୁରି ମଜବୁତ କରିପାରିବେ। ଏହି ଦଳର ଅଧିନାୟକତ୍ୱ ଷ୍ଟାର ବ୍ୟାଟ୍ସମ୍ୟାନ୍ ଶ୍ରେୟସ ଆୟରଙ୍କ ହାତରେ ଥିବାବେଳେ ଯୁବ ଖେଳାଳି ତିଳକ ବର୍ମାଙ୍କୁ ଦଳର ଉପ-ଅଧିନାୟକ କରାଯାଇଛି। ଦଳରେ ବୈଭବ ସୂର୍ଯ୍ୟବଂଶୀ ଏବଂ ପ୍ରିନ୍ସ ଯାଦବଙ୍କ ଭଳି ଅନେକ ନୂଆ ତଥା ଯୁବ ଚେହେରାଙ୍କୁ ମଧ୍ୟ ସୁଯୋଗ ମିଳିଛି।

ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ (ୱିକେଟ୍ କିପର), ଈଶାନ କିଶନ (ୱିକେଟ୍ କିପର), ଶିବମ ଦୁବେ, ତିଳକ ବର୍ମା (ଉପ-ଅଧିନାୟକ), ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ହର୍ଷିତ ରାଣା, ଅର୍ଶଦୀପ ସିଂହ, ପ୍ରିନ୍ସ ଯାଦବ, ବୈଭବ ସୂର୍ଯ୍ୟବଂଶୀ ଏବଂ ପ୍ରସିଦ୍ଧ କ୍ରିଷ୍ଣା।

ବର୍ତ୍ତମାନ ସମୟରେ ଆଫଗାନିସ୍ତାନ ଦଳ ଭାରତ ଗସ୍ତରେ ଅଛି। ଗୋଟିଏ ଟେଷ୍ଟ ମ୍ୟାଚ୍ ଶେଷ ହୋଇସାରିଛି, ଯାହାକୁ ଭାରତୀୟ ଦଳ ଏକ ଇନିଂସ ଏବଂ ୩୦୦ ରନ୍‌ରେ ଜିତି ନେଇଛି। ଏହାପରେ ଏବେ ଆଫଗାନିସ୍ତାନ ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ମଧ୍ୟ ଖେଳାଯିବ। ସିରିଜ୍‌ର ପ୍ରଥମ ମ୍ୟାଚ୍ ଜୁନ୍ ୧୩ ରେ ଖେଳାଯିବ। ଏହି ଦିନିକିଆ ସିରିଜ୍ ପରେ ଭାରତୀୟ ଦଳ ଆୟରଲାଣ୍ଡ ଗସ୍ତ କରିବ, ଯେଉଁଠାରେ ଦୁଇଟି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଅନୁଷ୍ଠିତ ହେବ। ଏହାପରେ ଦଳ ସେଠାରୁ ସିଧାସଳଖ ଇଂଲଣ୍ଡ ଗସ୍ତ କରିବ। ଯେଉଁଠାରେ ପାଞ୍ଚଟି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ। ବର୍ତ୍ତମାନ ଏହି ଆୟରଲାଣ୍ଡ ଏବଂ ଇଂଲଣ୍ଡ ଟି-୨୦ ସିରିଜ୍ ପାଇଁ ଦଳରେ ହୋଇଥିବା ପରିବର୍ତ୍ତନ ବିଷୟରେ ବିସିସିଆଇ ସୂଚନା ଦେଇଛି।

# ବେନ୍ ଷ୍ଟୋକ୍ସଙ୍କ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଲା ଇସିବି



**ଲଣ୍ଡନ**

ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ତାଙ୍କ ଟିମ୍‌ମେଟ୍ ଗସ୍ ଆଟକିନସନ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ କ୍ରିକେଟରୁ ବାଦ୍ ପଡ଼ିଛନ୍ତି। ଦଳର ପ୍ରୋଟୋକଲ ଭଙ୍ଗ କରିଥିବାରୁ ଦୁହିଁଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ କୁହାଯାଇଛି ଯେ, ରବିବାର ଲର୍ଡସଠାରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିବା ପରେ ଏକ ଘଟଣା ସହ ଏହି ଦୁଇଜଣ ସମ୍ପୃକ୍ତ ଥିଲେ। ସୋମବାର ସକାଳେ ବେନ୍ ଷ୍ଟୋକ୍ସ ଓ ଗସ୍ ଆଟକିନସନ ଏକ ନାଇଟ୍ କ୍ଲବରେ ଉପସ୍ଥିତ ଥିବାବେଳେ ଘଟଣାଟି ଘଟିଥିବା ଇସିବି କହିଛି। ଘଟଣାଟି ସମ୍ପର୍କରେ ଅଧିକ ତଥ୍ୟ ମଗାଯାଇଛି। ଦ୍ୱିତୀୟ ଟେଷ୍ଟ ପାଇଁ ଠିକଣା ସମୟରେ ଦଳ ଘୋଷଣା କରାଯିବ ବୋଲି ଇସିବି କହିଛି।

## ।।। ଇତିହାସ ରଚିଲା ଭାରତ ।।।

# ବିଶ୍ୱ ଯୋଗାସନ ଚାମ୍ପିଅନସିପ୍‌ରେ ଜିତିଲା ୧୦୨ଟି ସ୍ୱର୍ଣ୍ଣ ପଦକ

**ନୂଆଦିଲ୍ଲୀ**

ପ୍ରଥମ ବିଶ୍ୱ ଯୋଗାସନ ଚାମ୍ପିଅନସିପ୍‌ରେ ଭାରତ ଚମତ୍କାର ପ୍ରଦର୍ଶନ କରି ପଦକ ତାଲିକାର ଶୀର୍ଷ ସ୍ଥାନ ହାସଲ କରିଛି। ଭାରତୀୟ ଖେଳାଳିମାନେ ମୋଟ ୧୧୪ଟି ପଦକ ନିଜ ନାମରେ କରିଛନ୍ତି। ଯେଉଁଥିରେ ୧୦୨ଟି ସ୍ୱର୍ଣ୍ଣ ପଦକ ସାମିଲ ଅଛି।

ଜାପାନ ତିନୋଟି ସ୍ୱର୍ଣ୍ଣ, ତିନୋଟି ରୌପ୍ୟ ଏବଂ ପାଞ୍ଚଟି କାଂସ୍ୟ ପଦକ ଜିତି ଦ୍ୱିତୀୟ ସ୍ଥାନ ହାସଲ କରିଛି। ଅନ୍ୟପକ୍ଷରେ ଆର୍ଜେଣ୍ଟିନା ତୃତୀୟ ସ୍ଥାନରେ ରହିଛି। ଆର୍ଜେଣ୍ଟିନାର ଖେଳାଳି ନାବିଲା ବେରେଜା ଏକାକୀ ଦୁଇଟି ସ୍ୱର୍ଣ୍ଣ ଏବଂ ତିନୋଟି ରୌପ୍ୟ ପଦକ ଜିତି ନିଜ ଦଳକୁ ଏହି ସଫଳତା ଦେଇଛନ୍ତି।

ମୋଟ ପଦକ ସଂଖ୍ୟା ଆଧାରରେ ନେପାଳ ଦ୍ୱିତୀୟ ସ୍ଥାନରେ ରହିଥିଲା। ନେପାଳ ଗୋଟିଏ ସ୍ୱର୍ଣ୍ଣ, ୩୬ଟି ରୌପ୍ୟ ଏବଂ ୧୫ଟି କାଂସ୍ୟ ସହିତ ମୋଟ ୫୨ଟି ପଦକ ଜିତିଛି। ଯଦିଓ ପଦକ ତାଲିକାରେ ତାକୁ ପଞ୍ଚମ ସ୍ଥାନ ମିଳିଛି। ଉଜ୍‌ବେକିସ୍ତାନ ମଧ୍ୟ ଚମତ୍କାର ପ୍ରଦର୍ଶନ କରି ଗୋଟିଏ ସ୍ୱର୍ଣ୍ଣ, ୧୩ଟି ରଜତ ଏବଂ ୧୧ଟି କାଂସ୍ୟ ପଦକ ସହିତ ମୋଟ ୨୫ଟି ପଦକ ହାସଲ କରିଛି। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ୭୯ଟି ଦେଶର ୫୨୨ ଜଣ ଖେଳାଳି ଭାଗ ନେଇଥିଲେ। ଏଥିମଧ୍ୟରୁ ୩୧ଟି ଦେଶ ଅତିକମ୍‌ରେ ଗୋଟିଏ ପଦକ ଜିତିଥିବା ବେଳେ ୧୦ଟି ଦେଶ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଛନ୍ତି।




ଭାରତ ଏହି ପ୍ରତିଯୋଗିତାରେ ୧୨୨ ଜଣ ଖେଳାଳିଙ୍କ ଏକ ଦଳକୁ ଓହ୍ଲାଇଥିଲା। ଖେଳାଳିମାନେ ବିଭିନ୍ନ ବୟସ ବର୍ଗରେ ଭାଗ ନେଇଥିଲେ, ଯେଉଁଥିରେ ୧୦ରୁ ୧୪ ବର୍ଷର ସବ୍-ଜୁନିୟର, ୧୪ରୁ ୧୮ ବର୍ଷର ଜୁନିୟର, ୧୮ରୁ ୨୮ ବର୍ଷର ସିନିୟର ଏବଂ ୨୮ରୁ ୫୫ ବର୍ଷ ପର୍ଯ୍ୟନ୍ତ ଅନ୍ୟ ବରିଷ୍ଠ ବର୍ଗ ସାମିଲ ଥିଲେ।

ବିଶ୍ୱ ଯୋଗାସନର ଅଧ୍ୟକ୍ଷ ସ୍ୱାମୀ ରାମଦେବ ଭିଡିଓ ବାର୍ତ୍ତା ମାଧ୍ୟମରେ ଖେଳାଳିମାନଙ୍କୁ ସମ୍ବୋଧିତ କରିଥିଲେ। ସେ କହିଥିଲେ ଯେ ବିଶ୍ୱ ଯୋଗାସନ ଚାମ୍ପିଅନସିପ୍ କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ସାରା ବିଶ୍ୱରେ ଯୋଗକୁ ପ୍ରସାରିତ କରିବାର ଏକ ନୂଆ ଆରମ୍ଭ ଅଟେ। ସ୍ୱାମୀ ରାମଦେବଙ୍କ ଅନୁଯାୟୀ ଯୋଗ କେବଳ ଏକ ଖେଳ ନୁହେଁ, ବରଂ ସୁସ୍ଥ ଜୀବନ, ମାନସିକ ସନ୍ତୁଳନ, ଶାନ୍ତି ଏବଂ ମାନବ ଏକତାର ଏକ ମାଧ୍ୟମ ମଧ୍ୟ ଅଟେ। ସେ କହିଥିଲେ ଯେ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତ୍ୟେକ ଖେଳାଳି ଯୋଗର ଜଣେ ଜଣେ ବୈଶ୍ୱିକ ପ୍ରତିନିଧି ଏବଂ ସାରା ବିଶ୍ୱକୁ ଏହାର ସନ୍ଦେଶ ପହଞ୍ଚାଇବା ପାଇଁ କାର୍ଯ୍ୟ କରୁଛନ୍ତି।

## ଇଞ୍ଜିନିୟରରୁ ମାଉଣ୍ଟେନ୍ ରନର

# ସହ୍ୟାଦ୍ରି ଶିଖର ଜୟ କଲେ ଓଡ଼ିଆ ପୁଅ ରାହୁଲ

**ବ୍ରହ୍ମପୁର**

ମନରେ ରହିଛି ଦୃଢ଼ ବିଶ୍ୱାସ, ଯାହାକୁ ନେଇ ନିୟମିତ ଭାବରେ ଜାରି ରହିଛି ତାଙ୍କର ଅଭ୍ୟାସ। ଦେଶର ବର୍ତ୍ତମାନର ପ୍ରଚଣ୍ଡ ରୌଦ୍ରତାପ ସମୟରେ ଅସାଧ୍ୟ ସାଧନା କରି, ଦୁର୍ଗମ ସହ୍ୟାଦ୍ରି ପର୍ବତମାଳାରେ ଧାର୍ଯ୍ୟ ସମୟ ପୂର୍ବରୁ ଦୀର୍ଘ ୫୦ କିଲୋମିଟର ଦୂର 'ମାଉଣ୍ଟେନ୍ ଅଲଟ୍ରା' ବିଜୟ କରିବାରେ ସଫଳ ହୋଇଛନ୍ତି ବ୍ରହ୍ମପୁରର ଓଡ଼ିଆ ପୁଅ ରାହୁଲ ବେହେରା। ୨୯ ବର୍ଷୀୟ ରାହୁଲ ମାତ୍ର ୧୨ ଘଣ୍ଟା ୫୯ ମିନିଟ୍ ସମୟ ମଧ୍ୟରେ ଏହି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲେ। ଓଡ଼ିଆ ପୁଅର ଏଭଳି ସଫଳତା ନେଇ ପରିବାରରେ ଖୁସିର ମାହୋଲ ଖେଳିଯାଇଛି।

ବୟସ ମାତ୍ର ୨୯ ବର୍ଷ, ହେଲେ ମନରେ ଭରି ରହିଛି ଅନେକ ଲକ୍ଷ୍ୟ। ସେହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଗତ ପାଞ୍ଚ ବର୍ଷ ଧରି ଜାରି ରହିଛି ତାଙ୍କର ଅହରହ ଉଦ୍ୟମ। ନିଜର ଦୃଢ଼ ବିଶ୍ୱାସ ଓ ନିୟମିତ ଅଭ୍ୟାସ ଯୋଗୁଁ ୧୦ କିଲୋମିଟର ମାଉଣ୍ଟେନ୍ ରନ୍‌ରୁ ଆରମ୍ଭ କରିଥିବା ଯାତ୍ରା ବର୍ତ୍ତମାନ ୫୦ କିଲୋମିଟରରେ ପହଞ୍ଚିଛି। ତାହା ପୁଣି ଦେଶର ଏହି ପ୍ରଚଣ୍ଡ ଧୁ ଧୁ ରୌଦ୍ରତାପ ସମୟରେ।




ବ୍ରହ୍ମପୁର ସହରର ଗେଟ୍‌ବଜାର ନିକଟବର୍ତ୍ତୀ ଚନ୍ଦ୍ରମଣି ପେଟା ସାହିର ପିତା ପୂର୍ଣ୍ଣଚନ୍ଦ୍ର ବେହେରା ଓ ମାତା ପୁଷ୍ପାଲକ୍ଷ୍ମୀ ବେହେରାଙ୍କ ପୁତ୍ର ରାହୁଲ କୁମାର ବେହେରା, ସହରରେ ସ୍କୁଲ ଶିକ୍ଷା ଶେଷ କରିବା ପରେ ଇଞ୍ଜିନିୟରିଂ ପାଠପଢ଼ା ଶେଷ କରିଥିଲେ। ମେକାନିକାଲ୍ ସେକ୍ଟରରେ ନିଯୁକ୍ତି ପାଇ ସେ ବର୍ତ୍ତମାନ ପୁନେରେ ଜଣେ ଇଞ୍ଜିନିୟର ଭାବରେ କାର୍ଯ୍ୟ କରୁଛନ୍ତି। ଗତ ପାଞ୍ଚ ବର୍ଷ ମଧ୍ୟରେ ସେଠାରେ ଏକ ଜିମ୍‌ରେ ନିଜର ସ୍ୱାସ୍ଥ୍ୟ ପାଇଁ ଯୋଗଦାନ କରିବା ପରେ, ରାହୁଲ ପର୍ବତାରୋହଣ କ୍ଷେତ୍ରରେ ମନ ବଳାଇଥିଲେ। ଯାହାକୁ ନେଇ ଗତ ତିନି ବର୍ଷ ମଧ୍ୟରେ ସେ ୧୦ କିଲୋମିଟର ମାଉଣ୍ଟେନ୍ ରନ୍‌ରୁ ଆରମ୍ଭ କରିଥିବା ଯାତ୍ରା। ବର୍ତ୍ତମାନ ୫୦ କିଲୋମିଟରରେ ସଫଳତାର ସହ ଶେଷ କରିବାକୁ ସକ୍ଷମ ହୋଇଛନ୍ତି। ସାଧାରଣତଃ କର୍ପୋରେଟ୍ କ୍ଷେତ୍ରରେ କାର୍ଯ୍ୟରତ ଇଞ୍ଜିନିୟର ମାନେ ସପ୍ତାହର ଏକମାତ୍ର ଛୁଟି ଦିନରେ ବିଶ୍ରାମ ନେବାକୁ ପସନ୍ଦ କରନ୍ତି, ହେଲେ ରାହୁଲ ନିଜର ଅଫିସିଆଲ୍ କାର୍ଯ୍ୟ ସାରି ନିୟମିତ ଜିମ୍‌ରେ ଅଭ୍ୟାସ ଏବଂ ସପ୍ତାହରେ ମାଉଣ୍ଟେନ୍ ପ୍ରାକ୍ଟିସ୍ କରୁଥିବା କହିଛନ୍ତି।

# ଇରାନ୍ ପ୍ରଶଂସକଙ୍କୁ ମିଳୁନି ବିଶ୍ୱକପ୍ ଟିକେଟ୍

**ତେହେରାନ୍**

ବିଶ୍ୱକପ୍ ଫୁଟ୍‌ବଲ୍ ଗୁରୁବାର ଠାରୁ ଆରମ୍ଭ ହେଉଥିବା ବେଳେ ଇରାନ ଫୁଟବଲ୍ ମହାସଂଘ ପକ୍ଷରୁ ଏକ ବଡ଼ ଅଭିଯୋଗ କରାଯାଇଛି। ଇରାନ ପ୍ରଶଂସକମାନଙ୍କୁ ବିଶ୍ୱକପ୍ ଟିକେଟ୍ ଦିଆଯାଉନାହିଁ। ଏହି କାରଣରୁ ନିଜର ଯାତ୍ରା ଯୋଜନା ଚୂଡ଼ାନ୍ତ କରିସାରିଥିବା ଲୋକମାନେ ଅକଳରେ ପଡ଼ିଯାଇଛନ୍ତି। ଏହା ପଛରେ ଅଣ-କ୍ରୀଡ଼ା ଓ ରାଜନୈତିକ କାରଣ ରହିଛି ବୋଲି ମହାସଂଘ କହିଛି। ଫିଫାର ନିୟମ ଅନୁସାରେ ଅଂଶଗ୍ରହଣ କରୁଥିବା ପ୍ରତ୍ୟେକ ଫୁଟ୍‌ବଲ୍ ମହାସଂଘକୁ ନିଜ ନିଜ ମ୍ୟାଚ୍‌ର ୮ ପ୍ରତିଶତ ଟିକେଟ୍ ଯୋଗାଇ ଦିଆଯାଏ। କିନ୍ତୁ ଇରାନ ଫୁଟ୍‌ବଲ୍ ମହାସଂଘ ପକ୍ଷରୁ କୁହାଯାଇଛି ଯେ ଯେଉଁ ଟିକେଟ୍ ତାଙ୍କୁ ମିଳିବା କଥା ତାହାକୁ ଦିଆଯାଉନାହିଁ।

# ଫିଫା ବିଶ୍ୱ କପ୍ ପୂର୍ବରୁ ବଡ଼ ବିବାଦ : ଆଫ୍ରିକାର ସର୍ବଶ୍ରେଷ୍ଠ ରେଫ୍ରିଙ୍କୁ ବିମାନବନ୍ଦରରୁ ଫେରାଇଲା ଆମେରିକା

**ନୂଆଦିଲ୍ଲୀ**

ଫିଫା ବିଶ୍ୱ କପ୍ ଆରମ୍ଭ ହେବା ପୂର୍ବରୁ ହିଁ ଏହାର ଆୟୋଜନ ଏବଂ ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆମେରିକାର କଠୋର ପଲିସି ଯୋଗୁଁ ଏଭଳି ଏକ ଚମକାଇ ଦେଲା ଭଳି ଘଟଣା ସାମ୍ନାକୁ ଆସିଛି। ଯାହା ସମଗ୍ର ଫୁଟବଲ ଜଗତକୁ ଆଶ୍ଚର୍ଯ୍ୟ କରିଦେଇଛି। ଆଫ୍ରିକାର ନମ୍ବର-୧ ଫୁଟବଲ ରେଫ୍ରି ଓମର ଅବ୍ଦୁଲକାଦିର ଅର୍ଟାନ ମିଆମି ଅନ୍ତର୍ଜାତୀୟ ବିମାନବନ୍ଦରରେ ଓହ୍ଲାଇବା ମାତ୍ରେ ଆମେରିକା ଅଧିକାରୀମାନେ ତାଙ୍କୁ ଦେଶରେ ପ୍ରବେଶ କରିବାକୁ ମନା କରିଦେଇଥିଲେ ଏବଂ ତାଙ୍କୁ ଇସ୍ତାନବୁଲ ଫେରୁଥିବା ଏକ ବିମାନରେ ବସାଇ ଡିପୋର୍ଟ କରିଦେଇଥିଲେ। ଆଶ୍ଚର୍ଯ୍ୟର କଥା ହେଉଛି, ଅର୍ଟାନ ଏକ କୂଟନୈତିକ ପାସପୋର୍ଟରେ ଯାତ୍ରା କରୁଥିଲେ। ପ୍ରାରମ୍ଭିକ ବିଳମ୍ବ ପରେ ନୈରୋବିରେ ଥିବା ସୋମାଲିଆ ଦୂତାବାସ ତାଙ୍କୁ ଭିସା ପାଇବାରେ ସାହାଯ୍ୟ ମଧ୍ୟ କରିଥିଲା କିନ୍ତୁ ଆମେରିକା ବର୍ଡର କଣ୍ଟ୍ରୋଲ ଶେଷରେ ତାଙ୍କୁ ଦେଶ ମଧ୍ୟକୁ ପ୍ରବେଶ ଅନୁମତି ଦେବାକୁ ସଫା ମନା କରିଦେଇଥିଲା।



# ଦକ୍ଷିଣପୂର୍ବ ସମ୍ଭାଗ ବିଦ୍ୟାମନ୍ଦିର ସାମୁହିକ ଆଚାର୍ଯ୍ୟ ଓ ଆଚାର୍ଯ୍ୟାଙ୍କ କାର୍ଯ୍ୟଶାଳା ଉଦ୍‌ଯାପିତ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳକଣ୍ଠନଗର ପରିସର ମଧ୍ୟରେ ଗଞ୍ଜାମ, ଗଜପତି ଓ ଫୁଲବାଣୀ ବିଭାଗର ପ୍ରାୟ ୪୦୦ ଜଣ ଆଚାର୍ଯ୍ୟ ଓ ଆଚାର୍ଯ୍ୟାଙ୍କୁ ନେଇ ଗତ ତିନିଦିନ ଧରି ଦକ୍ଷିଣପୂର୍ବ ସମ୍ଭାଗସ୍ତରୀୟ ଉଚ୍ଚ ମାଧ୍ୟମିକ, ମାଧ୍ୟମିକ ବିଭାଗ ଓ କାର୍ଯ୍ୟାଳୟ ସହାୟକ ବିଭାଗର ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିର ବିଭାଗର ଅଧ୍ୟକ୍ଷ ଏସ୍. ମୋହନ ରାଓ ମଞ୍ଚାସୀନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷାବିକାଶ ସମିତି ଓଡ଼ିଶାଙ୍କ ଦକ୍ଷିଣପୂର୍ବ ସମ୍ଭାଗର ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଏହି କାର୍ଯ୍ୟଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମର ସଭାପତିତ୍ୱ କରି ଅଧକ୍ଷୀୟ ଅଭିଭାଷଣ ପ୍ରଦାନ କରିଥିଲେ ଶିକ୍ଷାବିକାଶ ସମିତି ଦକ୍ଷିଣ ପୂର୍ବ ସମ୍ଭାଗର ସଭାପତି ଡଃ. ତାରାପ୍ରସାଦ ଦାଶ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷାବିକାଶ ସମିତି ଓଡ଼ିଶାଙ୍କ ଦକ୍ଷିଣପୂର୍ବ ସମ୍ଭାଗର ସମ୍ପାଦକ ଦୀପକ ମହାରଣା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଉଚ୍ଚମାଧ୍ୟମିକ ବିଭାଗ ସ୍ତରର ବରିଷ୍ଠ ଆଚାର୍ଯ୍ୟ ସ୍ୱରାଜ୍ୟ ମାଝି ବୃତ୍ତକଥନ କରିଥିବା ବେଳେ ଅଖିଳଭାରତୀୟ ପ୍ରଶିକ୍ଷଣ ପ୍ରମୁଖ ଅଶୋକ କୁମାର ପଣ୍ଡା ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ଶିକ୍ଷାବିକାଶ ସମିତି ଓଡ଼ିଶାଙ୍କ ସଭାପତି ଡଃ. କିଶୋର ଚନ୍ଦ୍ର ମହାନ୍ତି ଆଶୀର୍ବଚନ ପ୍ରଦାନ କରିଥିଲେ। କର୍ଯ୍ୟକ୍ରମର ଅନ୍ତିମ ଚରଣରେ ଉଚ୍ଚମାଧ୍ୟମିକ ବିଭାଗର ଶୈକ୍ଷିକ ସଂଯୋଜକ କୈଳାଶ ଚନ୍ଦ୍ର ମିଶ୍ର କର୍ଯ୍ୟଶାଳାର ସୂଚନା ପ୍ରଦାନ କରିଥିଲେ। ପରିଶେଷରେ ପରିଚାଳନା ସମିତିର ସଭାପତି ଡଃ. ଜୀବାନନ୍ଦ ତ୍ରିପାଠୀ ଏବଂ ଇଂ. ମମତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।



ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ପ୍ରାନ୍ତ ପରୀକ୍ଷା ପ୍ରମୁଖ ମନୋଜ ଦାଶ, ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗୋସାଇଁ ନୂଆଗାଁ ପରିଚାଳନା ସମିତିର ସମ୍ପାଦକ ପ୍ରକାଶ ପାତ୍ର, ପ୍ରଧାନାଚାର୍ଯ୍ୟ ନାରାୟଣ ପଣ୍ଡା, ସଂକୁଳ ପ୍ରମୁଖ ଦୀଲ୍ଲପ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**Regulated Market Committee**
**Gunupur, Dist. Rayagada(Odisha)**

Our farmers see the world through the eyes of our famed RMC.

**e-procurement notice**

7001/39/2627

**BID IDENTIFICATION NO. 01/RMC/2025-26**

**No. 185/2026 dated. 08.06.2026**

1. The Sub-Collector Gunupur-cum-Chairman, RMC Gunupur invites percentage rate bids in **Single Cover system in online mode** for the works in the table below from the eligible contractors registered with Govt. of Odisha / Govt. of India / C.P.W.D. /central undertaking / Railway / M.E.S. The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the appropriate register authority of the State Government of Odisha in appropriate class of eligibility before award of the work as per prevalent registration norm of the State.

| Sl. No. | Item | Details |
| --- | --- | --- |
| 1. | The Sub Collector Gunupur-Cum-Chairman RMC Gunupur invites percentage rate bids in Single cover system in **ONLINE MODE** only for work as detailed below: | |
| 2 | Nature of the work | Construction of Ginning & Pressing Mill at Nilamguda (Civil Work) |
| 3 | No of work | 06 No of works |
| 4 | Bid Cost | Rs.6,000.00 online transfer. |
| 5 | Value of Tender | Rs 14.00 Lakhs & Rs. 46.00 Lakhs |
| 6 | Class of Contractor | D, C to B Class |
| 7 | Availability of BID Documents in the website | **10.00 AM of 10.06.2026 to 10.07.2026 up to 5.00 PM** |
| 8 | Last date/time of Receipt of bids in the portal | **Dt 10.07.2026 up to 5.00 P.M** |
| 9 | Date of opening of bid | **Dt 13.07.2026 at 11.00 A.M** |
| 10. | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/Corrigendum/Cancellation of the Tender etc can also be seen in the website:https://tendersorissa.gov.in. | |

OIPR-7001/7073/1/26-27/0001

Sd/- Sub Collector-cum-Chairman,
Regulated Market Committee, Gunupur.





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୋଦୀଜୀଙ୍କ ଦୃଢ ...

ସହ ହୋଇଥିବା ଚୁକ୍ତି ଅନୁଯାୟୀ, ଭାରତର ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ ପାଇଁ ୩୦ ମିଲିୟନ ବ୍ୟାରେଲ୍ କ୍ରୁଡ୍ ଅଏଲ୍ ସଞ୍ଚୟ କରାଯିବ, ଯାହାର ଏକ ବଡ଼ ଅଂଶ ଆମ ଓଡ଼ିଶାର ଚଣ୍ଡିଖୋଲଠାରେ ସଂରକ୍ଷିତ ରହିବ।ସେମିକଣ୍ଡକ୍ଟର ଚିପ୍ ମେସିନ୍ ନିର୍ମାଣ କରୁଥିବା ବିଶ୍ୱପ୍ରସିଦ୍ଧ କମ୍ପାନୀ ଏମଏସଏମଏଲ (ନେଦରଲ୍ୟାଣ୍ଡ) ସହ ଭାରତର ବୁଝାମଣା ସେମିକଣ୍ଡକ୍ଟର କ୍ଷେତ୍ରରେ ଏକ ବଡ଼ ସଫଳତା।

ମୋଦୀଜୀଙ୍କ ଏହି ୧୨ ବର୍ଷ ହେଉଛି – "ଏଜ୍ ଅଫ୍ ଆବସିଲ୍ୟୁଟ୍ ଟ୍ରାନ୍ସଫରମେସନ୍" ବା ପୂର୍ଣ୍ଣ ରୂପାନ୍ତରଣର ଯୁଗ। ଆମର ସବୁଠାରୁ ବଡ଼ ସଫଳତା ହେଉଛି, ଆମେ ଆଉ ଲୋକାଲି (ସ୍ଥାନୀୟ) ଚିନ୍ତା ନକରି ଗ୍ଲୋବାଲି (ବିଶ୍ୱସ୍ତରୀୟ) ଚିନ୍ତା କରୁଛୁ।

ଓଡ଼ିଶାରେ ଆମ ସରକାର ଗଠନ ହେବା ପରେ, ଆମେ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ 'ସମୃଦ୍ଧ ଓଡ଼ିଶା' ଗଠନ ପାଇଁ ଦ୍ରୁତ ଗତିରେ କାର୍ଯ୍ୟ କରୁଛୁ। ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ କେନ୍ଦ୍ରୀୟ ଯୋଜନାଗୁଡ଼ିକ ଠିକ୍ ଭାବେ ଲାଗୁ ହେଉନଥିଲା, କିନ୍ତୁ ଏବେ ଉପଯୁକ୍ତ ସମନ୍ୱୟ କାରଣରୁ ପ୍ରତ୍ୟେକଟି ଯୋଜନାର ସୁଫଳ ଓଡ଼ିଶାବାସୀଙ୍କ ପାଖରେ ସିଧାସଳଖ ପହଞ୍ଚୁଛି।

'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ' – ଏହି ମହାନ ସଂକଳ୍ପ ଆଜି ଦେଶର ଶେଷ ଧାଡ଼ିରେ ଠିଆ ହୋଇଥିବା ଗରିବ, ଆଦିବାସୀ, ମହିଳା ଓ ଯୁବବର୍ଗଙ୍କ ପାଖରେ ସେମାନଙ୍କର ଅଧିକାର ପହଞ୍ଚାଇ ପାରିଛି। ମୋଦୀଜୀଙ୍କ ସେବା ସୁଶାସନର ମୂଳଦୁଆ ହେଉଛି 'ସଂକଳ୍ପରୁ ସିଦ୍ଧି', ଯାହା ଦେଶକୁ ଆତ୍ମନିର୍ଭରଶୀଳତାର ଏକ ନୂଆ ମାର୍ଗ ଦେଖାଇଛି।

ସେହିପରି, 'ବିରାସତ୍ ଭି, ବିକାଶ ଭି' ମନ୍ତ୍ରର ସଫଳ ରୂପାୟନ ସ୍ୱରୂପ ଆଜି ଦେଶ ଆଧୁନିକ ଜ୍ଞାନକୌଶଳ ଓ ଭିତ୍ତିଭୂମିର ବିକାଶ ସହିତ ନିଜର ସୁଦୀର୍ଘ ସାଂସ୍କୃତିକ ଗୌରବ ଓ ଐତିହ୍ୟକୁ ପୁନଃ ପ୍ରତିଷ୍ଠିତ କରିପାରିଛି।

ଆମ ଓଡ଼ିଶାର ଅସ୍ମିତା, ଜଗନ୍ନାଥ ସଂସ୍କୃତି ଓ ସାମଗ୍ରୀକ ଉନ୍ନତି ପାଇଁ ମଧ୍ୟ ଏହି ମନ୍ତ୍ର ଆଜି ଏକ ଶକ୍ତିଶାଳୀ ପ୍ରେରଣା ସାଜିଛି। ଏହି ଜନକଲ୍ୟାଣକାରୀ ଦର୍ଶନ ଯୋଗୁଁ ହିଁ ଭାରତ ଆଜି ବିଶ୍ୱ ମାନଚିତ୍ରରେ ଏକ ଆତ୍ମବିଶ୍ୱାସୀ ଓ ସମୃଦ୍ଧ ରାଷ୍ଟ୍ର ଭାବେ ଦଣ୍ଡାୟମାନ। ବିକାଶ ଏକ ସାମୟିକ ସଫଳତା ନୁହେଁ, ବରଂ ଏହା ଏକ ନିରନ୍ତର, ସଂକଳ୍ପବଦ୍ଧ ତଥା ସୁଦୂରପ୍ରସାରୀ ପ୍ରକ୍ରିୟା।

କେନ୍ଦ୍ର ସରକାରଙ୍କ ଉଚ୍ଚକୋଟୀର, ଦୂରଦୃଷ୍ଟିସମ୍ପନ୍ନ ମାର୍ଗଦର୍ଶନ, ରାଜ୍ୟ ସରକାରଙ୍କ ନିଷ୍ଠାପର, କର୍ମଠ କାର୍ଯ୍ୟଶୈଳୀ ଏବଂ ଜନସାଧାରଣଙ୍କ ଅକୁଣ୍ଠ, ସକ୍ରିୟ ସହଯୋଗ – ଏହି ତିନୋଟି ମହାନ, ସକାରାତ୍ମକ ଶକ୍ତିର ସମନ୍ୱୟରେ ହିଁ ଓଡ଼ିଶାର ପ୍ରଗତି ରଥ ଆଜି ଦ୍ରୁତ, ଅପ୍ରତିହତ ଗତିରେ ଆଗେଇ ଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ୨୦୪୭ ସୁଦ୍ଧା 'ବିକଶିତ ଭାରତ'ର ସ୍ୱପ୍ନକୁ ସିଦ୍ଧିରେ ପରିଣତ କରିବା ପାଇଁ ଆମ ସରକାର ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ସ୍ୱାବଲମ୍ବୀ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଦୃଢ଼ଭାବେ ପ୍ରତିଶ୍ରୁତିବଦ୍ଧ।

କେନ୍ଦ୍ର ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାରଙ୍କ ୧୨ବର୍ଷ ପୂର୍ତ୍ତି ଅବସରରେ କହିଛନ୍ତି । ପ୍ରଧାନମନ୍ତ୍ରୀ ହୃଦୟଙ୍ଗମ କରିଥିଲେ, ବିକାଶ କ୍ଷେତ୍ରରେ ପଶ୍ଚିମ ପକ୍ଷ ମଜଭୁତ ଅଛି ହେଲେ ପୂର୍ବପକ୍ଷ ଦୁର୍ବଳ ହୋଇରହିଛି । ଏହାକୁ ବିକଶିତ କରି ପାରିଲେ ଭାରତ ବିକଶିତ ହୋଇପାରିବ । ପଶ୍ଚିମ ଭାଗ ଶକ୍ତିଶାଳୀ ଥିବାରୁ ପୂର୍ବକୁ ସଶକ୍ତ କରିବାକୁ ପ୍ରଧାନମନ୍ତ୍ରୀ ଭିଜନ ପ୍ରସ୍ତୁତ କରିଥିଲେ । ଯେଉଁଥିରେ ପୂର୍ବୋଦୟର ବିକାଶ କଥା ଉଠିଲା । ଯେଉଁଥିରେ ଓଡ଼ିଶା ସାମିଲ ହେଲା ଏବଂ ଏବେ ପ୍ରଗତି ପଥରେ ଆଗେଇ ଚାଲିଛି । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଅଙ୍ଗ-ବଙ୍ଗ-କଳିଙ୍ଗ କଥା ଇତିହାସରେ ଲେଖା ରହିଛି । ଯାହା ପଶ୍ଚିମବଙ୍ଗ ନିର୍ବାଚନ ପରେ ସାମ୍ନାକୁ ଆସିଲା । ପୂର୍ବରୁ ମଧ୍ୟ କାର୍ଯ୍ୟ ହୋଇଛି କିନ୍ତୁ ଗତ ୧୨ ବର୍ଷରେ ସ୍ପିଡ୍ ଆଉ ସ୍କେଲ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି । ୨୦୧୪ ପରେ ୨ ଟ୍ରିଲିୟନ ଅର୍ଥନୀତିରୁ ୫ ଟ୍ରିଲିୟନ ଯାଏଁ ପହଞ୍ଚିବାକୁ ଲକ୍ଷ୍ୟ ରହିଛି । । ଦେଶର ଅଭିବୃଦ୍ଧି ବଢିଛି । ସେ ଆହୁରି ମଧ୍ୟ କହିଛନ୍ତି, ମୋଦୀ ସରକାରରେ ଦେଶର ସିଷ୍ଟିମ ସୁଦୃଢ଼ ହୋଇଛି । ଅନେକ ଜନ କଲ୍ୟାଣ ଯୋଜନା ଆସିଛି ଯାହା କେବେ କଳ୍ପନା ମଧ୍ୟ ହୋଇନଥିଲା । ଗତ ୧୨ ବର୍ଷରେ ଏପରି କିଛି ହୋଇଛି ଯାହା ଭାରତକୁ ବିକାଶ ଦିଗରେ ଆଗକୁ ନେଉଛି। ୨୦୧୪ ପୂର୍ବରୁ ମେଣ୍ଟ ସରକାର ରହିଥିଲା କିନ୍ତୁ ପରେ ଏକ ସ୍ଥିର ସରକାର ଆସିଲା । ସମସ୍ତଙ୍କ ମନରେ ଏହା ମଧ୍ୟ ଆସିଲା ଯେ ଦେଶରେ ଏକ ଅଲଗା ବାତାବରଣ ଖେଳିଗଲା । ସେହିପରି ପୂର୍ବରୁ ମଧ୍ୟ ଯୋଜନା ଥିଲା ମାତ୍ର ଏଥିରେ ଗତି ନଥିଲା । ନରେନ୍ଦ୍ର ମୋଦୀ ଦେଶର ପ୍ରଧାନମନ୍ତ୍ରୀ ହେବା ପରେ ଯୋଜନା ଗୁଡ଼ିକରେ ସ୍କିଲ୍ ଏବଂ ସ୍ପିଡ୍ ବଢ଼ାଇଥିଲେ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ।

ଏହି ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସ୍ୱାଗତ ଭାଷଣ ଦେବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପୂର୍ତ୍ତ ଓ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜ୍ୟସଭା ସାଂସଦ ତଥା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଦୀଘା ଜଗନ୍ନାଥ...

ସମଗ୍ର ବିଶ୍ୱର ପ୍ରାଣବିନ୍ଦୁ ଏବଂ ଆମ ସାଂସ୍କୃତିକ ଆଧ୍ୟାତ୍ମିକ ଅସ୍ମିତାର ସର୍ବଶ୍ରେଷ୍ଠ ପ୍ରତୀକ। ଶାସ୍ତ୍ରୀୟ ଓ ପୌରାଣିକ ମାନ୍ୟତା ଅନୁଯାୟୀ, ପବିତ୍ର ଶ୍ରୀକ୍ଷେତ୍ର ପୁରୀ ହିଁ ସନାତନ ଧର୍ମର ଅନନ୍ୟ ଏବଂ ଅଦ୍ୱିତୀୟ 'ଜଗନ୍ନାଥ ଧାମ'।

ପଶ୍ଚିମବଙ୍ଗର ପୂର୍ବତନ ସରକାରଙ୍କ ସଙ୍କୁଚିତ ରାଜନୈତିକ ଆଭିମୁଖ୍ୟ ଏବଂ ସନାତନ ପରମ୍ପରା ପ୍ରତି ଥିବା ଅଜ୍ଞତା କାରଣରୁ ଦୀଘା ପ୍ରକଳ୍ପ ପାଇଁ 'ଜଗନ୍ନାଥ ଧାମ' ନାମର ଅପପ୍ରୟୋଗ କରାଯାଇଥିଲା। ଶ୍ରୀକ୍ଷେତ୍ରର ସନାତନ ଗରିମାକୁ ଅଣଦେଖା କରି କରାଯାଇଥିବା ଏହି ନାମକରଣ ସମଗ୍ର ଓଡ଼ିଶାବାସୀ ତଥା ବିଶ୍ୱବ୍ୟାପୀ ଶ୍ରୀ ଜଗନ୍ନାଥ ଶ୍ରଦ୍ଧାଳୁଙ୍କ ଧାର୍ମିକ ବିଶ୍ୱାସକୁ ଗଭୀର ଭାବେ ଆଘାତ କରିଥିଲା।

ଓଡ଼ିଶାର ଜନସାଧାରଣଙ୍କ ସ୍ୱାଭିମାନ ରକ୍ଷା ପାଇଁ ମୁଁ ପଶ୍ଚିମବଙ୍ଗର ନୂତନ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଜୀଙ୍କୁ ପତ୍ର ଲେଖି ଆମର ଗଭୀର ଆପତ୍ତି ଜଣାଇବା ସହ ଏହି ସାଂସ୍କୃତିକ ଭ୍ରମକୁ ସଂଶୋଧନ କରିବାକୁ ଅନୁରୋଧ କରିଥିଲି। ମୁଁ ଅତ୍ୟନ୍ତ ଆନନ୍ଦିତ ଯେ, ପୂର୍ବ ସରକାରଙ୍କ ସେହି ଦୂରଦୃଷ୍ଟିହୀନ ନୀତିକୁ ବଦଳାଇ ମୁଖ୍ୟମନ୍ତ୍ରୀ ଶ୍ରୀ ଅଧିକାରୀ ଏହି ସମ୍ବେଦନଶୀଳ ପ୍ରସଙ୍ଗର ମହତ୍ତ୍ୱକୁ ଉପଲବ୍ଧି କରିଛନ୍ତି। ଦୀଘା ପ୍ରକଳ୍ପରୁ 'ଧାମ' ଶବ୍ଦକୁ ପ୍ରତ୍ୟାହାର କରିବା ପାଇଁ ସେ ଏକ ଐତିହାସିକ ନିଷ୍ପତ୍ତି ଘୋଷଣା କରିଛନ୍ତି। ବର୍ତ୍ତମାନ ଏହି ପରିସରକୁ 'ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ସାଂସ୍କୃତିକ କେନ୍ଦ୍ର' ଭାବେ ନାମିତ କରାଯିବ। ପଶ୍ଚିମବଙ୍ଗର ନୂତନ ସରକାରଙ୍କର ଏହି ତ୍ୱରିତ ଏବଂ ପରମ୍ପରା-ପ୍ରେମୀ ପଦକ୍ଷେପ ପାଇଁ ସମଗ୍ର ଓଡ଼ିଶାବାସୀଙ୍କ ପକ୍ଷରୁ ମୁଁ ଆନ୍ତରିକ ସାଧୁବାଦ ଜଣାଉଛି। ଏହି ନିଷ୍ପତ୍ତି ମହାପ୍ରଭୁଙ୍କ ସଂସ୍କୃତିର ଶାସ୍ତ୍ରୀୟ ମାନ୍ୟତାକୁ ସୁରକ୍ଷିତ ରଖିବା ସହ ଦୁଇ ପଡ଼ୋଶୀ ରାଜ୍ୟ ମଧ୍ୟରେ ଥିବା ଭାତୃଭାବ ଏବଂ ସାଂସ୍କୃତିକ ସୌହାର୍ଦ୍ଦ୍ୟକୁ ଆହୁରି ମଜଭୁତ କରିବ। ଓଡ଼ିଆ ଅସ୍ମିତାର ସୁରକ୍ଷା ଏବଂ ମହାପ୍ରଭୁଙ୍କ ଗୌରବକୁ ଅକ୍ଷୁଣ୍ଣ ରଖିବା ପାଇଁ ଆମ ସରକାର ସଦାସର୍ବଦା ଦୃଢ଼ତା ସହ ସଂକଳ୍ପବଦ୍ଧ।

## ମେଡିକାଲ କଲେଜ...

ସ୍ୱାସ୍ଥ୍ୟ କ୍ଷେତ୍ରକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆସୁଛନ୍ତି। ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ଚିକିତ୍ସା ଶିକ୍ଷାର ଭିତ୍ତିଭୂମିକୁ ଆହୁରି ମଜଭୁତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏହି ୭୫୫ଟି ପଦବୀ ମଞ୍ଜୁର ହେବା ଫଳରେ ମେଡିକାଲ କଲେଜଗୁଡ଼ିକରେ ଆବଶ୍ୟକ ମାନବ ସମ୍ବଳ ବୃଦ୍ଧି ପାଇବ ଏବଂ ରୋଗୀମାନେ ଅଧିକ ଉନ୍ନତ ଚିକିତ୍ସାସେବାର ସୁବିଧା ପାଇପାରିବେ। ବିଗତ ଦିନରେ ତିନଟି ନୂତନ ମେଡିକାଲ କଲେଜରେ ଦୁଇ ଶହ ପଚାଶ ଏମବିବିଏସ ସିଟ୍‌ରେ ପାଠ ପଢା ବଢିଛି । ସେହିପରି ସମ୍ପ୍ରତି ପିଜି ସିଟ୍ ବଢି ୬୮ କୁ ପହଁଚିଛି । ଫଳରେ ପ୍ରଫେସର ଏବଂ ଅନ୍ୟାନ୍ୟ ପଦବୀ ମଞ୍ଜୁର ଆବଶ୍ୟକ ଥିଲା। ଏହି ପଦବୀ ମଞ୍ଜୁର ଫଳରେ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଓଡ଼ିଶାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସଶକ୍ତ କରିବା ସହିତ ଆଗାମୀ ଦିନରେ ଗୁଣାତ୍ମକ ଚିକିତ୍ସା ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବ ବୋଲି ମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି ।

## ଦୀର୍ଘକାଳୀନ ନିର୍ବାଚିତ...

ନିକଟତମ ଲାଭାର୍ଥୀଙ୍କ ମଧ୍ୟରେ ସାମିଲ ରହିଥିବା ବେଳେ ସେଠାରେ ଆର୍ଥିକ ସଂକଟ ସମୟରେ ଭାରତ ଗୁରୁତ୍ୱପୂର୍ଣ୍ଣ ସହଯୋଗ ଯୋଗାଇ ଦେଇଥିଲା। ପାପୁଆ ନ୍ୟୁଗିନିର ପ୍ରଧାନମନ୍ତ୍ରୀ ଜେମ୍ସ ମାରାପେ ଏକ ବ୍ୟକ୍ତିଗତ ଭିଡିଓ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଜଣେ ଆଦର୍ଶ ବ୍ୟକ୍ତିତ୍ୱ ଏବଂ ଉଦାହରଣ ସୃଷ୍ଟିକାରୀ ନେତା'' ଭାବରେ ବର୍ଣ୍ଣନା କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି, ବର୍ତ୍ତମାନର ସମୟରେ ୨୦ କୋଟିରୁ ଅଧିକ ଲୋକଙ୍କୁ ଦାରିଦ୍ର୍ୟରୁ ଉଦ୍ଧାର କରି ସେମାନଙ୍କ ଜୀବନସ୍ତରରେ ଉନ୍ନତି ଆଣିବା ଏକ ଆଶ୍ଚର୍ଯ୍ୟଜନକ ସଫଳତା। ପ୍ରଧାନମନ୍ତ୍ରୀ ମାରାପେ ପାପୁଆ ନ୍ୟୁଗିନିର ସ୍ନେହପୂର୍ଣ୍ଣ ବନ୍ଧୁତା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବାର ଇଚ୍ଛା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ମେ ୨୦୨୩ରେ ପାପୁଆ ନ୍ୟୁଗିନିକୁ ଐତିହାସିକ ଗସ୍ତ କରିଥିଲେ। ପ୍ରଥମ ଥର କୌଣସି ଭାରତୀୟ ପ୍ରଧାନମନ୍ତ୍ରୀ ଭାରତ-ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜ ସହଯୋଗ ଫୋରମ୍ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବା ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜ ରାଷ୍ଟ୍ରଗୁଡ଼ିକ ସହିତ ଭାରତର ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଏକ ଐତିହାସିକ ମୁହୂର୍ତ୍ତ ଥିଲା। ଏହି ଗସ୍ତ ଗ୍ଲୋବାଲ୍ ସାଉଥର ଏକ ପ୍ରତିବଦ୍ଧ ଅଂଶୀଦାର ଭାବରେ ଭାରତର ଭୂମିକାକୁ ସୁଦୃଢ଼ କରିଥିଲା। ତ୍ରିନିଦାଦ ଓ ଟୋବାଗୋର ପ୍ରଧାନମନ୍ତ୍ରୀ ମହାମହିମ କମଳା ପର୍ସାଦ-ବିସେସାର ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ଆନ୍ତର୍ଜାତିକ ପ୍ରସଙ୍ଗରେ ଏକ ପ୍ରମୁଖ ସ୍ୱର ପାଲଟିଛି।'' ସାଧାରଣ ପୃଷ୍ଠଭୂମିରୁ ଆରମ୍ଭ କରି ତିନୋଟି କାର୍ଯ୍ୟକାଳ ମଧ୍ୟରେ ୧୪୦ କୋଟି ଲୋକଙ୍କ ଏକ ରାଷ୍ଟ୍ରର ନେତୃତ୍ୱ ନେବା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଯାତ୍ରା ଉପରେ ସେ ଆଲୋକପାତ କରିଛନ୍ତି। ବୈଦେଶିକ ନୀତି, ଆର୍ଥିକ ଅଭିବୃଦ୍ଧି, ଭିତ୍ତିଭୂମି ଏବଂ ସାମାଜିକ-ଆର୍ଥିକ ବିକାଶରେ ଭାରତର ଗୁରୁତ୍ୱପୂର୍ଣ୍ଣ ସଫଳତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ୩-୪ ଜୁଲାଇ ୨୦୨୫ରେ ତ୍ରିନିଦାଦ ଓ ଟୋବାଗୋକୁ ଏକ ଐତିହାସିକ ଗସ୍ତ କରିଥିଲେ। ୨୬ ବର୍ଷ ମଧ୍ୟରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ଦ୍ୱିପାକ୍ଷିକ ଗସ୍ତ ଥିଲା। ଏହି ଗସ୍ତ ତ୍ରିନିଦାଦ ଓ ଟୋବାଗୋକୁ ଭାରତୀୟ ପ୍ରବାସୀମାନଙ୍କ ଆଗମନର ୧୮୦ତମ ବାର୍ଷିକୀ ପୂର୍ତ୍ତି ଅବସରରେ ହୋଇଥିଲା।

## ଗୃହରକ୍ଷୀଙ୍କ...

କର୍ମଚାରୀମାନଙ୍କ ପାଇଁ ୨ ପ୍ରତିଶତ ଅତିରିକ୍ତ ମହଙ୍ଗା ଭତ୍ତା ୨୦୨୬ ଜାନୁଆରୀ ପହିଲାରୁ ବୃଦ୍ଧି କରିଛନ୍ତି । ଏସବୁକୁ ଦୃଷ୍ଟିରେ ରଖି ଗୃହରକ୍ଷୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି ।

## ଭାରତର ୧୨...

ଭାରତ ବର୍ତ୍ତମାନ ଏହି ପରମ୍ପରାରୁ ଦୂରେଇ ଯାଇ ୧୨ଟି ପରମାଣୁ ଅସ୍ତ୍ର ସାମରିକ ବାହିନୀ ଅଧୀନରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ସ୍ଥିତିରେ ରଖିଛି। ଏହି ସକ୍ରିୟ ପରମାଣୁ ଯୁଦ୍ଧାସ୍ତ୍ରଗୁଡ଼ିକୁ ମୁଖ୍ୟତଃ ମାଟିତଳେ ଥିବା ଗୁପ୍ତ ମିସାଇଲ୍ ବଙ୍କର ଏବଂ ପରମାଣୁ ଚାଳିତ ବୁଡ଼ାଜାହାଜରେ ମୁତୟନ କରାଯାଇଛି। ଏବେ ଭାରତର ମୋଟ ପରମାଣୁ ବୋମା ସଂଖ୍ୟା ମଧ୍ୟ ବୃଦ୍ଧି ପାଇ ପ୍ରାୟ ୧୯୦ରେ ପହଞ୍ଚିଛି। 'ପ୍ରଥମେ ବ୍ୟବହାର ନ କରିବା' ନୀତିରେ ଅଟଳ ଭାରତର ଏହି ପଦକ୍ଷେପ ଏକ ଭିନ୍ନ ସୁରକ୍ଷା ନୀତିକୁ ସୂଚାଉଛି। ଭାରତର ସ୍ପଷ୍ଟ ଆଭିମୁଖ୍ୟ ହେଉଛି ଯେ, ଏହି ଯୁଦ୍ଧାସ୍ତ୍ରଗୁଡ଼ିକ କେବଳ ପ୍ରତିରୋଧ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ, କୌଣସି ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ବଢ଼ାଇବା ପାଇଁ ନୁହେଁ। ଯଦି କୌଣସି ଶତ୍ରୁଦେଶ ଭାରତ ଉପରେ ପରମାଣୁ ଆକ୍ରମଣ କରେ, ତେବେ ତୁରନ୍ତ ଆକ୍ରମଣ କରି ଶତ୍ରୁକୁ ଧ୍ୱଂସ କରିବା ପାଇଁ ଭାରତ ଏହି ସାମରିକ ପ୍ରସ୍ତୁତି କରିଛି।

## ପିଓକେରେ ପାକିସ୍ତାନ ...

ବ୍ୟବଚ୍ଛେଦ ରୁମ ଆଗରେ ଏକାଠି ହୋଇଥିଲେ। ସେଠାରେ ପୁଲିସ୍ ଗୁଳିରେ ପ୍ରାଣ ହରାଇଥିବା ବ୍ୟବସାୟୀଙ୍କୁ ରଖାଯାଇଥିଲା। ହସ୍ପିଟାଲରେ ଭିଡ଼ ଜମିବାରୁ ସୁରକ୍ଷାକର୍ମୀ ଏହାକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ।

# ଶହୀଦ ବିର୍ସା ମୁଣ୍ଡାଙ୍କ ଶ୍ରାଦ୍ଧଦିବସ ଅବସରରେ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତର ସ୍ୱାଧୀନତା ସଂଗ୍ରାମ ତଥା ଜନଜାତି ସମାଜର ଅଧିକାର ସୁରକ୍ଷା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ମହାନ ବିପ୍ଳବୀ ବିର୍ସା ମୁଣ୍ଡାଙ୍କୁ ତାଙ୍କ ଶ୍ରାଦ୍ଧଦିବସ ଅବସରରେ ଆଜି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଯାଇଛି । ଜନଜାତି ସମାଜର ସ୍ୱାଭିମାନ, ଆତ୍ମସମ୍ମାନ ଓ ଅଧିକାର ପାଇଁ ତାଙ୍କର ସଂଗ୍ରାମ ଏବଂ ତ୍ୟାଗମୟ ଜୀବନ ଆଜି ମଧ୍ୟ ଦେଶବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି । ମାତ୍ର ୨୫ ବର୍ଷ ବୟସରେ ସେ ଦେଶ ପାଇଁ ଶହୀଦ ହୋଇଥିଲେ । ତାଙ୍କର ତ୍ୟାଗ, ସଂଗ୍ରାମ ଓ ଜନଜାତି ସମାଜର ଅଧିକାର ପାଇଁ ଲଢ଼େଇ ତାଙ୍କୁ ଭାରତୀୟ ଇତିହାସର ଜଣେ ଅମର ବିପ୍ଳବୀ ଭାବେ ପ୍ରତିଷ୍ଠିତ କରିଛି ।



ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସୌଧ ସମ୍ମୁଖରେ ଥିବା ଶହୀଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ, ବିଧାୟକ ଶ୍ରୀ ବାବୁ ସିଂ, ବିଧାନସଭା ସଚିବ ଶ୍ରୀ ସତ୍ୟବ୍ରତ ରାଉତ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରି ମହାନ ବିପ୍ଳବୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହାସହ ବିଭିନ୍ନ ସାମାଜିକ ଓ ରାଜନୈତିକ ସଂଗଠନର ପ୍ରତିନିଧି, ବୁଦ୍ଧିଜୀବୀ ଏବଂ ସାଧାରଣ ଜନତା ଯୋଗଦେଇ ଶହୀଦ ବିର୍ସା ମୁଣ୍ଡାଙ୍କ ଅମର ସ୍ମୃତିଚାରଣ କରିଥିଲେ ।

# ଭାରତ ବିକାଶ ପରିଷଦ ହୀରାକୁଦ ଶାଖାର ସପଥପାଠ ଉତ୍ସବ



**ହୀରାକୁଦ, ନ୍ୟୁଜ ବ୍ୟୁରୋ**

ଭାରତ ବିକାଶ ପରିଷଦ, ହୀରାକୁଦ ଶାଖା ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ/ ବିଦ୍ୟା ମନ୍ଦିର ଠାରେ ହୀରାକୁଦ ଶାଖାର ଚଳିତ ବର୍ଷ ୨୦୨୬-୨୭ ର ପଦାଧିକାରୀ, ସଦସ୍ୟ/ସଦସ୍ୟା ମାନଙ୍କର ଶପଥ ଗ୍ରହଣ ମହାସମାରୋହ ରେ ଅନୁଷ୍ଠିତ ହୋଇ ଯାଇଅଛି । ବ୍ରହ୍ମାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିରେନ୍ଦ୍ର କୁମାର ପାଣୀଗାହୀ ପରିଚାଳନା କରିଥିଲେ । ଭାରତ ବିକାଶ ପରିଷଦ, ପଶ୍ଚିମ ପ୍ରାନ୍ତର ଉପଦେଷ୍ଟା ଡ ରାଜକୁମାର ବଡ଼ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ । ସଭାପତି ବ୍ରହ୍ମାନନ୍ଦ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଶାଖାର ବରିଷ୍ଠ ସଦସ୍ୟ ସରୋଜ କୁମାର ଆଚାର୍ଯ୍ୟ ଅତିଥି ପରିଚୟ କରିଥିଲେ। ମୁଖ୍ୟ ଅତିଥି ଡ ବଡପଣ୍ଡା ଭାରତ ବିକାଶ ପରିଷଦର ୫ଟି ସ୍ତମ୍ଭ-ସମ୍ପର୍କ, ସହଯୋଗ ସାଂସ୍କାର, ସେବା ଓ ସମର୍ପଣ, ତଥା ପରିଷଦର ଲକ୍ଷ୍ୟ, ଉଦ୍ଦେଶ୍ୟ ସହ ସଦସ୍ୟ/ ସଦସ୍ୟାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ବିଷଦ ଭାବରେ ଆଲୋଚନା କରିଥିଲେ । ସେ ଦେଶ ଓ ଜାତି ପାଇଁ ଆମ ସମସ୍ତଙ୍କର ଆବଶ୍ୟକତା ବ୍ୟକ୍ତ କରିବାସହ ସମସ୍ତ ପଦାଧୀକାରୀ ଓ ସଭ୍ୟ/ ସଭ୍ୟାମାନଙ୍କୁ ପଦ, ଗୋପନୀୟତା ଓ ଦାୟିତ୍ୱର ଶପଥ ପାଠ କରାଇଥିଲେ । ଅନୁପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

# ମାଟିରେ ମିଶିଲା ଶେଷ ସ୍ମୃତି କଟକର ଲାଲବାଗ ଐତିହ୍ୟ

**କଟକ, ନ୍ୟୁଜ ବ୍ୟୁରୋ**

କଟକ ଶିଶୁଭବନ ସଂପ୍ରସାରଣ ପାଇଁ ପୁରୁଣା ରାଜଭବନ ତଥା ମରହଟ୍ଟା ସମୟର ଲାଲବାଗ୍ କୋଠି ଐତିହ୍ୟ କୀର୍ତ୍ତିରାଜି ଭଙ୍ଗାଯାଇଥିଲା । ଏବେ ଲାଲବାଗ୍‌ର ଶେଷ ସ୍ମୃତି ବି ମାଟିରେ ମିଶିଲା । ଲାଲବାଗ କୋଠିର ଶେଷ ଅଂଶ ଭାବେ ୧୦୨ ବର୍ଷ ଧରି ଚାଲିଥିବା ଲାଲ୍‌ବାଗ୍ ଥାନା କୋଠାକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଛି । ସହରବାସୀଙ୍କ ପ୍ରତିବାଦ ଓ ଅସନ୍ତୋଷ ସତ୍ତ୍ୱେ ଇତିହାସର ଏହି ଶେଷ ସ୍ମୃତିକୁ ରାତାରାତି ନିଶ୍ଚିହ୍ନ କରି ଦିଆଯାଇଛି । କିଛି ଦିନ ପରେ ସେହି ସ୍ମାରକୀ ସ୍ଥାନକୁ ପାର୍କିଂଷ୍ଟାଣ୍ଡରେ ବଦଳାଇ ଦିଆଯିବ । ଏହା ସହ କବର ନେବ ଲାଲବାଗର ଐତିହ୍ୟ । ଓଡ଼ିଶା ଇତିହାସରେ କଟକ ଲାଲବାଗ କୋଠିର ପ୍ରସିଦ୍ଧି ରହିଛି । ମୋଗଲ ସୁବେଦାରଙ୍କଠାରୁ ଆରମ୍ଭ କରି ମରହଟ୍ଟା ଓ ଇଂରେଜ ଅମଳର ପ୍ରାଦେଶିକ ଶାସନକର୍ତ୍ତାଗଣ ଏଠାରେ ଅବସ୍ଥାନ କରୁଥିଲେ । ଲାଲବାଗ କୋଠି କାଠଯୋଡ଼ି କୂଳସ୍ଥ ଏକ ସୁପ୍ରଶସ୍ତ କ୍ଷେତ୍ର ଉପରେ ଅବସ୍ଥାପିତ ଥିଲା । ସୂଚନା ଅନୁସାରେ, ଖ୍ରୀଷ୍ଟାବ୍ଦ ୧୬୩୩ରେ ଲାଲବାଗ କୋଠି ତିଆରି ହୋଇଥିଲା। ସେତେବେଳେ ସୁବେଦାର ଥିଲେ ମୁତାକ୍‌ବାଦ୍ ଖାନ୍ । ସେହି ସମୟରୁ ଲାଲବାଗ ଆଖପାଖ ଅଞ୍ଚଳ ପ୍ରାଦେଶିକ ଶାସନର ମୁଖ୍ୟ ପ୍ରତିଷ୍ଠାନ ରୂପେ ଗଢ଼ି ଉଠିଥିଲା । ଏହି କ୍ଷେତ୍ରରେ ପରବର୍ତ୍ତୀ ସମୟରେ ଅନେକ ସରକାରୀ ଦପ୍ତର ଗଢିଉଠିଥିଲା । ଜିଲ୍ଲା ପ୍ରଶାସନ କାର୍ଯ୍ୟାଳୟ, ରାଜସ୍ୱ ପର୍ଷଦ ଆଦି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ ହୋଇଥିଲା । ୧୯୪୮ ମସିହା ପରଠାରୁ ଏହି କୋଠାର ଏକ ଅଂଶକୁ ଶିଶୁରୋଗ ଚିକିତ୍ସା ପ୍ରତିଷ୍ଠାନ ଶିଶୁଭବନରେ ପରିଣତ କରିଦିଆଗଲା। ତେବେ ଲାଲବାଗ୍ ନାମକରଣକୁ ନେଇ ଅନେକ ଦ୍ୱନ୍ଦ୍ୱ ବି ରହିଛି । ୧୬୧୭ରେ ଅବିଭକ୍ତ ବଙ୍ଗ-ଓଡ଼ିଶାର ଶାସନକର୍ତ୍ତା ଥିବା ଲାଲାବେଗ୍‌ଙ୍କ ସ୍ମୃତିରେ ଲାଲବାଗ୍ କୋଠା ନିର୍ମାଣ କରାଯାଇଥିବା କେହି କେହି କହନ୍ତି । ସେହିପରି ଉଇଲିୟମ୍ ବଟନ୍ ସାହେବଙ୍କ ଖ୍ରୀ.୧୬୩୩ରେ କଟକ ସମ୍ବନ୍ଧୀୟ ଲିପିବଦ୍ଧ ବିବରଣୀରୁ ଜଣାଯାଏ, ୧୫୬୮ ମସିହାରେ ମୁକୁନ୍ଦଦେବଙ୍କ ପରଠାରୁ ବାରବାଟୀ ଦୁର୍ଗର ପତନ ଆରମ୍ଭ ହୋଇଯାଇଥିଲା। ମୋଗଲ ସୁବେଦାରମାନେ ସେମାନଙ୍କ ରୁଚି ଅନୁସାରେ ଏକ ନୂତନ ଭବନର





ନିର୍ମାଣ କରି ଏହାର ନାମକରଣ ଲାଲବାଗ୍ ରଖି ଥାଇପାରନ୍ତି । ଲାଲବାଗ୍ କୋଠିର ଶେଷ ସ୍ମୃତି ଲାଲବାଗ୍ ଥାନା ଥିଲା । ଏହି ଐତିହ୍ୟ କୋଠା ଯେତେବେଳେ ଭଙ୍ଗାଯିବାକୁ ଯୋଜନା ହେଲା ସେତେବେଳେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଇଥିଲା। ଏମିତିକି ମେୟର ସୁବାସ ସିଂହଙ୍କ ସମେତ କଟକ ସହରର ବୁଦ୍ଧିଜୀବୀମାନେ ଏହି ସ୍ମୃତିକୁ ସଂରକ୍ଷିତ କରି ରଖାଯାଉ ବୋଲି ଦାବି କରିଥିଲେ। ଅନେକ ସାମାଜିକ ସଂଗଠନ, ରାଜନୈତିକ ଦଳ ଓ ବ୍ୟକ୍ତିବିଶେଷଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲାପାଳଙ୍କ ନିକଟରେ ଦାବିପତ୍ର ମଧ୍ୟ ଦାଖଲ କରାଯାଇଥିଲା । ଏତେ ସବୁ ପ୍ରତିକ୍ରିୟା, ପ୍ରତିବାଦ ସତ୍ତ୍ୱେ ଲାଲବାଗ୍ ଥାନା କୋଠାକୁ ରାତାରାତି ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି । ପ୍ରତିବାଦ ଓ ଅପ୍ରୀତିକର ପରିସ୍ଥିତି ଏଡାଇବା ପାଇଁ ଚତୁରତାର ସହ ରାତିରେ ହିଁ କୋଠାକୁ ଭାଙ୍ଗି ଦିଆଯାଇଛି । ତେବେ ଏଭଳି ଢଙ୍ଗରେ ଐତିହ୍ୟ ଭଙ୍ଗାଯିବା ଖବର ପ୍ରଚାରିତ ହେବା ପରେ ସବୁ ମହଲରେ ଚାପା ଅସନ୍ତୋଷ ପ୍ରକାଶ ପାଇଛି ।

# ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ ଏବଂ ଆଇଆଇଟିରୁରକି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆର୍ସେଲରମିତ୍ତଲନିପ୍ପନ୍‌ଷ୍ଟିଲଇଣ୍ଡିଆ (ଏଏମ୍/ ଏନଏସ୍ ଇଣ୍ଡିଆ)ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ରୁରକି (ଆଇଆଇଟିରୁରକି) ଶିକ୍ଷା, ଗବେଷଣା, ନବସୃଜନ ଏବଂ ଶିଳ୍ପକ୍ଷେତ୍ରରେ ସହଭାଗୀତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଛନ୍ତି। ଏହି ସହଭାଗୀତା ଏଏମ୍/ ଏନଏସ୍‌ଇଣ୍ଡିଆର ଶିଳ୍ପ ବିଶେଷଜ୍ଞତା ଏବଂ ବିଶ୍ୱବ୍ୟାପୀ ଉତ୍ପାଦନ କ୍ଷମତା ଏବଂ ଆଇଆଇଟିରୁରକିର ଶିକ୍ଷାଗତ ଏବଂ ଗବେଷଣା ଉତ୍କର୍ଷତାକୁ ଏକତ୍ରିତ କରି ପ୍ରତିଭା ବିକାଶ, ପ୍ରୟୋଗାତ୍ମକ ଗବେଷଣା, ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ନବସୃଜନ ଏବଂ ଶିଳ୍ପ କ୍ଷେତ୍ରରେ ପ୍ରତିସ୍ପର୍ଦ୍ଧାକୁ ପ୍ରୋତ୍ସାହନ ଦେବା ପାଇଁ ଏକ ମଞ୍ଚ ପ୍ରଦାନ କରିବ। ଏମଓୟୁ ଅଧୀନରେ, ସହଭାଗୀମାନେ ବିଭିନ୍ନ କ୍ଷେତ୍ରରେ ସୁଯୋଗ ଅନୁସନ୍ଧାନ କରିବେ। ଶିକ୍ଷାଗତ କାର୍ଯ୍ୟକ୍ରମ, କାର୍ଯ୍ୟନିର୍ବାହକ, ବୃତ୍ତିଗତ ବିକାଶ ପାଠ୍ୟକ୍ରମ, ଏବଂ କର୍ମଶକ୍ତି ରୂପାନ୍ତରଣ ପଦକ୍ଷେପକୁ ମିଳିତ ଭାବେ ବିକଶିତ ଓ କାର୍ଯ୍ୟକାରୀ କରିବେ। ଏହାସହିତ ଶିଳ୍ପ-କେନ୍ଦ୍ରିତ ପରାମର୍ଶ, ବୈଷୟିକ ପରାମର୍ଶ, ସମାଧାନ ମୂଳକ ଶିକ୍ଷା, ଏବଂ ପ୍ରଯୁକ୍ତିବିଦ୍ୟା ମୂଲ୍ୟାଙ୍କନ ସହଭାଗୀ ଗବେଷଣା, ନବସୃଜନ, ପ୍ରଯୁକ୍ତିବିଦ୍ୟା ବିକାଶ, ପ୍ରକାଶନ, ବୌଦ୍ଧିକ ସମ୍ବଳ ସୃଷ୍ଟି, ଏବଂ ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ପଦକ୍ଷେପ ଅନ୍ତର୍ଭୁକ୍ତ। ଏଏମ୍/ଏନଏସ୍ଇଣ୍ଡିଆ ପ୍ରତିଭା ବିକାଶ, ପ୍ରୟୋଗାତ୍ମକ ଗବେଷଣା, ନବସୃଜନ ଏବଂ ଶିଳ୍ପ ସମ୍ପୃକ୍ତିରେ ସହଭାଗୀତାର ଉଦ୍ଦେଶ୍ୟ ପୂରଣ କରିବା ପାଇଁ ଏହାର ଶିଳ୍ପ-ସମନ୍ୱିତ ଶିକ୍ଷା ପଦକ୍ଷେପ





ନାମଟେକ(ନ୍ୟୁ ଏଜ୍ ମେକର୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି)କୁ ଏକ ମଞ୍ଚ ଭାବରେ ବ୍ୟବହାର କରିବ। ଶିକ୍ଷା ଏବଂ ଶିଳ୍ପ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ସ୍ଥାପିତ ନାମଟେକଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରତିଭା ସୃଷ୍ଟି କରିବା ଏବଂ ଗବେଷଣାକୁ ଶିଳ୍ପ ପ୍ରଭାବରେ ରୂପାନ୍ତରଣ କରିବା ପାଇଁ ପ୍ରୟୋଗାତ୍ମକ ଶିକ୍ଷା, ଶିଳ୍ପ-ସଂଚାଳିତ ପାଠ୍ୟକ୍ରମ ଏବଂ ବାସ୍ତବିକ ଜୀବନର ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବ। ଏହି ଅବସରରେ, ଏଏମ୍/ ଏନଏସ୍‌ଇଣ୍ଡିଆର ସିଇଓ ଶ୍ରୀ ଦିଲୀପ ଉମେନ କହିଛନ୍ତି, 'ଭାରତର ଶିଳ୍ପ କ୍ଷେତ୍ରରେ ରୂପାନ୍ତରଣ ପାଇଁ ଶିଳ୍ପ ଏବଂ ଶିକ୍ଷାନୁଷ୍ଠାନ ମଧ୍ୟରେ ନିବିଡ଼ସହଯୋଗ ରହିବା ଆବଶ୍ୟକ। ଆଇଆଇଟିରୁରକି ସହିତ ଏହି ଗୁରୁତ୍ୱପୂର୍ଣ୍ଣ ସହଯୋଗ ଏବଂ ନାମଟେକକୁ ଆମର ଶିଳ୍ପ-ସମନ୍ୱିତ ଶିକ୍ଷା,ଏବଂ ନବସୃଜନର ମଞ୍ଚ ଭାବରେ ବ୍ୟବହାର କରି, ଆମେ ଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରତିଭା ସୃଷ୍ଟି, ପ୍ରୟୋଗାତ୍ମକ ଗବେଷଣାକୁ ତ୍ୱରାନ୍ୱିତ କରିବା ଏବଂ ଭାରତର ଉତ୍ପାଦନ ଏବଂ ଇସ୍ପାତ କ୍ଷେତ୍ରର ପ୍ରତିଦ୍ୱନ୍ଦିତା ଏବଂ ସ୍ଥାୟୀତ୍ୱକୁ ସୁଦୃଢ଼ କରୁଥିବା ପ୍ରଭାବଶାଳୀ ସମାଧାନ ବିକଶିତ କରିବା ଲକ୍ଷ୍ୟ ରଖିଛୁ।' ଏହାସହିତ ନାମଟେକର ନିର୍ଦ୍ଦେଶକ ମଣ୍ଡଳୀର ସଦସ୍ୟ ଶ୍ରୀ ସଞ୍ଜୟ ଶର୍ମା କହିଛନ୍ତି, "ଭବିଷ୍ୟତ ପାଇଁ ପ୍ରତିଭା ପ୍ରସ୍ତୁତ କରିବାରେ ଉତ୍ପାଦନ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ କିପରି ସହଯୋଗ କରନ୍ତି, ତାହାକୁ ପୁନଃପରିଭାଷିତ ଏବଂ ସୁଦୃଢ଼ କରିବା ପାଇଁ ନାମଟେକର ପ୍ରତିଷ୍ଠା କରାଯାଇଥିଲା।ଏହି ସହଭାଗୀତା ପ୍ରୟୋଗାତ୍ମକ ଶିକ୍ଷା, ପ୍ରୟୋଗିକ ଗବେଷଣା ଏବଂ ନବସୃଜନ ଦ୍ୱାରା ପରିଚାଳିତ ଫଳାଫଳ ପାଇଁ ନୂତନ ପଥ ସୃଷ୍ଟି କରିବାକୁ ଅଧିକ ସକ୍ଷମ କରିବ, ଯାହା ବିକଶିତ ଶିଳ୍ପର ଆବଶ୍ୟକତା ଏବଂ ପ୍ରାଥମିକତା ସହିତ ସମନ୍ୱୟ ରକ୍ଷା କରିବ।"

# ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଅନ୍ତର୍ଜାତୀୟ ଲେଭେଲ କ୍ରସିଂ ସଚେତନତା ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆନ୍ତର୍ଜାତୀୟ ଲେଭେଲ କ୍ରସିଂ ସଚେତନତା ଦିବସ ୨୦୨୬ ପାଳନ ଅବସରରେ ଖୋର୍ଦ୍ଧା ରୋଡ଼ ମଣ୍ଡଳ ପକ୍ଷରୁ ଜୁନ୍ ୩ ରୁ ୯ ତାରିଖ ପର୍ଯ୍ୟନ୍ତ ମଣ୍ଡଳ ଅଧୀନସ୍ଥ ବିଭିନ୍ନ ଲେଭେଲ କ୍ରସିଂ ଗେଟ୍ ଗୁଡ଼ିକରେ ଏକ ସ୍ୱତନ୍ତ୍ର ସୁରକ୍ଷା ସଚେତନତା ଅଭିଯାନ ପରିଚାଳନା କରାଯାଇଥିଲା। ଆନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ ହେଉଛି ଏକ ବିଶ୍ୱସ୍ତରୀୟ ପ୍ରୟାସ, ଯାହାର ଉଦ୍ଦେଶ୍ୟ ହେଉଛି ରେଳବାଇ ଲେଭଲ୍ କ୍ରସିଂଗୁଡ଼ିକରେ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା । ୨୦୨୬ ର ବିଷୟବସ୍ତୁ ହେଉଛି "ଆଜି ସତର୍କ, ଆସନ୍ତାକାଲି ସୁରକ୍ଷିତ"। ଏହି ଅବସରରେ ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନରେ ଥିବା ମଂଚେଶ୍ୱର ଏବଂ ବାରଙ୍ଗ ଷ୍ଟେସନ ମଧ୍ୟରେ





ଅବସ୍ଥିତ ଲେଭେଲ କ୍ରସିଂ ଗେଟ୍ ନଂ ୧୮୫ ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାଧାରଣ ଜନତାଙ୍କୁ ରେଳବାଇ ଲେଭଲ୍ କ୍ରସିଂରେ ସୁରକ୍ଷିତ ଅଭ୍ୟାସ ବିଷୟରେ ଶିକ୍ଷା ଦେବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକଳାପ ଯେପରିକି , ଲିଫଲେଟ ବଣ୍ଟନ, ବ୍ୟାନର ଓ ପୋଷ୍ଟର ପ୍ରଦର୍ଶନ ସହ ସୁରକ୍ଷା ବାର୍ତ୍ତା ପ୍ରଚାର ମାଧ୍ୟମରେ ସଡ଼କ ବ୍ୟବହାରକାରୀ ଏବଂ ସାଧାରଣ ଲୋକଙ୍କୁ ରେଳ ଲେଭେଲ କ୍ରସିଂରେ ସୁରକ୍ଷିତ ଆଚରଣ ସମ୍ପର୍କରେ ସଚେତନ କରାଯାଇଥିଲା। ସ୍କାଉଟ୍ସ ଏବଂ ଗାଇଡ୍‌ଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବାର୍ତ୍ତା ପହଂଚାଇବା ପାଇଁ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଖୋର୍ଦ୍ଧା ରୋଡ୍ ବେସାମରିକ ପ୍ରତିରକ୍ଷା (ସିଭିଲ୍ ଡିଫେନ୍ସ) ସଂଗଠନର ସଦସ୍ୟମାନେ ମଧ୍ୟ ରେଳ ଧାରଣାରେ ଅନୁପ୍ରବେଶ କରିବା, ସେଲଫି ନେବା, ଭିଡିଓ ରିଲ୍ସ ତିଆରି କରିବା ଏବଂ ରେଳ ପରିସର ମଧ୍ୟରେ ଅନ୍ୟାନ୍ୟ ଅସୁରକ୍ଷିତ କାର୍ଯ୍ୟକଳାପ କରିବାର ବିପଦ ବିଷୟରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ।

ଏହି ସମାବେଶକୁ ସମ୍ବୋଧିତ କରି ସୁବୋଧ ଚୌଧୁରୀ ମୁଖ୍ୟ ସୁରକ୍ଷା ଅଧିକାରୀ , ପି. କେ. ବେହେରା ଏଡିଆରଏମ (ପରିଚାଳନ) ଖୋର୍ଦ୍ଧା ରୋଡ୍, ଏ. ପି. ବାରିକ ଡେପୁଟି ସିଏସଓ/ଇଲେକ୍ଟ୍ରିକାଲ ଏବଂ ଅନ୍ୟାନ୍ୟ ବ୍ରାଞ୍ଚ ଅଧିକାରୀମାନେ ଲେଭଲ୍ କ୍ରସିଂ ଏବଂ ରେଳ ପରିସର ମଧ୍ୟରେ ସୁରକ୍ଷା ନିୟମାବଳୀ ପାଳନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରତ୍ୟେକ ଜୀବନ ମୂଲ୍ୟବାନ ବୋଲି ଦୋହରାଇ ସେମାନେ ସମସ୍ତ ରାସ୍ତା ବ୍ୟବହାରକାରୀ ଏବଂ ପଦଚାରୀମାନଙ୍କୁ ସତର୍କ ରହିବାକୁ ଏବଂ ନିର୍ଦ୍ଧାରିତ ସୁରକ୍ଷା ପ୍ରଣାଳୀ ଅନୁସରଣ କରିବାକୁ ଅନୁରୋଧ କରିଥିଲେ।

GOVERNMENT OF ODISHA
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER,
HADUA IRRIGATION DIVISION, NARASINGHPUR
e-mail id – hidirrigation@gmail.com

32001/369/2627

'e'-Procurement Notice No. SE-HID(NSPR)- 03/2026-27

Invites online percentage rate in double cover through e-procurement for execution of Civil works.

| | | | |
|---|---|---|---|
| 1 | Name of the Works | : | 07(Seven) number of Civil works (Name of works given in bid document) |
| 2 | Approximate Estimated cost | : | Approximately Rs. 56.71 Lakhs to Rs. 72.65 Lakhs. |
| 3 | Period of Completion | : | 09(Nine) months |
| 4 | Class of Contractor | : | "B"Class |
| 5 | Availability of Bid Documents and receipt of bid through online | : | From 11.00 hours of Dt.11.06.2026 to 17.00 hours of Dt. 28.06.2026 in the website (www.tendersodisha.gov.in) |
| 6 | Date of opening of technical bid | : | 11:00 Hours of Dt. 29.06.2026 |
| 7 | Name and Address of Officer Inviting Bid | : | Superintending Engineer, Hadua Irrigation Division, Narasinghpur, At/PO:-Narsinghpur, Dist:- Cuttack, Odisha. e-mail id- hidirrigation@gmail.com |

Further details can be seen from the e-procurement portal of Government Odisha at www.tendersodisha.gov.in)
The corrigendum/cancellation of the tender, if any will be uploaded and can be seen from the above website only

Sd/- Superintending Engineer
Hadua Irrigation Division, Narasinghpur

OIPR-32001/32243/1/26-27/0002

ଉତ୍କଳ ଦୀପିକା

ଭୁବନେଶ୍ୱର, ୧୦ ଜୁନ୍, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ରଥଖଳା ହାଲଚାଲ : ଆଗକୁ ଚଉଦନାହାକା ବୁଲିଲେ ପ୍ରଥମ ଭୂଇଁ ରଥରେ ଟୁଙ୍ଗୁରା ହେବ



**ପୁରୀ,୦୯/୦୬ ନ୍ୟୁଜ ବ୍ୟୁରୋ**

ତିନି ରଥରେ ଛଅ କାଠ ଉଠିଛି। ଚାରି ନାହାକାରେ ଚଣାକ ବାଡ଼େଇ ଛଅ କାଠ ଉଠାଇଛନ୍ତି ନିର୍ମାଣକାରୀ । ମୁଖ୍ୟ ବିଶ୍ୱକର୍ମାଙ୍କ ତତ୍ତ୍ୱାବଧାନରେ ଭୋଇ ସେବକମାନେ ଏହି କାର୍ଯ୍ୟ ସାରିଛନ୍ତି । ରଥରେ ପ୍ରଥମ ଭୂଇଁ ଉଠିବାର ଏହା ପୂର୍ବ ପ୍ରକ୍ରିୟା । ରଥର ଝାଙ୍କ ସଳଖା ଯାଇଛି। ଏଣିକି ରଥରେ ଖଦି ଓରା ପଡ଼ି ଚଉଦା ନାହାକା ବୁଲିବାକୁ ଅପେକ୍ଷା । ଚଉଦନାହାକା ବୁଲିଲେ ପ୍ରଥମ ଭୂଇଁ ରଥରେ ଟୁଙ୍ଗୁରା ହେବ । ଇତିମଧ୍ୟରେ ୨ୟ ଭୂଇଁ ଫ୍ରେମ୍ ପ୍ରସ୍ତୁତି ଆରମ୍ଭ ହୋଇଛି । କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ ରଥ ନିର୍ମାଣ ଅଗ୍ରଗତି ନେଇ ନିର୍ମାଣକାରୀଙ୍କ ସହ ଆଲୋଚନା କରିଥିଲେ । ଛଅ କାଠ ଉଠାଇବାକୁ ପ୍ରଥମେ ଭୋଇ ସେବକମାନେ ଚାଙ୍ଗଡ଼ା (ବଡ଼ କାଠ ଫାଳି) ଉଠାଇଥିଲେ । ପରେ ଚାରି ନାହାକାରେ ଚଣାକ ବାଡ଼େଇଥିଲେ। ପ୍ରତି ରଥରେ ୮ଟି ଚଣାକ ବାଡ଼ିଆ ଯାଇଥିଲା । ଗୋଟିଏ ପାର୍ଶ୍ୱରେ ଦୁଇଟି କରି ଲାଗିଛି ଚଣାକ । ଭୋଇ ସେବକମାନେ ଶୂନ୍ୟରେ ଝୁଲିଲା ଭଳି କାଠକୁ ଉଠାଇଥିଲେ। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ଚାଲିଛି । ମହାପ୍ରଭୁ ଅନବସର ସେବା ପାଇଁ ଅଣସର ଗୟଳ ତିଆରି ହୋଇଛି। ଏହା ବଡ଼ବାଡ଼ର ସେବା । ସାହାଜ ଓ ଧଉରା କାଠରେ ତିଆରି ହୁଏ ଅଣସର ଗୟଳ । ରଥର ଝାଙ୍କ ସଳଖା ଅର୍ଥାତ୍ ଚାରି ନାହାକାକୁ ସଳଖିବା। ଛଅ କାଠ ଉଠିବା ପରେ ସୂତା ଧରାଯାଇ ଦଣ୍ଡା ସହିତ ସମତୁଲ କରି ରଥର ଚାରି ନାହାକାକୁ ମଜଭୁତ କରି ସିଧା କରି ଖିଲ ବାଡ଼ିଆ ହୋଇଥିଲା। ଝାଙ୍କ ସଳଖିବା ରଥ ନିର୍ମାଣ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଏପଟେ ରଥଖଳାରେ ଦ୍ୱିତୀୟ ଭୂଇଁର ଫ୍ରେମ୍ ପଡ଼ିଛି। ପ୍ରଥମ ଭୂଇଁ ଭଳି ଦ୍ୱିତୀୟ ଭୂଇଁର ମୂଳଦୁଆ ରଥଖଳାରେ ପଡ଼ିବା ଆରମ୍ଭ ହୋଇଛି । ତିନି ଭୂଇଁ ଉଠି ସାରିଲେ ଚଣାକଗୁଡ଼ିକ କାଢ଼ି ଦିଆଯିବ ବୋଲି ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି । ରୂପକାର, କମାର ସେବକ, କରତିମାନେ ରଥ କାମରେ ନିମଗ୍ନ ଅଛନ୍ତି । କାଳବୈଶାଖୀ ବର୍ଷା ଯୋଗୁଁ ଅପରାହ୍ଣରେ କିଛି ସମୟ ରଥ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲେ ସୁଦ୍ଧା ନିର୍ମାଣକାରୀମାନେ ଅସହ୍ୟ ଖରା ତାତିରୁ ଆଶ୍ୱସ୍ତି ପାଇଥିଲେ ।

# ବଡ଼ଠାକୁରଙ୍କ ରଥ ନିର୍ମାଣରେ ନିୟୋଜିତ ଭୋଇ ସେବକଙ୍କ ହୃଦ୍‌ଘାତରେ ମୃତ୍ୟୁ





**ପୁରୀ ୦୯/୦୬ ନ୍ୟୁଜ ବ୍ୟୁରୋ**

ରଥ ଖଳାରୁ ଆସିଲା ଏକ ଦୁଃଖଦ ଖବର। ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଭୋଇ ସେବକଙ୍କ ଆକାଳରେ ବିୟୋଗ ଘଟିଛି। ହୃଦ୍‌ଘାତରେ ଆଖିବିଜୁଲେ ତାଳଧ୍ୱଜ ରଥର ଭୋଇ ସେବକ ଧୋବା ଭୋଇ। ଏହି ଘଟଣା ପରେ ରଥଖଳାରେ ନିୟୋଜିତ ଥିବା ସେବାୟତଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଥିଲା। ଏହି ଅଘଟଣ ପରେ କିଛି ସମୟ ପାଇଁ ରଥଖଳା କାମ ଯେମିତି ଅଟକି ରହିଥିଲା। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳୁ ଭୋଇ ସେବକ ଧୋବା ଭୋଇ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କ ସହ ରଥ କାମରେ ନିୟୋଜିତ ସେବକମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ପ୍ରଥମେ ପୁରୀ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ହେଲେ ବିଧିର ବିଧାନ ଥିଲା ଅଲଗା। ବଳଭଦ୍ର ରଥ କାମ କରୁ କରୁ ଭୋଇ ସେବକଙ୍କ ପ୍ରାଣବାୟୁ ଉଡିଯାଇଛି। ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପାଇବା ପରେ ପୁରୀ ଜିଲ୍ଲାପାଳ ରଥଖଳାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଭୋଇ ସେବକଙ୍କ ମୃତ୍ୟୁକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ମୃତ ଧୋବାଙ୍କ ପରିବାରଙ୍କୁ ପ୍ରଶାସନ ପକ୍ଷରୁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି ଜିଲ୍ଲାପାଳ।

# ମହିଳାଙ୍କ ସର୍ବକାଳୀନ ଆଦର୍ଶ ଥିଲେ ନନ୍ଦିନୀ ଶତପଥୀ



**ଭୁବନେଶ୍ୱର,୯।୬ ନ୍ୟୁଜ ବ୍ୟୁରୋ**

ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଓଡିଶା ସରକାରଙ୍କ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ତଥା ବିଭିନ୍ନ ସଂଗଠନ ପକ୍ଷରୁ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ, ବିଶିଷ୍ଟ ସାହିତ୍ୟିକା ତଥା ବହୁମୁଖୀ ପ୍ରତିଭାଦୀପ୍ତା ବ୍ୟକ୍ତିତ୍ୱ ସ୍ୱର୍ଗତ ନନ୍ଦିନୀ ଶତପଥୀଙ୍କ ୯୬ ତମ ଜୟନ୍ତୀ ସ୍ଥାନୀୟ ସୂର୍ଯ୍ୟନଗର ସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ଅଭିଯାନର ଅଧ୍ୟକ୍ଷ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ନନ୍ଦିନୀ ଥିଲେ ଏକାଧାରରେ ଜଣେ ବିଶିଷ୍ଟ ରାଜନୀତିଜ୍ଞ, ଦକ୍ଷ, ନିଷ୍ପାପର ସ୍ପଷ୍ଟ ବାଦୀ ସହିତ ଭୁସଂସ୍କାର ଆଇନ ଆଣିବା, କୃଷି, କୃଷକଙ୍କ ଉନ୍ନତି ପାଇଁ ସମର୍ପିତ ଭାବେ କାର୍ଯ୍ୟକ୍ରମ କରିବା, ସମଗ୍ର ମହିଳାଙ୍କ କଲ୍ୟାଣ ନିମିତ ବିଭିନ୍ନ ଯୋଜନା ପ୍ରଣୟନ କରିବା, ସାହିତ୍ୟ ମାଧ୍ୟମରେ ସମାଜ ଓ ମହିଳାଙ୍କ ବୈପ୍ଳବିକ ଉନ୍ନତି କରିବା ପ୍ରମୁଖ ଥିଲା ତାଙ୍କର ସ୍ୱତନ୍ତ୍ର ପରିଚୟ । ଏହି ଅବସରରେ ଅନ୍ୟ ବିଶିଷ୍ଟ ଅତିଥି ମାନଙ୍କ ମଧ୍ୟରେ ଭୁବନେଶ୍ୱର ମହାନଗର ମେୟର ସୁଲୋଚନା ଦାସ, ପ୍ରାକ୍ତନ ସାଂସଦ ତଥା ଧରିତ୍ରୀ ଓ ଓରିଶା ପୋଷ୍ଟ ସମ୍ପାଦକ ତଥାଗତ ଶତପଥି, କାର୍ଯ୍ୟନିର୍ବାହୀ ଆଧ୍ୟକ୍ଷା ଆଦ୍ୟାଶା ଶତପଥୀ, ପ୍ରାକ୍ତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ସୁରସେନ ଜେନା, ପତ୍ରକାର ଅରବିନ୍ଦ ତ୍ରିପାଠୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ରହିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ଦ୍ୱାଦଶ ମାର୍କବୃଦ୍ଧି ପରୀକ୍ଷା ଫଳ ପ୍ରକାଶରେ ବିଳମ୍ବକୁ ନେଇ ସିବିଏସ୍‌ଇକୁ ସୁପ୍ରିମ୍‌କୋର୍ଟଙ୍କ ନୋଟିସ୍



**ନୂଆଦିଲ୍ଲୀ, ୯/୦୬**

ସାଉଦି ଆରବରେ ରହୁଥିବା ଜଣେ ଭାରତୀୟ ଛାତ୍ରଙ୍କ ସିବିଏସ୍‌ଇ ଦ୍ୱାଦଶ ମାର୍କବୃଦ୍ଧି ପରୀକ୍ଷା ଫଳ ଘୋଷଣା ନ ହେବା ମାମଲା ଏବେ ସୁପ୍ରିମ୍‌କୋର୍ଟରେ ପହଞ୍ଚିଛି। ଛାତ୍ର ଦର୍ଶାଇଥିଲେ ଯେ, ପରୀକ୍ଷା ଫଳ ନ ଆସିବା କାରଣରୁ କଲେଜରେ ନାମଲେଖା ଓ ଆଗକୁ ପାଠପଢ଼ା ପ୍ରଭାବିତ ହୋଇଛି। ବାଧ୍ୟ ହୋଇ ଛାତ୍ର ଜଣକ ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ ମନମୋହନ ଓ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଗମ୍ଭୀର ମାମଲାର ଶୁଣାଣି କରି ସିବିଏସ୍‌ଇର ଆଭିମୁଖ୍ୟ ଉପରେ କଡ଼ା ଆପତ୍ତି ପ୍ରକାଶ କରିଛନ୍ତି। ସର୍ବୋଚ୍ଚ କୋର୍ଟ ସିବିଏସ୍‌ଇ ଓ ଏହାର ସମ୍ପୃକ୍ତ ଆଞ୍ଚଳିକ ଅଧିକାରୀଙ୍କୁ ନୋଟିସ୍ ଜାରି କରି ଅତି କଠୋର ଶବ୍ଦରେ କହିଛନ୍ତି ଯେ, ଏହା ଜଣେ ପିଲାର କ୍ୟାରିୟରର ପ୍ରଶ୍ନ। ସମସ୍ୟା ଯାହାବି ଥାଉ, ରାତିଦିନ ଏକ କରି ତୁରନ୍ତ ଏହାର ସମାଧାନ କର।

ସୂଚନାଯୋଗ୍ୟ, ସାଉଦି ଆରବରେ ରହୁଥିବା ଭାରତୀୟ ଛାତ୍ର ପ୍ରାଂଶୁ ଜିଗରକୁମାର ପଟେଲ ସିବିଏସ୍‌ଇର ବିଫଳତାକୁ ଚାଲେଞ୍ଜ କରି ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିଲେ। ପ୍ରାଂଶୁ ସାଉଦି ଆରବର ଅଲ ଜୁବେଲ ସହରରେ ସିବିଏସ୍‌ଇର ଦ୍ୱାଦଶ ଶ୍ରେଣୀ ମାର୍କ ବୃଦ୍ଧି ପାଇଁ ପରୀକ୍ଷା ଦେଇଥିଲେ। ପ୍ରାଂଶୁ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଇଂରାଜୀ ଓ କମ୍ପ୍ୟୁଟର ସାଇନ୍ସରେ ମାର୍କ ବୃଦ୍ଧି କରିବାକୁ ଏହି ପରୀକ୍ଷା ଦେଇଥିଲେ। ପ୍ରାଂଶୁ କହିଛନ୍ତି, ସେ ନିଜ ପକ୍ଷରୁ ପରୀକ୍ଷା ପାଇଁ ଭଲ ଭାବେ ପ୍ରସ୍ତୁତ ହୋଇଥିଲେ ଓ ପରୀକ୍ଷା ଦେଇଥିଲେ। କିନ୍ତୁ ସିବିଏସ୍‌ଇ ତାଙ୍କ ଫଳାଫଳ ଘୋଷଣା କଲାନାହିଁ। ପରୀକ୍ଷା ଫଳ ନ ଆସିବା ଯୋଗୁଁ ତାଙ୍କୁ ଆଗକୁ ପଢ଼ିବାରେ ସମସ୍ୟା ଦେଖାଯାଇଛି।

ଦେଶବିଦେଶରେ କଲେଜ ଓ ବିଶ୍ୱବିଦ୍ୟାଳୟରେ ନାମଲେଖା ଜୋରଦାର ଚାଲିଥିବାବେଳେ ବିନା ମାର୍କସିଟ୍‌ରେ ସେ ନାମଲେଖାଇ ପାରୁନାହାନ୍ତି। ସିବିଏସ୍‌ଇକୁ ସେ ମେ ୧୭, ମେ ୨୧ ଓ ମେ ୩୦ ତାରିଖରେ ପରୀକ୍ଷା ଫଳ ପ୍ରକାଶ ନେଇ ବ୍ୟକ୍ତିଗତ ଭାବେ ଇମେଲ ପଠାଇ ଅଭିଯୋଗ ଦାଖଲ କରିଥିଲେ ମଧ୍ୟ ସିବିଏସ୍‌ଇ ପକ୍ଷରୁ କୌଣସି ଜବାବ ମିଳି ନ ଥିଲା। ସୂଚନାଯୋଗ୍ୟ, ଯୁଦ୍ଧସ୍ଥିତିକୁ ଦେଖି ସିବିଏସ୍‌ଇ ଚଳିତ ବର୍ଷ ସାତ ଉପସାଗରୀୟ ଦେଶ ବାହାରିନ, ଇରାନ, କୁଏତ, ଓମାନ, କତର, ସାଉଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ୍ସରେ ଦ୍ୱାଦଶ ପରୀକ୍ଷା କରିନଥିଲା। ପରୀକ୍ଷା ନ ହେବା ଯୋଗୁଁ ସିବିଏସ୍‌ଇ ସେହି ଛାତ୍ରଛାତ୍ରୀଙ୍କ ପାଇଁ ଏକ ବିଶେଷ ଆସେସ୍‌ମେଣ୍ଟ ଯୋଜନା କରିଥିଲା, ଯଦ୍ଦ୍ୱାରା ପିଲାମାନଙ୍କର ଗୋଟିଏ ବର୍ଷ ଖରାପ ହେବନାହିଁ। ପ୍ରାଂଶୁଙ୍କ ଆବେଦନ ଅନୁଯାୟୀ, ସେ ଏହି ଆସେସମେଣ୍ଟ ପରିସରରେ ଆସିବା ସତ୍ତ୍ୱେ ସିବିଏସ୍‌ଇ ତାଙ୍କ ଫଳ ଘୋଷଣାକୁ ଝୁଲେଇ ରଖିଛି।

## ଜୁନ୍ ୧୬ରେ ରାଷ୍ଟ୍ରପତି ଭବନରେ ରଜ ମହୋତ୍ସବ
# ଦୋଳିଖେଳ ହେବ ମୁଖ୍ୟ ଆକର୍ଷଣ

**ନୂଆଦିଲ୍ଲୀ,୦୯/୦୬**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୁନ୍ ୧୬ରେ ରଜ ମହୋତ୍ସବ ରାଷ୍ଟ୍ରପତି ଭବନରେ ପାଳନ କରିବେ। ଏହି ଅବସରରେ ରାଷ୍ଟ୍ରପତି ଭବନର ସାଂସ୍କୃତିକ କେନ୍ଦ୍ରଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଦୋଳିଖେଳ ହେବ ମୁଖ୍ୟ ଆକର୍ଷଣ। ପୋଡ ପିଠାରୁ ଆରମ୍ଭ କରି ଓଡ଼ିଶାର ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଆୟୋଜନ କରାଯାଇଛି। ଦେଶର ରାଷ୍ଟ୍ରପତି ପଦରେ ଆସୀନ ହେବା ପରଠାରୁ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ଓଡ଼ିଶାର ବିଭିନ୍ନ ପର୍ବପର୍ବାଣୀ ପାଳନ କରିଆସୁଛନ୍ତି।

ତେବେ ଗତ ଦୁଇ ବର୍ଷ ଧରି କେତେକ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ରାଷ୍ଟ୍ରପତି ରଜ ମହୋତ୍ସବ ପାଳନ ନ କରିବାକୁ ସ୍ଥିର କରିଥିଲେ। ରାଷ୍ଟ୍ରପତି ଭବନ ଛଡା ଦିଲ୍ଲୀର ଓଡିଆସଂଗଠନଗୁଡ଼ିକ ମଧ୍ୟ ରଜ ପାଳନ କରିବା ପାଇଁ ବିଭିନ୍ନ ଆୟୋଜନ କରିବାରେ ଲାଗିଛନ୍ତି। କଳିଙ୍ଗ ଭାରତୀ ଫାଉଣ୍ଡେସନ୍ ଗୁରୁଗ୍ରାମଠାରେ ଏନେଇ ବ୍ୟାପକ ଆୟୋଜନ କରୁଛି । କଳିଙ୍ଗ ଭାରତୀ ଫାଉଣ୍ଡେସନର ଅଧ୍ୟକ୍ଷ ଅକ୍ଷୟ ସାମଲ କହିଛନ୍ତି, ଏ ବର୍ଷର ରଜ ପର୍ବ ବିକଶିତ ଭାରତ ୨୦୪୭ ପାଇଁ ସମର୍ପିତ ହେବ । ଏହି ଅବସରରେ ଓଡ଼ିଶାର ଲୋକ ସଂସ୍କୃତି, ପାରମ୍ପରିକ ନୃତ୍ୟ ଓ ହସ୍ତକଳାର ଝଲକ ଦେଖିବାକୁ ମିଳିବ ବୋଲି ସେ କହିଥିଲେ ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୦୯/୦୬/୨୦୨୬
୬,୪୯,୪୦୫/- ଟଙ୍କା
ସୁନା:- ୦୩ ଗ୍ରାମ୍ ୫୦୦ ମିଲିଗ୍ରାମ
ରୂପା:- ୩୮ ଗ୍ରାମ୍ ୭୦୦ ମିଲିଗ୍ରାମ

# କଟକ ଚଣ୍ଡୀ ମନ୍ଦିରରେ ଆର୍ଥିଂ ଥିଲେ ମଧ୍ୟ ଲାଇଟନିଂ ଆରେଷ୍ଟର ନଥିବା ସ୍ୱୀକାର କଲେ ଜିଲ୍ଲାପାଳ



**କଟକ ୯।୬ ନ୍ୟୁଜ ବ୍ୟୁରୋ**

ମା' କଟକ ଚଣ୍ଡୀଙ୍କ ମନ୍ଦିର ଦଧିନଉତି ଭାଙ୍ଗିବା ଘଟଣାରେ ଠିକା ନେଇଥିବା ସଂସ୍ଥା ବଜ୍ରପାତ ନିରୋଧକ ବ୍ୟବସ୍ଥା କରିନଥିବା ଜିଲ୍ଲାପାଳ ସ୍ୱୀକାର କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ରଖି ଜିଲ୍ଲାପାଳ କହିଛନ୍ତି, ମନ୍ଦିରରେ ଲାଇଟନିଂ ଆରେଷ୍ଟର ବ୍ୟବସ୍ଥା ନଥିଲା। ଲାଇଟନିଂ ଆରେଷ୍ଟର ବା ବଜ୍ରପାତ ନିରୋଧକ ବ୍ୟବସ୍ଥା ଦଧିନଉତି ପ୍ରତିଷ୍ଠା ସହ ଲଗାଯିବା ଆବଶ୍ୟକ। ମାତ୍ର କୌଣସି ଶୁଭ ମୁହୂର୍ତ୍ତରେ ବଜ୍ରପାତ ନିରୋଧକ ଲଗାଯିବାକୁ ଠିକା ସଂସ୍ଥା ଚିନ୍ତା କରିଥିଲା ବୋଲି ଜିଲ୍ଲାପାଳ କହିଛନ୍ତି। କାଳବୈଶାଖୀକୁ ଦୃଷ୍ଟିରେ ରଖି ଏବେ ବଜ୍ରପାତ ନିରୋଧକ ବ୍ୟବସ୍ଥା କରାଗଲା ବୋଲି ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେ କହିଛନ୍ତି । ବଡ ବଡ ମନ୍ଦିର କିମ୍ବା କୋଠାରେ ବଜ୍ରପାତ ପ୍ରଭାବ ଏଡାଇବା ପାଇଁ ଆର୍ଥିଂ ସହ ଲାଇଟନିଂ ଆରେଷ୍ଟର ବ୍ୟବସ୍ଥା ଜରୁରୀ ଥାଏ। କିନ୍ତୁ ମା' କଟକ ଚଣ୍ଡୀଙ୍କ ମନ୍ଦିରରେ ଆର୍ଥିଂ ଥିଲେ ମଧ୍ୟ ଲାଇଟନିଂ ଆରେଷ୍ଟର ବ୍ୟବସ୍ଥା ନଥିଲା । ଯାହା ଫଳରେ ୭ ତାରିଖ ସନ୍ଧ୍ୟାରେ ହୋଇଥିବା କାଳବୈଶାଖୀରେ ବଜ୍ରପାତ କାରଣରୁ ମା' କଟକ ଚଣ୍ଡୀଙ୍କ ମନ୍ଦିରର ଦଧିନଉତି ଭାଙ୍ଗି ଯାଇଥିଲା। ସେହିପରି ବଜ୍ରପାତରେ ଚଣ୍ଡୀମନ୍ଦିର ଦଧିନଉତି ଭାଙ୍ଗିଯିବା ପରେ ସାଂଘାତିକ ଅଭିଯୋଗ ଆଣିଛନ୍ତି ମନ୍ଦିର ନିର୍ମାଣ କରିଥିବା ମିସ୍ତ୍ରୀ କିର୍ତ୍ତନ ମହାରଣା। ସେ କହିଛନ୍ତି ଯେ, ବାସ୍ତୁ ଅନୁସାରେ ନିର୍ମାଣ ହୋଇନାହିଁ ଚଣ୍ଡୀମନ୍ଦିର। ନୟାଗଡ଼ର ମିସ୍ତ୍ରୀ କିର୍ତ୍ତନ ମହାରଣା କହିଛନ୍ତି, ସେ ଆଗରୁ ଏହାକୁ ବିରୋଧ କରିଥିଲେ। ସ୍ଥାନୀୟ ଲୋକେ ମଧ୍ୟ ବିରୋଧ କରିଥିଲେ । ଏନେଇ ହାଇକୋର୍ଟରେ ମଧ୍ୟ କେସ୍ ହୋଇଛି । ବାସ୍ତୁ ଅନୁସାରେ ଆଜି କି କାଲି ମନ୍ଦିର ଭୁଶୁଡ଼ି ଯିବ ତାହା ସ୍ଥିର ନାହିଁ । ମନ୍ଦିରର ଫାଉଣ୍ଡେସନ୍, ଗର୍ଭଗୃହ ଭାଗମାପ କିଛି ସଠିକ୍ ନାହିଁ। ମୁକ୍ତେଶ୍ୱର ମନ୍ଦିର ଢାଞ୍ଚାରେ ନିର୍ମାଣ ହୋଇଛି ମନ୍ଦିର। ତା'ର ପିସ୍ତ ଭାଗ ଠିକ୍ ନାହିଁ । ବାଢ଼, ଗଣ୍ଡି, ସ୍ଥିର ମସ୍ତକରେ ଭାଗ ଠିକ୍ ନାହିଁ। ମନ୍ଦିର କାମ କଣ୍ଟ୍ରାକ୍ଟର କରୁଛନ୍ତି। ଶାସ୍ତ୍ର ଅନୁସାରେ କିଛି କାମ ହୋଇନାହିଁ । ଯେଉଁ ମିସ୍ତ୍ରୀ କରୁଛନ୍ତି, ସେମାନେ ସ୍ଥାନୀୟ ମିସ୍ତ୍ରୀ। ସେମାନଙ୍କର ଶାସ୍ତ୍ରିୟ ଜ୍ଞାନ ନାହିଁ। ଆଜି ବଜ୍ରପାତ ହୋଇଛି, ଆଗକୁ କାହାର ବଂଶ ବି ବୁଡ଼ିଯାଇପାରେ ବୋଲି ସେ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ବଡ଼ ଆକ୍ସନ : ଜଳ ସଂପଦ ବିଭାଗର ୩ ଇଂଜିନିୟର ନିଲମ୍ବିତ



**ଭୁବନେଶ୍ୱର ୦୯/୦୬ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀଙ୍କ ବଡ଼ ଆକ୍ସନ। ଦୁର୍ନୀତି ଅଭିଯୋଗରେ ବଡ଼ କାର୍ଯ୍ୟାନୁଷ୍ଠାନ। ଜଳ ସଂପଦ ବିଭାଗର ୩ ଇଂଜିନିୟର ସସ୍‌ପେଣ୍ଡ। ବରଗଡ଼ ଜଳସେଚନ ଡିଭିଜନର ସୁପାରିଟେଣ୍ଡେଣ୍ଟ ଇଞ୍ଜିନିଅର ମଦନ ମୋହନ ସେଠୀ, ଭେଡେନ ଜଳସେଚନ ସବ ଡିଭିଜନ ଆସିଷ୍ଟାଣ୍ଟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାଜ କୁମାର ମିଶ୍ର, ବରଗଡ଼ କେନାଲ ସେକ୍ସନର ଆସିଷ୍ଟାଣ୍ଟ ଇଞ୍ଜିନିୟର ରଞ୍ଜନ ପଟେଲ ନିଲମ୍ବିତ। ଆର୍ଥିକ ଅନିୟମିତତା ଅଭିଯୋଗରେ ସେମାନଙ୍କୁ ନିଲମ୍ବନ କରାଯାଇଛି। ବରଗଡ଼ ଡିଷ୍ଟ୍ରିବ୍ୟୁଟାରୀ ଉପରେ ବାକ୍ସ କଣ୍ଟୁ ନିର୍ମାଣ, ବରଗଡ଼ କେନାଲ ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନରେ ଅନିୟମିତତା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ହୋଇଛି। ନିଲମ୍ବନ ସମୟରେ ମଦନ ମୋହନ ସେଠୀ ଜଳ ସମ୍ପଦ ବିଭାଗ ସର୍ବୋଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ରାଜ କୁମାର ମିଶ୍ର ଓ ରଞ୍ଜନ ପଟେଲ ମହାନଦୀ ବେସିନ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଓଡ଼ିଶାରେ ବଢୁଛି ପର୍ଯ୍ୟଟକଙ୍କ ସଂଖ୍ୟା : ପୁରୀରେ ୨୨% ବୃଦ୍ଧି

## ୨୦୨୬ ପ୍ରଥମାର୍ଦ୍ଧରେ ଆସିଲେଣି ୫୬,୦୦,୦୦୦



**ପୁରୀ, ୯/୬ ନ୍ୟୁଜ ବ୍ୟୁରୋ**

ଶ୍ରୀଜଗନ୍ନାଥ ଧାମରେ ବଢୁଛି ପର୍ଯ୍ୟଟକଙ୍କ ସଂଖ୍ୟା । ଋଷିଆ-ୟୁକ୍ରେନ ଯୁଦ୍ଧ ଏବଂ ଆମେରିକା-ଇରାନ ଯୁଦ୍ଧକୁ ନେଇ ବିଶ୍ୱରେ ଅସ୍ଥିରତା ଜାରି ରହିଥିବା ସତ୍ତ୍ୱେ, ଓଡ଼ିଶାରେ ଚଳିତ ବର୍ଷ ବଢିଛି ଉଭୟ ଦେଶୀ ଏବଂ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ । ସାମୁଦ୍ରିକ ଜଳକ୍ରୀଡ଼ା, ଦୁଃସାହସିକ ପର୍ଯ୍ୟଟନ ଏବଂ ଅତ୍ୟାଧୁନିକ ହୋଟେଲ୍ ସୁବିଧା ପାଇଁ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ପାଲଟିଛି ଓଡ଼ିଶାର ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ପୁରୀ। ପୁରୀରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ନେଇ ପର୍ଯ୍ୟଟନ ବିଭାଗ ଜାରି କରିଛି ତଥ୍ୟ।

ଓଡ଼ିଶା ପର୍ଯ୍ୟଟନ ବିଭାଗ ତଥ୍ୟ ଅନୁଯାୟୀ, ୨୦୨୬ ମସିହାର ପ୍ରଥମାର୍ଦ୍ଧରେ ଅର୍ଥାତ୍ ଗତ ୫ ମାସ ମଧ୍ୟରେ ଓଡ଼ିଶାକୁ ୫୬ ଲକ୍ଷରୁ ଅଧିକ ପର୍ଯ୍ୟଟକ ଆସିଛନ୍ତି । ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି ଯେ, ପୂର୍ବବର୍ଷ ତୁଳନାରେ ଏଥର ଜଗନ୍ନାଥ ଧାମ ପୁରୀକୁ ୨୨ ପ୍ରତିଶତ ଅଧିକ ପର୍ଯ୍ୟଟକଙ୍କ ଆଗମନ ହୋଇଛି । ୨୦୨୫ ମସିହାରେ ପୁରୀକୁ ୨.୪୩ କୋଟି ପର୍ଯ୍ୟଟକ ଆସିଥିଲେ । ସେହିପରି ଓଡ଼ିଶାକୁ ୧.୧୩ କୋଟିରୁ ଅଧିକ ଦେଶୀ ଓ ୮୭ ହଜାରରୁ ଅଧିକ ବିଦେଶୀ ପର୍ଯ୍ୟଟକ ପୁରୀ ଭ୍ରମଣରେ ଆସିଥିଲେ ।

ପର୍ଯ୍ୟଟନ ବିଭାଗ ତଥ୍ୟ ଅନୁସାରେ, ପୁରୀ ପାଲଟିଛି ପର୍ଯ୍ୟଟକଙ୍କ ପସନ୍ଦ। ଆଉ ଏହା ପଛରେ ମୁଖ୍ୟ କାରଣଗୁଡ଼ିକ ହେଉଛି ପୁରୀରେ ଉନ୍ନତ ପର୍ଯ୍ୟଟନ ଭିତ୍ତିଭୂମି, ଅନୁକୂଳ ଜଳବାୟୁ, ଆଧ୍ୟାତ୍ମିକ ଓ ପ୍ରାକୃତିକ ପରିବେଶ, ସୁଦୀର୍ଘ ଏବଂ ମନୋଲୋଭା ବେଳାଭୂମି। ଓଡ଼ିଶା ସରକାର ପୁରୀ-କୋଣାର୍କ ଉପକୂଳବର୍ତ୍ତୀ ଅଞ୍ଚଳରେ ଇକୋ ଟୁରିଜିମ୍ ଏବଂ ଜଳକ୍ରୀଡ଼ା କାର୍ଯ୍ୟକ୍ରମକୁ ବିସ୍ତାର କରିବା ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ଏନେଇ ଆବଶ୍ୟକ ଭିତ୍ତିଭୂମିର ଉନ୍ନତି କରାଯାଉଛି । ଓଡ଼ିଶା ପର୍ଯ୍ୟଟନ ନୀତି ୨୦୨୬ ଏବଂ ଓଡ଼ଶା ପର୍ଯ୍ୟଟନର 'ଥୀଙ୍କ୍ ଇଣ୍ଡିଆ ଥିଙ୍କ୍ ଓଡ଼ିଶା' ଦୃଷ୍ଟିଭଙ୍ଗୀରେ ଅଧିକ ବ୍ଲୁ ଫ୍ଲାଗ ବିଚ୍ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଯୋଜନା ରଖିଛନ୍ତି ।

ଶ୍ରୀଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟ ମନ୍ଦିର ସାରା ବିଶ୍ୱବାସୀଙ୍କୁ ଆକୃଷ୍ଟ କରୁଛି । ତୀର୍ଥଯାତ୍ରା ପାଇଁ ଏହା ଏକ ସମୃଦ୍ଧ ପର୍ଯ୍ୟଟନସ୍ଥଳୀ ଭାବେ ପର୍ଯ୍ୟଟକଙ୍କ ପାଇଁ ପ୍ରଥମ ପସନ୍ଦ ପାଲଟିଛି । ଚନ୍ଦ୍ରଭାଗା ବେଳାଭୂମି ଜଳକ୍ରୀଡ଼ା ଏବଂ ଦୁଃସାହସିକ ପର୍ଯ୍ୟଟନର ଏକ ପ୍ରମୁଖ ସ୍ଥାନ ଭାବେ ଉଭା ହୋଇଛି । ସମସ୍ତ ସୁରକ୍ଷା ବ୍ୟବସ୍ଥା ସହ ଜେଟ୍ ସ୍କିଂ, ପାରାସେଲିଂ ଏବଂ କାୟାକିଂ ସମେତ ବିଭିନ୍ନ ସାମୁଦ୍ରିକ ଜଳକ୍ରୀଡ଼ା କରାଯାଉଛି । ଏହାଛଡା ପର୍ଯ୍ୟଟନକୁ ଅଧିକ ବ୍ୟାପକ କରିବା ପାଇଁ ରାମଚଣ୍ଡୀ ଏବଂ ବାଲିଘାଇ ବେଳାଭୂମିରେ ଇକୋ ରିଟ୍ରିଟ୍ ଏବଂ ନେଚର କ୍ୟାମ୍ପ ସ୍ଥାପନ କରାଯାଇଛି । ଯାହାକି ପର୍ଯ୍ୟଟକଙ୍କୁ ଏକ ନିଆରା ଅନୁଭୂତି ପ୍ରଦାନ କରୁଛି । ପୁରୀ, କୋଣାର୍କ ଏବଂ ଚିଲିକାକୁ ନେଇ ସମନ୍ୱିତ ପର୍ଯ୍ୟଟନ ସର୍କିଟ ସହିତ ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ଦ୍ୱାରା ପର୍ଯ୍ୟଟକଙ୍କ ଅଧିକ ରହଣି ବୃଦ୍ଧି ପାଇବ ବୋଲି ସରକାର ଆଶା ରଖିଛନ୍ତି। ଚଳିତବର୍ଷ ୫ କୋଟି ପର୍ଯ୍ୟଟକଙ୍କ ଆଗମନ ହେବା ନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ।

ହୋଟେଲିଅର ଯୁବବ୍ରତ କର କହିଛନ୍ତି, 'ପୁରୀରେ ହୋଟେଲଠାରୁ ଅଟୋ ବ୍ୟବସାୟ ସବୁକିଛି ପର୍ଯ୍ୟଟକଙ୍କ ଉପରେ ନିର୍ଭରଶୀଳ । ଏଥର ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବା ଶୁଭ ଖବର । ଏବେ ଖରାଛୁଟି ଚାଲିଥିବାରୁ ଅଧିକ ପର୍ଯ୍ୟଟକ ଆସୁଛନ୍ତି । ସବୁ ହୋଟେଲରେ ଶତ ପ୍ରତିଶତ ବୁକିଂ ରହିଛି । ଆଧ୍ୟାତ୍ମିକ ପର୍ଯ୍ୟଟନର ଚାହିଦା ବେଶ୍ ବୃଦ୍ଧି ପାଇବାରେ ଲାଗିଛି । ଏବେ ପୁରୀ ଦେଶର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ମାନ୍ୟତା ହାସଲ କରିଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହିତ ସୁନ୍ଦର ବେଳାଭୂମି, ବ୍ଲୁ ଫ୍ଲାଗ ବିଚ୍, କୋଣାର୍କ, ଚିଲିକା ଭଳି ସ୍ଥାନରେ ପରିବାର ସହ ସମୟ ବିତାଇବା ବହୁତ୍ ଭଲ ସ୍ଥାନ ।' ଆଜିର ଅନଲାଇନ ଯୁଗରେ ରେଟିଂରେ ଖରାପ ଫିଡବ୍ୟାକ୍ ରହିଲେ ଆଗାମୀ ଦିନରେ ପର୍ଯ୍ୟଟକଙ୍କ ଆଗମନ ହ୍ରାସ ଘଟିପାରେ। ଏଣୁ ପର୍ଯ୍ୟଟକଙ୍କ ମୌଳିକ ସୁବିଧାରେ ଯେଭଳି କୌଣସି ସମସ୍ୟା ସୃଷ୍ଟି ନ ହୁଏ, ସରକାରଙ୍କୁ ଏ ଦିଗରେ ଏକ ସ୍ୱତନ୍ତ୍ର ରୋଡମ୍ୟାପ୍ ପ୍ରସ୍ତୁତ କରି କାର୍ଯ୍ୟ କରିବାକୁ ପଡିବ । ଏଠାକୁ ଅନେକ ଯୁବପିଢ଼ି ବୁଲିବାକୁ ଆସୁଛନ୍ତି । ସୋସିଆଲ ମିଡିଆ ଯୁଗରେ କିଛି ଦୁଃସାହସିକ କାର୍ଯ୍ୟ କରିବା ଏମାନଙ୍କ ପ୍ରଥମ ପସନ୍ଦ । ଏଣୁ ବେଳାଭୂମିରେ ସୁରକ୍ଷା ସହିତ ୱାଟର ସ୍ପୋର୍ଟସ, ଦୁଃସାହସିକ ଜଳକ୍ରୀଡା ଅଧିକରୁ ଅଧିକ ହେବା ଉଚିତ ବୋଲି ମତ ଦେଇଛନ୍ତି ହୋଟେଲିଅର ଯୁବବ୍ରତ।

ପୁରୀ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ କହିଛନ୍ତି, 'ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧିକୁ ନଜରରେ ରଖି ରାଜ୍ୟ ସରକାର ଯୋଗାଯୋଗରେ ଉନ୍ନତି ସହିତ ବିଭିନ୍ନ ଭିତ୍ତିଭୂମି ନିର୍ମାଣ କରୁଛନ୍ତି । ପୁରୀକୁ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ତାରକା ହୋଟେଲ ନିର୍ମାଣ ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ପୁରୀରେ ଏବେ ୫ଟି ସଂସ୍ଥା ଆଡଭେଞ୍ଚର୍ ସ୍ପୋର୍ଟର୍ସ ଉପରେ କାର୍ଯ୍ୟ କରୁଛନ୍ତି । ଆଗାମୀ ଦିନରେ ଏହି ସଂଖ୍ୟା ବୃଦ୍ଧି କରାଯିବାକୁ ଯୋଜନା ରହିଛି ।'